# ନିତିଦିନ
NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • | ₹ 6/-


www.nitidin.com
twitter.com/nitidintoday
facebook.com/nitidintoday

WEDNESDAY
30 JULY 2025
ବୁଧବାର
୩୦ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 76 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୭୬ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର


## ସହକାରୀ ଯନ୍ତ୍ରୀଙ୍କ ବିପୁଳ ସମ୍ପତ୍ତି ଠାବ

### ଏକକାଳୀନ ୧୦ ସ୍ଥାନରେ ଚଢ଼ଉ



**କଟକ,ନୟାଗଡ଼,୨୯।୭/ଏନ୍ଏନ୍ଏସ୍:**

ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଆର୍ ଆଣ୍ଡ ବି ଡିଭିଜନ୍-୨ର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ପୈତୃକ ଘର ସମେତ ୧୦ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ଉ କରୁଛି। ଏପରିକି ନୟାଗଡ଼ରେ ୧୩ ମୂଲ୍ୟବାନ ପ୍ଲଟ୍ ସହିତ ବହୁ ବେନାମୀ ସମ୍ପତ୍ତି ଠାବ କରିଛି। ଭୁବନେଶ୍ୱରର ୮ ଏବଂ ନୟାଗଡ଼ର ୨ଟି ସ୍ଥାନରେ ଏକକାଳୀନ ଚଢ଼ଉ ଜାରି ରହିଛି। ଏଗୁଡ଼ିକ ମଧ୍ୟରେ ନୀଳାଦ୍ରି ବିହାର ସେକ୍ଟର୍-୫ ପ୍ଲଟ୍ ନମ୍ବର ୨୨୬ରେ ଥିବା ତିନିମହଲା କୋଠା, କସ୍ମୋପଲିସ୍ ଅଷ୍ଟମ ମହଲାରେ ଫ୍ଲାଟ୍ ନମ୍ବର ଇ-୦୮୩, ପାହାଲସ୍ଥିତ ସିମ୍ଫନି ମଲ୍‌ରେ ଦୋକାନ ନମ୍ବର ୧୬, ନୟାଗଡ଼ ଜଗନ୍ନାଥପ୍ରସାଦରେ ଅବସ୍ଥିତ ପୈତୃକ ଘର, ଶ୍ରୀ ଜେନାଙ୍କ କାର୍ଯ୍ୟାଳୟ ଚାମ୍ବର, ପଟିଆରେ ଥିବା ତାଙ୍କ ଶ୍ୱଶୁରଙ୍କ ଘର, ନୟାଗଡ଼ର ଶିବାଜୀନଗରରେ ଥିବା ତାଙ୍କ ଅନ୍ୟ ଜଣେ ଶ୍ୱଶୁରଙ୍କ ଘର, ଟାୱାର ଏଚ୍ କସ୍ମୋପଲିସ୍‌ର ଫ୍ଲାଟ୍ ନମ୍ବର ଏଚ୍-୧୬୪, ଡୁମଡୁମାସ୍ଥିତ ପ୍ଲଟ୍ ନମ୍ବର୍ ୫୪୯/୩୧୭୭/୩୩୬୮ ଏବଂ ଜାଗମରାରେ ୬୧୭ ନଂ ପ୍ଲଟ୍‌ସ୍ଥିତ ମେସର୍ସ ଏଏସ୍ଏନ୍ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଏକକାଳୀନ ଚଢ଼ଉ କରାଯାଇଛି। ଏଥିସହିତ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ସୁନା ଗହଣା ଜବତ ହୋଇଛି। ତେବେ ଜଣେ ଯନ୍ତ୍ରୀ କିପରି କୋଟି କୋଟି ଟଙ୍କାର ମାଲିକ ଓ ସିମ୍ଫୋନି ମଲ୍ ଭଳି ବଡ଼ ବଡ଼ ମଲ୍‌ରେ ବ୍ୟବସାୟ କରୁଥିଲେ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି। ଭୁବନେଶ୍ୱର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ୭ଜଣ ଡିଏସ୍‌ପି, ୫ ଜଣ ଇନ୍ସପେକ୍ଟର, ୧୧ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଉଛି।

## ୪ ବ୍ଲକ୍‌କୁ ସ୍ୱର୍ଣ୍ଣ, ୭କୁ ରୌପ୍ୟ, ୩କୁ କାଂସ୍ୟ ଓ ୧୧ ବ୍ଲକ୍‌କୁ ତାମ୍ରପଦକ

# ଆକାଂକ୍ଷୀ ଜିଲ୍ଲାରେ ପୂରଣ ହେବ ଆକାଂକ୍ଷା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆସ୍ପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକ କାର୍ଯ୍ୟକ୍ରମ ଏକ ସଫଳ ମଡେଲ୍ ସାବ୍ୟସ୍ତ ହୋଇଛି। ଏଥିସହିତ ଆଗାମୀ ଦିନଗୁଡ଼ିକରେ ଆକାଂକ୍ଷୀ ଜିଲ୍ଲାର ଆକାଂକ୍ଷା ପୂରଣହେବ। ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ କନ୍‌ଭେନସନ୍ କେନ୍ଦ୍ରଠାରେ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଏକସପ୍ତାହ ବ୍ୟାପି ଆକାଂକ୍ଷା ହାଟ ଅଭିଯାନ ଆରମ୍ଭ କରିବା ପାଇଁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ଯୋଜନା କିପରି କାର୍ଯ୍ୟକାରୀ କରାଯାଇପାରିବ ତା'ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି, ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ଦକ୍ଷତା ବିକାଶକୁ ଆଧାର କରି ସାମାଜିକ ଅର୍ଥନୈତିକ ସୂଚକାଙ୍କ ମାଧ୍ୟମରେ ସମାବେଶୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରାଯାଉଛି। ଜିଲ୍ଲା ପରେ ଏବେ ବ୍ଲକକୁ ଏହି ଯୋଜନାର ସମ୍ପ୍ରସାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩-'ସି' ଯଥା- କନ୍‌ଭର୍‌ଜେନ୍ସ ଅର୍ଥାତ୍ କେନ୍ଦ୍ର ଓ ରାଜ୍ୟ ଯୋଜନାର ସମନ୍ୱୟ, କୋଲାବରେସନ୍ ଅର୍ଥାତ୍- କେନ୍ଦ୍ର, ରାଜ୍ୟ, ଜିଲ୍ଲା ଓ ନାଗରିକଙ୍କ ମଧ୍ୟରେ ସହଯୋଗ, ଏବଂ ପ୍ରତିଯୋଗିତା ଅର୍ଥାତ୍- ପ୍ରମୁଖ




ପ୍ରଦର୍ଶନ ସୂଚକାଙ୍କରେ ଜିଲ୍ଲାମାନଙ୍କ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଗମ ଏବଂ ଅଳ୍ପ ବିକଶିତ ବ୍ଲକ୍‌ଗୁଡିକରେ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ସହିତ ସେମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରାଯାଉଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ- 'ଭୋକାଲ୍ ଫର୍ ଲୋକାଲ୍' ଆଜି ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହାକୁ ବାସ୍ତବ ରୂପଦେବା ନିମନ୍ତେ ୨୦୨୪ ମସିହାରେ 'ଆକାଂକ୍ଷା ବ୍ରାଣ୍ଡ'ର ଶୁଭାରମ୍ଭ କରାଯାଇଛି। ମୁଁ ଅତ୍ୟନ୍ତ ଖୁସିର ସହ ଘୋଷଣା କରୁଛି, ଏହି ଆକାଂକ୍ଷା ବ୍ରାଣ୍ଡ୍‌କୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଏକ ସପ୍ତାହବ୍ୟାପୀ ଆକାଂକ୍ଷା ହାଟ ଅଭିଯାନ ଆଜିଠାରୁ ଆରମ୍ଭ କରାଯାଉଛି। ଏହି ଅଭିଯାନ ଦ୍ୱାରା ଆମ ରାଜ୍ୟର ଦୁର୍ଗମ ତଥା ଅନୁନ୍ନତ ଅଞ୍ଚଳରେ ସ୍ଥାନୀୟ ଉତ୍ପାଦିତ ସାମଗ୍ରୀଗୁଡ଼ିକର ବଜାର ଉପଲବ୍ଧତା ବୃଦ୍ଧିପାଇବ। ଏହା ମାଧ୍ୟମରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଚାଷୀ, କାରିଗର, ବୁଣାକାର ଭାଇ ଓ ଭଉଣୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ହେବା ସହ ଉପଭୋକ୍ତାମାନଙ୍କୁ ସ୍ଥାନୀୟ ଉତ୍ପାଦଗୁଡ଼ିକ ସୁଲଭ ଏବଂ ସଠିକ ଦରରେ ମିଳିପାରିବ। ଆକାଂକ୍ଷା ହାଟ ଅନ୍ତର୍ଗତ ସ୍ଥାନୀୟ ଉତ୍ପାଦଗୁଡ଼ିକୁ ରାଜ୍ୟ ତଥା ରାଜ୍ୟ ବାହାରେ ମାର୍କେଟିଙ୍ଗ୍ ନିମନ୍ତେ ଡିଜିଟାଲ୍ ଇ-ବଜାରଗୁଡ଼ିକରେ ମଧ୍ୟ ଉପଲବ୍ଧ କରାଯିବ। ଏହା ଦ୍ୱାରା ଏହି ଉତ୍ପାଦଗିତ୍ତକର ବଜାର ସଂଯୋଗ ଏବଂ ଉପଭୋକ୍ତା ସଂଖ୍ୟା ଆହୁରି ବ୍ୟାପକ ହୋଇପାରିବ। ବଜାର ଚାହିଦା ଅନୁଯାୟୀ ଉତ୍ପାଦଗୁଡ଼ିକର ମାନକ, ମୂଲ୍ୟ ନିର୍ଦ୍ଧାରଣ ଏବଂ ଉପଲବ୍ଧତା ବୃଦ୍ଧି

**ଦୁର୍ଗମ ଜିଲ୍ଲାକୁ ଯୋଗାଯୋଗ, ପରିବହନକୁ ପ୍ରାଥମିକତା**

**ସ୍ଥାନୀୟ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ସଫଳ ମଡେଲ୍**

ନିମନ୍ତେ ଆକାଂକ୍ଷା ବ୍ରାଣ୍ଡ୍‌ର ବ୍ୟବହାରକୁ ଅଧିକ ପ୍ରୋତ୍ସାହିତ କରାଯିବ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମକୁ ୨୦୧୮ ଜାନୁୟାରୀ ମାସରେ ଶୁଭାରମ୍ଭ କରିଥିଲେ। ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମର ସଫଳତା ପରେ ୨୦୨୩ ଜାନୁୟାରୀରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥିଲା। ଓଡ଼ିଶାର ମଧ୍ୟ ୧୦ଟି ଜିଲ୍ଲାରେ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ (ଏଡିପି) ▶▶ ୫

### ମୟୂରଭଞ୍ଜରେ ଡବଲ୍ ମର୍ଡର୍

## ମାଟି ତଳୁ ୨ ମୃତଦେହ ଉଦ୍ଧାର



**ବାରିପଦା,୨୯।୭/ଏନ୍ଏନ୍ଏସ୍:**

ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ବଡ଼ ନୂଆଗାଁରେ ଶିହରଣ ସୃଷ୍ଟି କରିବା ଭଳି ଘଟଣା ଘଟିଛି। ସ୍ତ୍ରୀ, ଶାଶୂଙ୍କୁ ଅତି ଜଘନ୍ୟ ଭାବେ ହତ୍ୟାକରି ଜ୍ୱାଇଁ ବାଡ଼ିରେ ପୋତିଦେବା ସହ ସେଠାରେ କଦଳୀଗଛ ଲଗାଇଥିଲା ବେଳେ ପୁଲିସ ପହଞ୍ଚି ମୃତଦେହ ଦୁଇଟି ଉଦ୍ଧାର

**ସ୍ତ୍ରୀ, ଶାଶୂଙ୍କୁ ପୋତି କଦଳୀଗଛ ଲଗାଇଲା ଜ୍ୱାଇଁ**

କରିଛି। ମୃତ ମା' ଓ ଝିଅ ହେଲେ ସୋନାଲି ଦଳେଇ (୨୩) ଓ ସୁମତି ଦଳେଇ (୫୫)। ଅଭିଯୁକ୍ତ ଜ୍ୱାଇଁ ଦେବାଶିଷ ପାତ୍ର ବୋଲି ଜଣାପଡ଼ିଛି।

ସୂଚନା ମୁତାବକ ଦେବାଶିଷ ପାତ୍ର ଆମ୍ବଡୁବି ଗ୍ରାମର ଲକ୍ଷ୍ମୀଧର ଦଳେଇଙ୍କ ଝିଅ ସୋନାଲି ଦଳେଇଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ଗୋଟିଏ ଏକବର୍ଷର ପୁତ୍ର ସନ୍ତାନ ରହିଛି। ଦେବାଶିଷ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କୁଆବୁଡ଼ା ସବ୍‌ସେଣ୍ଟର୍‌ରେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଭାବେ କାର୍ଯ୍ୟ କରନ୍ତି। କୌଣସି ଘରୋଇ କଳହ କାରଣ ପାଇଁ ଦେବାଶିଷ ସ୍ତ୍ରୀ ସୋନାଲି ଓ ଶାଶୂ ସୁମତି ଦଳେଇ ଦୁଇଜଣଙ୍କୁ ଗତ ୧୯ ତାରିଖ ଦିନ ପଥରରେ ଛେଚି ହତ୍ୟା କରିଥିଲା। ପରେ ନିଜ ଲେମ୍ବୁବାଡ଼ିରେ ଗାତ ଖୋଳି ମୃତଦେହ ଦୁଇଟିକୁ ପୋତି ଦେଇଥିଲା। ତେବେ ଲୋକଙ୍କ ସନ୍ଦେହ ଏଡ଼ାଇବା ପାଇଁ ପୋତା ସ୍ଥାନ ଉପରେ କଦଳୀଗଛ ଲଗାଇଥିଲା। ତେବେ କିଛିଦିନ ଧରି ହତ୍ୟାକାରୀଙ୍କ ସ୍ତ୍ରୀ ନିଖୋଜ ଥିବାରୁ ଗ୍ରାମବାସୀଙ୍କ ସନ୍ଦେହ ହେବାରୁ ବାଡ଼ିରେ ଗାତ ଖୋଳି ପୋତା ଯାଇଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାତଖୋଳି ମୃତଦେହ ଦୁଇଟିକୁ ଉଦ୍ଧାର କରିଛି। ଥାନା ଆଇଆଇସି ମଧୁମିତା ମହାନ୍ତି, ମାଜିଷ୍ଟ୍ରେଟ୍ ଦୁର୍ଗା ଚରଣ ମୁର୍ମୁଙ୍କ ଉପସ୍ଥିତରେ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତ ପୁଲିସ ଆଗରେ ହତ୍ୟାକରି ପୋତି ଦେଇଥିବା କଥା ସ୍ୱୀକାର କରିଛି। ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

## ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା

**ପୁରୀ,୨୯।୭/ଏନ୍ଏନ୍ଏସ୍:**

ଶ୍ରୀମନ୍ଦିର ଭିତରେ ହିଡେନ୍ କ୍ୟାମେରା। ଜଣେ ଯୁବକ ଶ୍ରୀମନ୍ଦିର ଭିତରକୁ ହିଡେନ୍ କ୍ୟାମେରା ନେଇ ପୁଲିସ ହାତରେ ଧରାପଡ଼ିଛନ୍ତି। ସିଂହଦ୍ୱାର ଥାନା ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରିବା ସହ କ୍ୟାମେରା ଓ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି।

ସୂଚନା ମୁତାବକ, ଅଟକ ଯୁବକ ଜଣକ ପୁରୀ ଗଜପତି ନଗରର ଅଭିସିତ୍ କର ବୋଲି ଜଣାପଡ଼ିଛି। ତେବେ ତାଙ୍କ ସହ କେଉଁ ସେବକ ଯାଇଥିଲେ, ସେନେଇ ସିଂହଦ୍ୱାର ଥାନା ପୁଲିସ ତଦନ୍ତ କରୁଛି। ତେବେ ସମ୍ପୃକ୍ତ ଯୁବକ ଜଣକ ଅଭିନବ ଉପାୟରେ ଶ୍ରୀମନ୍ଦିର ଭିତରେ ଫଟୋ ଓ ଭିଡିଓ ହିଡେନ୍ କ୍ୟାମେରା ମାଧ୍ୟମରେ କଏଦ କରିଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତ ନିଜ ଚଷମାରେ ହିଡେନ୍ କ୍ୟାମେରା ଲେନ୍ସ ଲଗାଇ ଶ୍ରୀମନ୍ଦିରର ଭିତର ଭିଜୁଆଲ୍ ଉତ୍ତୋଳନ କରୁଥିଲେ। ଚଷମାରେ ଲାଗିଥିବା ଲେନ୍ସରୁ ଫଟୋ ଓ ଭିଡିଓ ସିଧାସଳଖ ମୋବାଇଲ୍‌କୁ ଟ୍ରାନ୍ସଫର୍ ହେବାର ସୁବିଧା ରହିଛି ଏହି କ୍ୟାମେରାରେ। ତେବେ ବେହରଣ ଦ୍ୱାର ନିକଟରେ



- ପଚରାଉଚରା ପରେ ନୋଟିସ୍ ଦେଇ ଅଭିଯୁକ୍ତକୁ ଛାଡ଼ିଲା ପୁଲିସ
- ତଦନ୍ତ ରିପୋର୍ଟ ଆସିଲା ପରେ କାର୍ଯ୍ୟାନୁଷ୍ଠାନ: ଅତିରିକ୍ତ ଏସ୍‌ପି

ପୁଲିସ ସନ୍ଦେହ କରିବାରୁ ସମ୍ପୃକ୍ତ ଯୁବକକୁ ଧରି ସିଂହଦ୍ୱାର ଥାନାକୁ ନେଇଥିଲା। ସେପଟେ ଶ୍ରୀମନ୍ଦିର ଚାରି ଦ୍ୱାରରେ କଡ଼ା ସୁରକ୍ଷା ଏବଂ ଚେକିଂ ସତ୍ତ୍ୱେ ଶ୍ରୀମନ୍ଦିର ଭିତରକୁ ଏହି ଯୁବକ ଜଣକ କ୍ୟାମେରା ଓ ମୋବାଇଲ୍ ଫୋନ୍ ନେବାକୁ କିଭଳି ସାହାସ କଲେ ତାକୁ ନେଇ ଏବେ ସୁରକ୍ଷା ବ୍ୟବସ୍ଥା ଉପରେ ▶▶ ୫

## ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷ ସମ୍ମିଳନୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ଅଗଷ୍ଟ ମାସ ୨୯ ଓ ୩୦ତାରିଖରେ ଭୁବନେଶ୍ୱରଠାରେ ପାର୍ଲାମେଣ୍ଟ/ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ କମିଟିର ଅଧ୍ୟକ୍ଷଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପବାଚସ୍ପତି ଭାବନୀଶଙ୍କର ଭୋଇ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ମୁଖ୍ୟ ସଚେତକ ସରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ। ଆଲୋଚନା ଅନୁଯାୟୀ ଏହି ଜାତୀୟ ସମ୍ମିଳନୀରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା, ରାଜ୍ୟସଭାର ଉପାଧ୍ୟକ୍ଷ ଡ. ହରିବଂଶ, ସାଂସଦ ଓ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କମିଟି ଅଧ୍ୟକ୍ଷ ▶▶ ୫


**ଯୋଗଦେବେ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି**

### ଟ୍ରକ୍‌କୁ ଧକ୍କା ଦେଲା ବସ୍

## ୧୮ କାଉଡ଼ିଆ ମୃତ, ୨୦ ଆହତ

**ରାଞ୍ଚି,୨୯।୭/ଏଜେନ୍ସି:**

ଝାଡ଼ଖଣ୍ଡର ଡୁମ୍‌କା ଜିଲ୍ଲାରେ ଏକ ଭୟାବହ ସଡ଼କ ଦୁର୍ଘଟଣାରେ ୧୮ଜଣ ପ୍ରାଣ ହରାଇଛନ୍ତି। ରିପୋର୍ଟ ଅନୁସାରେ କିଛି କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଗ୍ୟାସ୍ ସିଲିଣ୍ଡର୍ ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଛି। ଇନ୍ସପେକ୍ଟର୍ ଜେନେରାଲ୍ (ଡୁମ୍‌କା ଜୋନ୍) ଶୈଳେନ୍ଦ୍ର କୁମାର ସିହ୍ନା ପିଟିଆଇକୁ ସୂଚନା ଦେଇ କହିଛନ୍ତି ଯେ ଦେଓଘରର ମୋହନପୁର ଥାନା ଅନ୍ତର୍ଗତ ଜାମୁନିଆ ଜଙ୍ଗଲ ନିକଟରେ କାଉଡ଼ିଆଙ୍କୁ ନେଇଯାଉଥିବା ଏକ ୩୨ ସିଟ୍ ବିଶିଷ୍ଟ ବସ୍ ଏକ ଟ୍ରକ୍ ସହିତ



ଧକ୍କା ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀ ପୁଲିସ୍‌କୁ ଦେଇଥିବା ବୟାନ୍ ଅନୁସାରେ ବସ୍‌ଟି ଅତ୍ୟଧିକ ବେଗରେ ଯାଉଥିବା ବେଳେ ଚାଳକ ନିୟନ୍ତ୍ରଣ ହରାଇଥିଲେ, ଯାହା ଫଳରେ ଏହି ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଅଧିକାଂଶ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ମଙ୍ଗଳବାର ଭୋର୍ ପ୍ରାୟ ୪.୩୦ ସମୟରେ ଘଟିଥିବା କୁହାଯାଉଛି।

ସ୍ଥାନୀୟ ପୁଲିସ ଓ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ▶▶ ୫

### ଅପରେସନ୍ ସିନ୍ଦୂର' ଉପରେ ଚର୍ଚ୍ଚା ଜାରି: ପ୍ରଧାନମନ୍ତ୍ରୀ ରଖିଲେ ବିବୃତି

## '୨୨ ମିନିଟ୍‌ରେ ନେଇଛୁ ପହଲଗାମ୍‌ର ପ୍ରତିଶୋଧ'

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:**

ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ସଂସଦରେ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ଲୋକସଭାରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର' ସମ୍ପର୍କୀତ ଆଲୋଚନାଚକ୍ରରେ ସାମିଲ ହୋଇଛନ୍ତି। ମୋଦୀ ନିଜ ଭାଷଣରେ କହିଛନ୍ତି, ୨୨ ଏପ୍ରିଲ୍‌ର ଆକ୍ରମଣର ପ୍ରତିଶୋଧ ୨୨ ମିନିଟ୍ ମଧ୍ୟରେ ନିଆଯାଇଥିଲା। ୬ ମେ' ରାତି ଓ ୭ ମେ' ସକାଳେ ଭାରତୀୟ ସେନା ନିର୍ଦ୍ଧାରିତ ଲକ୍ଷ୍ୟ ସହିତ ୯ଟି ଆତଙ୍କବାଦୀ ଶିବିର ସମେତ ପାକିସ୍ତାନର ଅନେକ ଏୟାରବେସ୍‌କୁ ଉଡାଇ




ଦେଇଥିଲା। ଭାରତୀୟ ସେନାର ପ୍ରଚଣ୍ଡ ପରାକ୍ରମ ତଥା ଆକ୍ରମଣରେ ଧୂଳିସାତ୍ ହୋଇଯାଇଥିବା ପାକିସ୍ତାନର ଅନେକ ସାମରିକ ଆଡ୍ଡା ଆଜି ବି ଆଇସିୟୁରେ ପଡ଼ିରହିଛି। ପାକିସ୍ତାନ ଭାରତର ଏପ୍ରକାର ଆକ୍ରମଣକୁ କଦାପି ଭୁଲିପାରିବ ନାହିଁ। ଭାରତୀୟ ସେନା ଅପରେସନ୍ ସିନ୍ଦୂର' ମାଧ୍ୟମରେ ପାକିସ୍ତାନରେ ଥିବା ଆତଙ୍କବାଦୀଙ୍କ ଆଡ୍ଡାକୁ କେବଳ ନଷ୍ଟ କରିଛି ତାହା ନୁହେଁ ପାକିସ୍ତାନରେ ନିର୍ଭୟରେ ବିଚରଣ କରୁଥିବା ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କୁ ମଧ୍ୟ ନିପାତ କରି ପାକିସ୍ତାନର ଅଣ୍ଟା ଭାଙ୍ଗିଦେଇଛି। ଆଜି ସେ ଏହି ଆଲୋଚନାର ମୁଖ୍ୟ ବିଷୟବସ୍ତୁ ସମ୍ପର୍କରେ ଭାରତର ପକ୍ଷ ରଖିବା ପାଇଁ ଏବଂ ଯେଉଁମାନେ ▶▶ ୫

### ଆଉ ୨ ଦିନ ପ୍ରବଳ ବର୍ଷା

## ୨୪ ଘଣ୍ଟାରେ ୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:**

ଆସନ୍ତା ୨ ଦିନ ଓଡ଼ିଶାରେ ପ୍ରବଳ ବର୍ଷିବ। ଦକ୍ଷିଣ ବାଂଲାଦେଶ ଏବଂ ଏହାର ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଯାହାର ପ୍ରଭାବରେ ରାଜ୍ୟରେ ଅନେକ ସ୍ଥାନରେ ବିଶେଷ କରି ଉତ୍ତର ଆଭ୍ୟନ୍ତରଣ, ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷାନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କରିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ପାଇଁ ୫ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି, ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହିପରି ହାଲୁକାରୁ ମଧ୍ୟମ ଧରଣର ବର୍ଷା



**ରାଜ୍ୟରେ ଏପର୍ଯ୍ୟନ୍ତ ୫୯୬.୯ ମିମି ବର୍ଷା ରେକର୍ଡ**

ସହ ବିଜୁଳି ଘଡ଼ଘଡ଼ି ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାକୁ ▶▶ ୫

## ସ୍ତ୍ରୀକୁ ମିଛରେ ନିଖୋଜ ଦର୍ଶାଇବା ମହଙ୍ଗା ପଡ଼ିଲା

# କୋର୍ଟଙ୍କ ସମୟ ଅପଚୟ କରିଥିବାରୁ ୨୫ ହଜାର ଦଣ୍ଡ

**କଟକ,୨୯/୭/ଏନ୍ଏନ୍ଏସ୍:** ବାପଘରକୁ ଯାଇଥିବା ସ୍ତ୍ରୀକୁ ମିଛରେ ନିଖୋଜ ଦର୍ଶାଇ ମାମଲା ଦାୟର କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଅଦାଲତଙ୍କ ମୂଲ୍ୟବାନ ସମୟ ଅପଚୟ କରିଥିବା କାରଣରୁ ହାଇକୋର୍ଟ ସଂପୃକ୍ତ ଯୁବକ ଉପରେ ୨୫ ହଜାର ଟଙ୍କାର ଫାଇନ୍ ଲଗାଇଛନ୍ତି। ୩ ସପ୍ତାହ ମଧ୍ୟରେ ଉପରୋକ୍ତ ଅର୍ଥରାଶି ରାଜ୍ୟ ଆଇନସେବା ପ୍ରାଧିକରଣରେ ଦାଖଲ କରିବାକୁ ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଯୁବକ ପ୍ରକାଶ କୁମାର ନାହାକଙ୍କ ପକ୍ଷରୁ ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ଓ ବିଚାରପତି ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ ଆବେଦନକାରୀ ଯୁବକ ତାଙ୍କ ପତ୍ନୀ ଗତ ଏପ୍ରିଲ୍ ୨୧ ତାରିଖରୁ ନିଖୋଜ ଥିବା ଦର୍ଶାଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ କରିଥିଲେ। ଏପରିକି ଖଣ୍ଡପଡ଼ା ଥାନାରେ ତାଙ୍କ ପତ୍ନୀଙ୍କ ନିଖୋଜ ସମ୍ପର୍କିତ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ତେବେ ପୁଲିସ୍ ଏ ସମ୍ପର୍କରେ ପଦକ୍ଷେପ ନେଉନଥିବା ଦର୍ଶାଇ ଆବେଦନକାରୀ ଏଥିପାଇଁ ପୁଲିସ୍‌କୁ ଦାୟୀ କରିଥିଲେ। ଏହାପରେ ସେ ହାଇକୋର୍ଟରେ ଏକ ହେବିୟସ୍ କର୍ପସ୍ ମାମଲା ଦାୟର କରିଥିଲେ। ହାଇକୋଟରେ ଆଜି ଶୁଣାଣି ବେଳେ ପୁଲିସ୍ ରିପୋର୍ଟ ଆଧାରରେ ରାଜ୍ୟ ସରକାର ଦର୍ଶାଇଥିଲେ ଯେ ଆବେଦନକାରୀ ତାଙ୍କ ପତ୍ନୀ ନିଖୋଜ ଥିବା ଦର୍ଶାଇ ଯେଉଁ ଅଭିଯୋଗ କରିଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ପୁଲିସ୍ ତଦନ୍ତ ବେଳେ ଜଣା ପଡ଼ିଥିଲା ଯେ ଆବେଦନକାରୀଙ୍କ ପତ୍ନୀ ନିଖୋଜ ନାହାନ୍ତି ବରଂ ବିବାହର ଏକମାସ ପରେ ସେ ତାଙ୍କ ବାପ ଘରକୁ ଯାଇଥିଲେ। ସେଠାରେ ଆବେଦନକାରୀ ନିଜ ଶ୍ୱଶୁର ଘରେ ନିଜ ପତ୍ନୀଙ୍କ ସହ ମଧ୍ୟ ରହୁଥିବା ଖବର ପୁଲିସ୍ ତଦନ୍ତ ବେଳେ ସ୍ପଷ୍ଟ ହୋଇଥିଲା। ଏହି ଖବର ପରେ ମଧ୍ୟ ଆବେଦନକାରୀ ଜାଣିଶୁଣି କୋର୍ଟଙ୍କୁ ଅବଗତ କରିନଥିଲେ। ଏପରିସ୍ଥିତିରେ ଆବେଦନକାରୀ କୋର୍ଟଙ୍କ ବହୁମୂଲ୍ୟ ସମୟ ନଷ୍ଟ କରିଥିବାରୁ ହାଇକୋର୍ଟ ଆବେଦନକାରୀଙ୍କ ହେବିୟସ୍ କର୍ପସ୍ ଆବେଦନକୁ ଖାରଜ କରିବା ସହ ଆବେଦନକାରୀଙ୍କ ଉପରେ ୨୫ ହଜାର ଟଙ୍କା କଷ୍ଟ୍ କରିଛନ୍ତି।

## ଆଇଏଏସ୍ ତେଜସ୍ୱିନୀ ପାଇବେ ‘ଧନେଶ୍ୱର ରଥ ସ୍ମୃତି ସମ୍ମାନ’



**କଟକ,୨୯/୭/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଉଚ୍ଚପଦା ପଞ୍ଚାୟତ ଝାଡେଶ୍ୱର-କଡ଼େଇ ଗ୍ରାମର ଝିଅ ତେଜସ୍ୱିନୀ ବେହେରା, ଆଇଏଏସ୍ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ‘ପୂଜ୍ୟପୂଜା ସମାରୋହ’ରେ ପ୍ରଦାନ କରାଯାଉଥିବା କର୍ମଯୋଗୀ ‘ଧନେଶ୍ୱର ରଥ ସ୍ମୃତି ସମ୍ମାନ-୨୦୨୫’ ପାଇବା ଲାଗି ମନୋନୀତ ହୋଇଛନ୍ତି। ୨୦୨୩ ବ୍ୟାଚ୍ ଓଡ଼ିଶା କ୍ୟାଡର୍‌ର ତେଜସ୍ୱିନୀ ଆଇଏଏସ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୫୧୬ ର୍‍ୟାଙ୍କ୍ ହାସଲ କରି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ଆସନ୍ତା ୧୦ତାରିଖରେ ସେ ସୁନ୍ଦରଗଡ଼ ଉପଜିଲ୍ଲାପାଳ ଭାବରେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଏଥିପୂର୍ବରୁ ତେଜସ୍ୱିନୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ମଧ୍ୟ ପ୍ରଥମ ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କର ପିତା ରାଜ୍ୟ ପଶୁ ସମ୍ପଦ ବିଭାଗରେ କାର୍ଯ୍ୟରତ ଚିକିତ୍ସକ ଡା. ଲୋକନାଥ ବେହେରା ଓ ଜୟନ୍ତୀ ବେହେରାଙ୍କ ସୁପୁତ୍ରୀ ତେଜସ୍ୱିନୀଙ୍କ ଏହି ଉଲ୍ଲେଖନୀୟ କୃତିତ୍ୱ ପାଇଁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଓ ନିର୍ଦ୍ଦେଶିକା ଚିନ୍ମୟୀ ରଥ ଶୁଭେଚ୍ଛା ଜଣାଇବା ସହ ତାଙ୍କ ପାଇଁ ଟାଙ୍ଗୀ ଅଞ୍ଚଳବାସୀ ଗର୍ବିତ ବୋଲି କହିଛନ୍ତି।

## ଖ୍ରୀଷ୍ଟ କଲେଜ୍ କନିଷ୍ଠ କିରାଣୀଙ୍କ ବିୟୋଗରେ ଶୋକସଭା

**କଟକ,୨୯/୭/ଏନ୍ଏନ୍ଏସ୍:** ଖ୍ରୀଷ୍ଟ କଲେଜର କନିଷ୍ଠ କିରାଣୀ ମଧୁବ୍ରତ ଦାଶଙ୍କ ଅକାଳ ବିୟୋଗରେ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ କଲେଜ ପରସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଲିଭର୍ ସିରୋସିସ୍ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମାତ୍ର ୩୫ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିବାରୁ କଲେଜରେ ଏକ ଶୋକାକୁଳ ପରିସ୍ଥିତ ସୃଷ୍ଟି ହୋଇଛି। ତାଙ୍କର ସରଳ ବ୍ୟବହାର, କାର୍ଯ୍ୟ ନିପୁଣତା, ଦାୟିତ୍ୱବୋଧକୁ ମନେପକାଇ ପରିଚାଳନା ସମିତିର କର୍ମକର୍ତ୍ତା, ଅଧ୍ୟକ୍ଷା, ଉପାଧ୍ୟକ୍ଷା, ପ୍ରଶାସନିକ ବର୍‌ସାର୍, ଶିକ୍ଷକ ସଂଘର ସଂପାଦକ, ସହସଂପାଦକ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା କଲେଜର ବିଦ୍ୟାର୍ଥୀମାନେ ଭାବବିହ୍ୱଳପୂର୍ଣ୍ଣ ସ୍ମୃତିଚାରଣ ପୂର୍ବକ ତାଙ୍କ ଅମର ଆତ୍ମାର ମୁକ୍ତିପାଇଁ ପ୍ରାର୍ଥନା କରିଥିଲେ।

## ପ୍ରାଚୀ ସାହିତ୍ୟ ସମାଜର ସାହିତ୍ୟ ସଭା



**କଟକ,୨୯/୭/ଏନ୍ଏନ୍ଏସ୍:** ‘ପ୍ରାଚୀ’ ସାହିତ୍ୟ ସମାଜର ସାହିତ୍ୟ ସଭା ଓ କବିତା ପାଠ ସ୍ଥାନୀୟ ମହାନଦୀ ବିହାରସ୍ଥିତ ଏଲ୍.କେ ପାଠାଗାରର ଗାନ୍ଧୀ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଶ୍ୱିନୀ କୁମାର ସେଠୀ ସଭାପତିତ୍ୱ କରି ସମାଜ ସେବାରେ ସାହିତ୍ୟ ଓ ଗାନ୍ଧିବାଦ ବିଷୟରେ ଆଲୋକପାତ କରିଥିଲେ। ପ୍ରାଚୀ ପତ୍ରିକାର ସଂପାଦକ ଡ. ବିଭୁଦତ୍ତ ଖଣ୍ଡାୟତରାୟ ସଂପାଦକୀୟ ଅଭିଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ପ୍ରଫେସର ଲବଙ୍ଗଲତା ବିଶୋଇ ବର୍ତ୍ତମାନ ଯୁଗରେ ଗାନ୍ଧୀବାଦର ପ୍ରାସଙ୍ଗିକତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ରୂପେ କୁନଲତା ତ୍ରିପାଠୀ ତାଙ୍କର ବକ୍ତବ୍ୟ ରଖିଥିଲେ। କବିତା ପାଠୋତ୍ସବରେ ଡକ୍ଟର ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ ଓ ଅନ୍ନପୂର୍ଣ୍ଣା ସାହୁ, ଅକ୍ଷୟ କୁମାର ନନ୍ଦ, ସମ୍ବିତ କୁମାର ରାୟ, ବିଭୁତି ଭୂଷଣ ପାଣି, ପ୍ରଣବ କୁମାର ନନ୍ଦୀ, ମାଳତି କୁମରି ପରଡା, ରଂଜନ ରାଉତ, ସ୍ୱର୍ଣ୍ଣପ୍ରିୟା ଦଳେଇ ପ୍ରମୁଖ ଯୋଗଦାନ କରିଥିଲେ। ସନ୍ତୋଷ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନକଲ୍ୟାଣ କ୍ଲବ୍ ପକ୍ଷରୁ ନରାଜ ବ୍ରିଜ୍ ନିକଟରେ ସେବାକାର୍ଯ୍ୟ



**କଟକ,୨୯/୭/ଏନ୍ଏନ୍ଏସ୍:** କଟକ ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ତେଲେଙ୍ଗା ବଜାରର ଜନକଲ୍ୟାଣ କ୍ଲବ୍ ପକ୍ଷରୁ ସଭାପତି ଦେବେନ୍ଦ୍ର ପ୍ରସାଦ ସେଠୀ ନେତୃତ୍ୱରେ ନରାଜ ବ୍ରିଜ୍ ନିକଟରେ ସିଦ୍ଧେଶ୍ୱର ଓ ଧବଳେଶ୍ୱର ପୀଠକୁ ଯାଉଥିବା ହଜାର ହଜାର କାଉଡ଼ିଆଙ୍କ ପାଇଁ ମାଗଣା ପ୍ରସାଦ ସେବନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସେବା ଯୋଗାଇ ଦିଆଯାଇଛି। ତିନି ହଜାରରୁ ଅଧିକ କାଉଡିଆ ଭକ୍ତ ଏଠାରେ ପ୍ରସାଦ ସେବନ କରିଛନ୍ତି। ଏଥିରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଏବଂ ଯୁବ ଉଦ୍ୟୋଗୀ ସେଖ ମିରାଜୁଲ୍ ହକ୍ ଯୋଗଦେଇ କ୍ଲବର ସଭ୍ୟମାନଙ୍କୁ ଏଭଳି ଜନକଲ୍ୟାଣ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋମନାଥ ପରିଡ଼ା, ମଦନ ବେହେରା, ସୁରଜ୍ ବାରିକ, ଦୀପକ ମାଝୀ, ସମ୍ୟକ୍ ମହାପାତ୍ର, ସଂଗ୍ରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ବିଜେପି ପକ୍ଷରୁ ପ୍ରତିବାଦ ସଭା, କୁଶପୁତ୍ତଳିକା ଦାହ




**କଟକ,୨୯/୭/ଏନ୍ଏନ୍ଏସ୍:** ନାବାଳିକା ଦୁଷ୍କର୍ମରେ ଗିରଫ ହୋଇଥିବା ବିଜେଡି ନେତା ତଥା କର୍ପୋରେଟର୍ ଅମରେଶ ଜେନାଙ୍କ ଘଟଣାକୁ ନେଇ ବିଜେପି ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା କରିବା ସହ ବିଜୁ ଜନତା ଦଳର ନୈତିକତା ଉପରେ ପ୍ରଶ୍ନ ସୃଷ୍ଟିକରିଛି। କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆଜି ଏକ ପ୍ରତିବାଦ ସଭା କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି ସମ୍ମୁଖରେ କରାଯାଇଛି। ଏଥିସହ ଅଭିଯୁକ୍ତ କର୍ପୋରେଟର୍ ଅମରେଶ ଜେନା, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥବରେ ବିଜେପି ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ରବିନାରାୟଣ ମିଶ୍ର, ଭାଗୀରଥି ଦଳାଇ, ମହେନ୍ଦ୍ର ମହାନ୍ତି, ଦୀପକ ଦାସ, ବିଶ୍ୱରଥି ସ୍ୱାଇଁ, ମୁନିନ୍ଦ୍ର ଭୋଳ, ବୈଦେଶ୍ୱର ପଣ୍ଡା, ଚିରଞ୍ଜିବ ଖଣ୍ଡାୟତ ରାୟ, ଦୀପକ ଦାସ,ଗୋପାଳ ବେହେରା, ବୈରାଗୀ ଚରଣ ପ୍ରଧାନ, ବ୍ରଜ କିଶୋର ବେହେରା, ପ୍ରସାଦ ଜ୍ୟୋତି କୁମାର, ସୁରଥ ରାଉତ, ଜୟଦେବ ପୃଷ୍ଟି, ସୁରେଶ ମହାନ୍ତି, ସୌମେନ୍ଦ୍ର ପଲାଇ, ହରିଚନ୍ଦନ ନାୟକ, ରାଜେଶ ବେହେରା, ଦୀପକ ସାହୁ, ସୁନିଲ କୁମାର ସ୍ୱାଇଁ, ପ୍ରବିଣା ମହାପାତ୍ର, ରଶ୍ମିରେଖା ଦାସ, ମଧୁସ୍ମିତା ପ୍ରଧାନ, ମାମିନା ମହାନ୍ତି, କଳ୍ପନା ବେହେରା, ମନସ୍ୱିନି ଦିକ୍ଷିତ, ହରିପ୍ରିୟା ଧଳ, ସୀତା ସାହୁ, ମିତାଲି ଦାସ, ସୁଚିତ୍ରା ରାୟ, ଅମ୍ବିକା ଦାସ, ନିର୍ମଳା ଆଚାର୍ଯ୍ୟ, କଲ୍ୟାଣୀ ମହଲା, ମମତା ମଲ୍ଲିକ, ସ୍ୱର୍ଣ୍ଣଲତା ସେଠୀ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## କଟକ ସଦର ପଞ୍ଚାୟତସମିତି କାର୍ଯ୍ୟାଳୟରେ ବିଚିତ୍ର ସ୍ଥିତି

**କଟକ,୨୯/୭/ଏନ୍ଏନ୍ଏସ୍:** କଟକସଦର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ପ୍ରତିଦିନ ଶହଶହ ଲୋକ ବିଭିନ୍ନ କାର୍ଯ୍ୟପାଇଁ ଆସୁଥିଲା ବେଳେ ବ୍ଲକର ସମ୍ମୁଖରେ ବର୍ଷାଜଳ ଜମି ରହୁଥିବାରୁ ନାନାବିଧ ସମସ୍ୟା ସୃଷ୍ଟି ହେଉଛି। ସାମାନ୍ୟ ବର୍ଷାରେ ବ୍ଲକ କାର୍ଯ୍ୟାଳୟର ଚାରିଆଡ଼େ ବର୍ଷା ପାଣି ଜମି ରହିଥିବା ଯୋଗୁଁ ଜରୁରୀକାଳୀନ କାର୍ଯ୍ୟ ପାଇଁ ଆସୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଛି। ସଦର ବ୍ଲକ କାର୍ଯ୍ୟାଳୟ ଭିତରକୁ ଯିବା ପାଇଁ ହେଲେ ଇଟା ଉପରେ ଚାଲିବାକୁ ପଡ଼େ। ଏହି ଭଳି ଦୃଶ୍ୟ ଦେଖି ଜରୁରୀ କାର୍ଯ୍ୟ ଆସୁଥିବା ଲୋକମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ବ୍ଲକକୁ ବିଭିନ୍ନ ସମୟରେ ସାଂସଦ, ବିଧାୟକ, ଜିଲ୍ଲାପାଳ ଆସୁଥିବା ବେଳେ ଏହା କିପରି ତାଙ୍କ ଦୃଷ୍ଟି ପଡୁନାହିଁ, ତାହା ବିସ୍ମୟ ସୃଷ୍ଟିକରିଛି। କିପରି ଏହି ସମସ୍ୟାର ସମାଧାନ ହୋଇପାରିବ ସେ ଦିଗରେ ପଦକ୍ଷେପ ନେବା ଲାଗି ସାଧାରଣଙ୍କର ଦାବି ହେଉଛି।




## ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଶ୍ରାଦ୍ଧବାର୍ଷିକୀ



**କଟକ,୨୯/୭/ଏନ୍ଏନ୍ଏସ୍ :** ଭାରତ ବର୍ଷର ନବଜାଗରଣର ମହାନ ପୁରୋଧା ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ୧୩୪ତମ ଶ୍ରାଦ୍ଧବାର୍ଷିକୀ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱ ବିଦ୍ୟାଳୟ କମିଟି ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ସର୍ବପ୍ରଥମେ ବିଦ୍ୟାସାଗରଙ୍କ ଫଟୋ ଚିତ୍ରରେ ଛାତ୍ରଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲା ସଂପାଦକ ତରୁଣସେନ ନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଆଜିର ପୁଞ୍ଜିବାଦୀ ସମାଜରେ ଭୋଗବାଦୀ ସଂସ୍କୃତିରୁ ଊର୍ଦ୍ଧ୍ୱରେ ରହି ସମାଜର ସାଧାରଣ ମଣିଷ ଉପରେ ହେଉଥିବା ଶୋଷଣ ବିରୁଦ୍ଧରେ ଛାତ୍ରମାନେ ସ୍ୱର ଉତ୍ତୋଳନ କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଏଥି ସହିତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ସାମନ୍ତବାଦୀ ଚିନ୍ତାଧାରାରୁ ମୁକ୍ତ ହୋଇ ଏକ ଯୁକ୍ତିବାଦୀ, ବୈଜ୍ଞାନିକ ଚିନ୍ତା ଚେତନାକୁ ପ୍ରଚାର ପ୍ରସାର ସହ ସରକାରୀ ଶିକ୍ଷା ଉପରେ ଆସୁଥିବା ଆକ୍ରମଣ ତଥା ଜାତୀୟ ଶିକ୍ଷାନୀତି ୨୦୨୦ ଯାହା ଶିକ୍ଷା ସଭ୍ୟତା ବିରୋଧୀ ତା’ ବିରୋଧରେ ପ୍ରତିବାଦକୁ ଜୋରଦାର କରିବାକୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ। ଏହି ଅବସରରେ କ୍ୟାମ୍ପସ୍ ପରିସରରେ ଛାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ମାଦକଦ୍ରବ୍ୟ, ଅଶ୍ଳୀଳତା ଓ ଅପସଂସ୍କୃତି ବିରୁଦ୍ଧରେ ପ୍ରତିବାଦ କରିବାକୁ ଛାତ୍ରମାନେ ଶପଥ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ବିଶ୍ୱବିଦ୍ୟାଳୟ କମିଟି ସଂପାଦକ ଗାୟତ୍ରୀ ସାହୁ ଓ ଉପସଭାପତି କସକ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ବିକଶିତ ଭାରତର ସ୍ୱପ୍ନକୁ ବାସ୍ତବରେ ପରିଣତ ସଂକଳ୍ପ



**କଟକ,୨୯/୭/ଏନ୍ଏନ୍ଏସ୍:** ଖପୁରିଆସ୍ଥିତ ଓସିଆ( ଓଏସ୍ଏସ୍ଆଇ) ସମ୍ମିଳନୀ କକ୍ଷରେ ଏକ କର୍ମଶାଳାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ଭବିଷ୍ୟନିଧି ସଂଗଠନ ଜିଲ୍ଲା କାର୍ଯ୍ୟାଳୟ, କଟକର ଭବିଷ୍ୟନିଧି ଆୟୁକ୍ତ ଡକ୍ଟର ଦାଶରଥି ନାଗ ସଭାପତିତ୍ୱ କରିଥିଲେ। ପ୍ରବର୍ତ୍ତନ ଅଧିକାରୀ ଓ ସଂଯୋଜକ ଅଧିକାରୀ ମନୋରଞ୍ଜନ ମହାପାତ୍ର କାର୍ମଶାଳାର ପରିଚାଳନା କରିଥିଲା ବେଳେ ସୂର୍ଯ୍ୟନାରାୟଣ ବେହେରା, ରଘୁନାଥ ମହାରଣା ଓ ଦେବେନ୍ଦ୍ର କୁମାର ସାହୁ ପ୍ରବର୍ତ୍ତନ ଅଧିକାରୀମାନେ ମଧ୍ୟ ସଭାରେ ଉପସ୍ଥିତ ରହି ସମସ୍ତ ନିଯୁକ୍ତିଦାତାଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। କଟକର ବିଭିନ୍ନ ଶିଳ୍ପ ସଂଗଠନର ଅଧିକାରୀ ସ୍ବରଜିତ ମହାନ୍ତି, ସଭାପତି, ସଞ୍ଜୟ କୁମାର ସ୍ୱାଇଁ, ମିହିର କୁମାର କାନୁନଗୋ, ସୁବ୍ରତ ଗରାବଡୁ କର୍ମଶାଳାରେ ଯୋଗଦେଇ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାକୁ ସଂକଳ୍ପ ନେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ସ୍ୱପ୍ନକୁ ବାସ୍ତବରେ ରୂପାନ୍ତରିତ କରିବାକୁ ପିଏମ୍‌ଭିବିଆର୍‌ୱାଇ ବା ପ୍ରଧାନମନ୍ତ୍ରୀ ବିକଶିତ ଭାରତ ରୋଜଗାର ଯୋଜନା ମାଧ୍ୟମରେ ଭାରତବର୍ଷରେ ୩.୫ କୋଟି ନିଯୁକ୍ତିର ସମ୍ଭାବନା ସୃଷ୍ଟି ହେବାକୁ ଯାଉଛି। ସେଥିପାଇଁ ୯୯,୪୪୬ କୋଟି ଟଙ୍କାର ବ୍ୟୟ ଅଟକଳ ମଧ୍ୟ କରାଯାଇଛି। ଏହି ଯୋଜନା ଆସନ୍ତା ଅଗଷ୍ଟ୧ରେ ଶୁଭାରମ୍ଭ ହେବାକୁ ଯାଉଛି।

## ଉଠାଦୋକାନୀ ମହାସଂଘ ପକ୍ଷରୁ ଦାବିପତ୍ର



**କଟକ,୨୯/୭/ଏନ୍ଏନ୍ଏସ୍:** ସ୍ଥାନୀୟ ପ୍ରେସ୍‌ଛକ ଉଠାଦୋକାନୀଙ୍କ ଥଇଥାନ ଓ ସେମାନଙ୍କୁ ଭେଣ୍ଡିଂଜୋନ ଯୋଗାଇଦେବାକୁ ମଙ୍ଗଳବାର କଟକ ଉଠାଦୋକାନୀ ମହାସଂଘ ପକ୍ଷରୁ ଏକ ଦାବିପତ୍ର କଟକ ମହାନଗର ନିଗମ କମିଶନରଙ୍କୁ ପ୍ରଦାନ କରାଯାଇଛି। ସଂଘର ସଭାପତି ଅମରେନ୍ଦୁ ମହାନ୍ତିଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛବିନ୍ଦ୍ର ଖୁଣ୍ଟିଆ, ଅକ୍ଷୟ ସାହୁ, ମନମୋହନ ବାରିକ, ସନ୍ତୋଷ ସାହୁଓ ନୈନା ଦେହୁରୀ ପ୍ରମୁଖ କଟକର ନବ ନିଯୁକ୍ତ ମ୍ୟୁନିସପାଲ୍ କମିଶନରଙ୍କୁ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଖେଳପଡ଼ିଆରେ ୨୦ ଫୁଟ୍ ରାସ୍ତା ନେବାକୁ ଉଦ୍ୟମ

# ଏକାଠିହେଲେ ଅଞ୍ଚଳବାସୀ, ଅନୁଧ୍ୟାନ କଲେ ପୂର୍ବତନ ବିଧାୟକ

**କଟକ,୨୯/୭/ଏନ୍ଏନ୍ଏସ୍:** କଟକ ମହାନଗର ନିଗମ ଅନ୍ତର୍ଗତ ୫୪ନଂ ୱାର୍ଡ ପୋତାପୋଖରୀସ୍ଥିତ ନେତାଜୀ ଖେଳପଡ଼ିଆକୁ ନେଇ ସ୍ଥାନୀୟଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଜୈନିକ ବ୍ୟକ୍ତି ନିଜ ଘରର ଯାତାୟାତ ପାଇଁ ପ୍ରସସ୍ଥ ରାସ୍ତା ଥିଲେ ମଧ୍ୟ ଖେଳପଡ଼ିଆ ଭିତର ଦେଇ ଆଉ ଏକ ରାସ୍ତା ନେବା ପାଇଁ ମସୁଧା ଚଳାଇଛନ୍ତି। ଏହାଦ୍ୱାରା ଖେଳପଡ଼ିଆଟି ସଙ୍କୁଚିତ ହେବ। ଏହାକୁ ଘୋର ବିରୋଧ କରିବା ସହ ଖେଳପଡ଼ିଆର ସୁରକ୍ଷାକୁ ନେଇ ସ୍ଥାନୀୟ ଲୋକେ ଏକାଠି ହୋଇଛନ୍ତି। ଉକ୍ତ ଖେଳପଡ଼ିଆକୁ ୧୯୯୧ ବନ୍ଦୋବସ୍ତ ନିୟମ ଅନୁଯାୟୀ ନେତାଜୀ ଖେଳପଡ଼ିଆରେ ପରିଣତ କରାଯାଇଥିଲା। ଯାହାର ପ୍ଲଟ ନଂ୨୮୮ ଅଟେ। ସରକାର ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଏହି ପଡ଼ିଆରେ ଖେଳ ଦେଖିବା ପାଇଁ ଗ୍ୟାଲେରୀ ନିର୍ମାଣ କରାଯାଇ ବର୍ତ୍ତମାନ ଖେଳପଡ଼ିଆର ଉନ୍ନତିକରଣ କାର୍ଯ୍ୟ ଜାରିରହିଛି। ଏହି ଖେଳପଡ଼ିଆରେ କ୍ରିକେଟ୍ ଖେଳି ବହୁ ଖେଳାଳି ଏବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖେଳୁଛନ୍ତି। ଏହାସହିତ ଆଖପାଖ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକମାନେ ଜଳବନ୍ଦୀରୁ ରକ୍ଷା ପାଇବା ନିମନ୍ତେ ଜଳ ନିଷ୍କାସନ ପାଇଁ ଏହି ଖେଳପଡ଼ିଆର ପାଚେରୀ କଡ଼େ କଡ଼େ ଜାଇକା ପକ୍ଷରୁ ଢ଼ଳେଇ ଡ୍ରେନ୍ ନିର୍ମାଣ କରାଯାଇ ଜଳ ନିଷ୍କାସନ ବ୍ୟବସ୍ଥା କରାଯାଇଛି। ତେବେ ଖେଳପଡ଼ିଆ ଭିତରେ ୨୦ଫୁଟର ଯିବା ଆସିବା ନିମନ୍ତେ ରାସ୍ତା ନେବା ପାଇଁ ଅତିରିକ୍ତ ଜିଲ୍ଲା ଜଜ୍‌କୋର୍ଟଙ୍କ ନିକଟରେ ମାମଲା କରି ଖେଳପଡ଼ିଆ ମଧ୍ୟରେ ରାସ୍ତା ନେବାକୁ ମସୁଧା ଚାଲିଛି। ଉକ୍ତ ବ୍ୟକ୍ତିଙ୍କ ଘରକୁ ଯିବା ଆସିବା ପାଇଁ ଘରର ଉତ୍ତର ଓ ପଶ୍ଚିମ ପଟରେ ଦୁଇଟି ୨୦ଫୁଟର ରାସ୍ତା ଥିଲେ ମଧ୍ୟ ଜିଦ୍‌ଖୋର୍ ମନୋଭାବରେ ଏଭଳି କାର୍ଯ୍ୟ କରୁଥିବାର ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀମାନେ ଏକତ୍ର ହୋଇ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଡକାଇ ଖେଳପଡ଼ିଆ ପରିଦର୍ଶନ କରାଇ କ୍ଷୟକ୍ଷତି ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଏହି ଘଟଣା ଜିଲ୍ଲା ଓ ସିଏମ୍‌ସି ପ୍ରଶାସନକୁ ଅବଗତ କରାଯାଇ ସାମୁହିକ ସ୍ୱାର୍ଥ ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବତନ ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ୫୪ନଂ ୱାର୍ଡ କର୍ପୋରେଟର୍ ତାପସ ରଂଜନ ସାମନ୍ତରାୟ, ଚାଉଳିଆଗଞ୍ଜ ପୂଜାକମିଟି ସମ୍ପାଦକ ନିରଞ୍ଜନ ସାହୁ (ଶିବ), ପୋତାପୋଖରୀ ପଇସା ପୂଜା କମିଟିର କାର୍ଯ୍ୟକାରୀ ସମ୍ପାଦକ ବାପି ରାୟ, ବୀରେନ୍ଦ୍ର ସିଂହ, ଆଶୁତୋଷ ବିଶ୍ୱାଳ, ଚନ୍ଦ୍ରକାନ୍ତ ଦାସ, ସୁମନ୍ତ ନାୟକ, ପ୍ରତାପ ଦାସ, ମନୋଜ ସାହୁ, ଜଗବନ୍ଧୁ ଦାସ, ରଞ୍ଜିତ ଦାସ, ନିରଞ୍ଜନ ମଲ୍ଲିକ, ରବୀନ୍ଦ୍ର ସେଠୀ, କଳିଙ୍ଗ ଦାସ, ସମ୍ପାଦକ ରଞ୍ଜନ ସାହୁ, ଘନଶ୍ୟାମ ନାୟକ, ସଂଜୟ ଦାସ, ବିନୋଦ ନାୟକ, ସମ୍ବିତ ଦାସ, ରଞ୍ଜିତ ମହାନ୍ତି, ସନତ ନାୟକ, ସମ୍ବିତ ମହାରଣା, ହେମନ୍ତ ଦାସ, ରମେଶ ଦାସ, ପ୍ରକାଶ ପଟ୍ଟନାୟକ, ଅତିଶ ଦାସ, ସଂଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



## ଶିଳ୍ପମନ୍ତ୍ରୀଙ୍କୁ ଭେଟିଲା ଓଡ଼ିଶା ଶିଳ୍ପ ସଂଘ



**କଟକ,୨୯/୭/ଏନ୍ଏନ୍ଏସ୍:** ଓଡ଼ିଶା ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କ ଜଗତପୁର ଏବଂ ଚୌଦ୍ୱାର ଶିଳ୍ପାଞ୍ଚଳ ଗ୍ରସ୍ତ ଅବସରରେ ମଙ୍ଗଳବାର ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନ୍‌ଗୋଙ୍କ ନେତୃତ୍ୱରେ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ସ୍ଥାନୀୟ ଜଗତପୁର ଇଡ୍‌କୋ ଅଫିସରେ ସୌଜନ୍ୟମୂଳକ ସାକ୍ଷାତ୍ କରି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ଜଗତପୁର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କ ପାଇଁ ୱାର୍କିଂ ହଷ୍ଟେଲ୍ ସ୍ଥାପନ ଓ ଏକ ୱେଷ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ସଂଘ ପକ୍ଷରୁ ଦାବି ଜଣାଯାଇଛି। ଏଥି ସହିତ ଶିଳ୍ପାଞ୍ଚଳରେ ଆବଶ୍ୟକୀୟ ଭିତ୍ତିଭୂମି ଯଥା ରାସ୍ତା, ଡ୍ରେନ୍, ଲାଇଟ୍ ଓ ପାଣି ସପ୍ଲାଏକୁ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ସେହିପରି ୧୦୦କେବି ପର୍ଯ୍ୟନ୍ତ ଇଲେକ୍ଟ୍ରି କନେକ୍ସନ୍ ପାଇଁ ଦରକାର ଥିବା ଟ୍ରାନ୍ସଫର୍ମର୍‌କୁ ଇଡ୍‌କୋ ପକ୍ଷରୁ ଯୋଗାଇଦେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହାଛଡ଼ା ସମଗ୍ର ଶିଳ୍ପାଞ୍ଚଳରେ ପାଚେରୀ ନିର୍ମାଣ କରାଯାଇ ପ୍ରବେଶ ଏବଂ ପ୍ରସ୍ଥାନ ଗେଟ୍‌ରେ କ୍ୟାମେରା ଲଗାଯିବା ପାଇଁ ମଧ୍ୟ ଦାବି କରାଯାଇଛି। ଶିଳ୍ପମନ୍ତ୍ରୀ ଶ୍ରୀ ସ୍ୱାଇଁ ଦାବିପତ୍ର ଗ୍ରହଣ କରିବା ସହିତ ଏସବୁର ସମାଧାନ ପାଇଁ ଆଶ୍ୱାସନା ପ୍ରଦାନ କରିଥିଲେ। ଆଜିର ଏହି ଆଲୋଚନାରେ ଓଡ଼ିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ, ଉପସଭାପତି ବିନୋଦ ଭୁତ, ସଂପାଦକ ଦେବେନ୍ଦ୍ର ଶର୍ମା, ସହ-ସଂପାଦକ ସିର୍ଦ୍ଧାଥ କାନୁନଗୋ ଓ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶ ବିଦେଶରେ ଷ୍ଟାର୍ଟଅପ୍ କ୍ଷେତ୍ରରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ସନ୍ଦୀପ ଚୌଧୁରୀ, ଜୁଲାଇ ୩୦ରେ ଭଗବାନ ଜଗନ୍ନାଥଙ୍କ ଭୂମି ଓଡ଼ିଶାର ଭୁବନେଶ୍ୱରରୁ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ।

**ସନ୍ଦୀପ ଚୌଧୁରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଠାରୁ ପାଇଥିବା ପ୍ରେରଣାକୁ ତାଙ୍କ ସଫଳତାର ଆଧାର ବୋଲି ବର୍ଣ୍ଣନା କରନ୍ତି। 'ଏକ ପେଡ୍ ମା' କେ ନାମ୍' ମିଶନ ସହିତ ସୃଷ୍ଟି କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡକୁ ସେ ନୂତନ ଶକ୍ତି ସହିତ ଭାରତ ମା' ପାଇଁ ସମର୍ପିତ କରିଛନ୍ତି।**



'ସେଭ୍ ଆର୍ଥ ମିଶନ୍' ଅନ୍ତର୍ଗତ ଇଣ୍ଡିଆ ଚାପ୍ଟରର ଅଧ୍ୟକ୍ଷ ସନ୍ଦୀପ ଚୌଧୁରୀ ଗୋଟିଏ ଘଣ୍ଟାରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ଥାପନ କରିଛନ୍ତି। ସେ 'ଦି ଅନ୍‌ଏଭିଲ୍' ନାମକ ଏକ ପରିବେଶ-ଆଧ୍ୟାତ୍ମିକ ପ୍ରଯୁକ୍ତି ଢାଞ୍ଚା ଉପସ୍ଥାପନ କରିଥିଲେ, ଯେଉଁଥିରେ ସେ ମାତ୍ର ତିନି ମିନିଟ୍ ମଧ୍ୟରେ ନ୍ୟୁମେରୋଲୋଜି ମାଧ୍ୟମରେ ଏୟାରଇଣ୍ଡିଆ ଫ୍ଲାଇଟ୍ ଏଆଇ-୧୭୧ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ #SandeepDecodedAI171 ଅଭିଯାନ ଆରମ୍ଭ କରିଥିଲେ; ଗ୍ଲୋବାଲ୍ ଭିଜନ୍ ଉନ୍ମୋଚନରେ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଅଭିବୃଦ୍ଧି ରଣନୀତି, ବ୍ଲକଚେନ୍-ଆଧାରିତ ସବୁଜ କ୍ରେଡିଟ୍ ମଡେଲ୍, ଏଆଇ-ଆଧାରିତ ଟ୍ରାକିଂ, ଜିଓ-ଟ୍ୟାଗ୍ ହୋଇଥିବା ପୁନରୁଦ୍ଧାର ଏବଂ ଡିଜିଟାଲ୍ ସଚେତନତା ପଦକ୍ଷେପ ଘୋଷଣା କରିଥିଲେ - ଏହିପରି ସନ୍ଦୀପ ବିଶ୍ୱ ଜଳବାୟୁ ବିପ୍ଳବ ପାଇଁ ତାଙ୍କ ଯୋଜନା ଏବଂ ମାନସିକତାକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ।

## ପରିଚୟ: ଚାଷୀ ପରିବାରରୁ ଜଣେ ପରିବେଶ କର୍ମୀ ସାଜିବା ପର୍ଯ୍ୟନ୍ତ

ସନ୍ଦୀପ ଚୌଧୁରୀ ରାଜସ୍ଥାନର ଝୁନ୍‌ଝୁନୁ ଜିଲ୍ଲାର ଏକ ଚାଷୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ଏକ ସାଧାରଣ ପୃଷ୍ଠଭୂମିରୁ ଆସି, ସେ ଆଇଟି, ଇଲେକ୍ଟ୍ରୋନିକ୍ସ, ରିଅଲ୍ ଇଷ୍ଟେଟ୍ ଏବଂ ଫିନ୍-ଟେକ୍ କ୍ଷେତ୍ରରେ ସଫଳତା ହାସଲ କରିଥିଲେ। ସେ ଭିସି-ଫଣ୍ଡେଡ୍ (ପ୍ରାୟ ବହୁ ନିୟୁତ ଡଲାର)ର ବ୍ୟାଙ୍କସାଥୀ ଟେକ୍ନୋଲୋଜ୍ ଛାଡି ମାନବତା ସେବା ପାଇଁ ପରିବେଶ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ହୋଇଥିଲେ। ସେ ଇନଫ୍ଲେକ୍ସର୍ ଇଣ୍ଡିଆ ଏବଂ ୟେସ୍ ୱାର୍ଲ୍ଡ କ୍ଲାଇମେଟ୍ ଟେକ୍‌ର ସହ-ପ୍ରତିଷ୍ଠାତା ମଧ୍ୟ ଅଟନ୍ତି, ଯାହାକି କାର୍ବନ ନିର୍ଗମନ ହ୍ରାସ ଏବଂ ଜଳବାୟୁ ପ୍ରଯୁକ୍ତିବିଦ୍ୟାରେ ଅଧିକ ରୁଚି ରଖିଥାଏ।



ସନ୍ଦୀପ ଚୌଧୁରୀ ଭାରତକୁ ଆତ୍ମନିର୍ଭରଶୀଳ କରିବାର ସ୍ୱପ୍ନକୁ ସାକାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ସାରା ଦେଶରେ ୧୦୧ରୁ ଅଧିକ ଷ୍ଟାର୍ଟଅପ୍ ଆରମ୍ଭ କରି ନିବେଶ, ନିଯୁକ୍ତି ଏବଂ ନବସୃଜନକୁ ଏକ ନୂତନ ଦିଗଦର୍ଶନ ଦେଇଥିଲେ। ସେ ଭାରତ ସରକାରଙ୍କ ଯୋଜନାଗୁଡ଼ିକୁ ତୃଣମୂଳସ୍ତରରୁ ସଫଳ କରିବାରେ ନିରନ୍ତର ଯୋଗଦାନ ଦେଇଥିଲେ। ପ୍ରତ୍ୟେକ ଷ୍ଟାର୍ଟଅପ୍ ସହିତ ସାମାଜିକ ଏବଂ ପରିବେଶଗତ ଚିନ୍ତା ଜଡିତ ଥିଲା। ଏବେ ସେ 'ଏକ ପେଡ୍ ମା' କେ ନାମ୍' ଅଭିଯାନ ସହ ଯୋଡ଼ି ହୋଇ ପୃଥିବୀକୁ ରକ୍ଷା କରିବା ପାଇଁ ଐତିହାସିକ କାର୍ଯ୍ୟ କରୁଛନ୍ତି। ସନ୍ଦୀପ ଚୌଧୁରୀ ଆଜିର ଭାରତରେ ଉଦ୍ୟୋଗ, ସେବା ଏବଂ ପରିବେଶ ସଚେତନତାର ପ୍ରତୀକ ପାଲଟିଛନ୍ତି।

### ୧୦୧ ଷ୍ଟାର୍ଟଅପ୍ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ଓଡ଼ିଶାରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବେ, ଯାହା ସେଭ୍ ଆର୍ଥ ମିଶନ୍ ପାଇଁ ଉତ୍ସର୍ଗୀକୃତ।

ଦେଶ ଏବଂ ବିଦେଶରେ ଷ୍ଟାର୍ଟଅପ୍ ଜଗତରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସନ୍ଦୀପ ଚୌଧୁରୀ ଜୁଲାଇ ୩୦ରେ ତାଙ୍କର ୧୦୨ତମ ଷ୍ଟାର୍ଟଅପ୍‌ର ଏକ ମହାନ ଶୁଭାରମ୍ଭ କରିବାକୁ ଯାଉଛନ୍ତି। ଏହି ଶୁଭାରମ୍ଭ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ବିଶେଷ କଥା ହେଉଛି ଏହି ଷ୍ଟାର୍ଟଅପ୍‌କୁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପରିବେଶ ସୁରକ୍ଷା ଭଳି ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ଧ୍ୟାନରେ ରଖି 'ସେଭ୍ ଆର୍ଥ ମିଶନ୍' ଅଧୀନରେ ଆରମ୍ଭ କରାଯାଉଛି।

ସନ୍ଦୀପଙ୍କର ଲକ୍ଷ୍ୟ ହେଉଛି ୨୦୪୦ ସୁଦ୍ଧା ଭାରତ ସମେତ ବିଶ୍ୱରେ ୩୦୦୦ କୋଟି ଗଛ ଲଗାଇବା, ଯାହାଦ୍ୱାରା ପୃଥିବୀକୁ ପୁଣିଥରେ ସବୁଜ ଏବଂ ବାସଯୋଗ୍ୟ କରାଯାଇପାରିବ।

## 'ସେଭ୍ ଆର୍ଥ ମିଶନ୍'ର ଉଦ୍ଦେଶ୍ୟ ଏବଂ ପରିସର



ସେଭ୍ ଆର୍ଥ ମିଶନ୍ ହେଉଛି ଏକ ବିଶ୍ୱ ସମ୍ପ୍ରଦାୟ ପଦକ୍ଷେପ ଯେଉଁଥିରେ ୬୮ଟି ଦେଶର ପ୍ରାୟ ୧ କୋଟିରୁ ଅଧିକ ଲୋକ ସାମିଲ ହୋଇଛନ୍ତି। ଏହାର ଉଦ୍ଦେଶ୍ୟ ୨୦୪୦ ସୁଦ୍ଧା ପୃଥିବୀକୁ କାର୍ବନ୍-ନ୍ୟୁଟ୍ରାଲ୍ କରିବାର ଲକ୍ଷ୍ୟ ରଖିଛି। ଏହି ମିଶନରେ ନବୀକରଣୀୟ ଶକ୍ତିର ପ୍ରୋତ୍ସାହନ, ବୃକ୍ଷରୋପଣ ଅଭିଯାନ, ପ୍ଲାଷ୍ଟିକ୍-ମୁକ୍ତ ପଦକ୍ଷେପ, ଡିଜିଟାଲ୍ ସଚେତନତା ଏବଂ ଜୀବନଶୈଳୀ ପରିବର୍ତ୍ତନ ଭଳି ଦିଗ ଅନ୍ତର୍ଭୁକ୍ତ ରହିଛି।

## କିପରି ଏଲୋନ ମସ୍କଙ୍କ ପେପାଲ୍ ସନ୍ଦୀପ ଚୌଧୁରୀଙ୍କ ଅଫିସ୍ ଛଡ଼ାଇ ନେଇଗଲା - ଏବଂ ଗୁଗୁଲ୍ ତାଙ୍କ ଘର ବଞ୍ଚାଇଲା






**ଜୟପୁର, ଭାରତ**

ଏହି କାହାଣୀଟି କୌଣସି ନେଟ୍‌ଫ୍ଲିକ୍ସ ସିରିଜ୍‌ର ଏକ ସ୍କ୍ରିପ୍ଟ ଭଳି ଅନୁଭବ ହୋଇପାରେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। ଭାରତର ଜଳବାୟୁ ଯୋଦ୍ଧା ଏବଂ ଉଦ୍ଭାବକ ସନ୍ଦୀପ ଚୌଧୁରୀଙ୍କ ସ୍ୱପ୍ନ ୨୦୦୭ରେ ସେସମୟରେ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିଲା ଯେତେବେଳେ ଏଲୋନ୍ ମସ୍କଙ୍କ ସହପ୍ରତିଷ୍ଠିତ କମ୍ପାନୀ ପେପାଲ୍ ତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ପେମେଣ୍ଟକୁ ରୋକି ଦେଇଥିଲା- ପରିଣାମସ୍ୱରୂପ ଦେଖୁ ଦେଖୁ ତାଙ୍କ ସନ୍ଦୀପ ଚୌଧୁରୀଙ୍କ ଜୟପୁରସ୍ଥିତ ଅଫିସ୍ ବନ୍ଦ ହୋଇଯାଇଥିଲା। ଜି-୩୪, ସିଟି ସେଣ୍ଟର, ସଂସାର ଚନ୍ଦ୍ର ରୋଡ୍, ଜୟପୁରରୁ ଚାଲୁଥିବା ସନ୍ଦୀପଙ୍କର ଏହି ଛୋଟ କିନ୍ତୁ ମହତ୍ତ୍ୱାକାଂକ୍ଷୀ ଷ୍ଟାର୍ଟଅପ୍ ସେସମୟରେ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପେପାଲ୍‌ରୁ ଦେୟ ଅଟକିଗଲା, ଋଣ ବୃଦ୍ଧି ପାଇଲା, ଅଫିସ୍ ଭଡ଼ା ଦିଆଯାଇପାରିଲା ନାହିଁ, ଏବଂ ଶେଷରେ ଅଫିସ୍ ବନ୍ଦ କରିବାକୁ ପଡିଥିଲା।

୨୦୦୮ରେ, ସନ୍ଦୀପ ଜୟପୁରର ସିଭିଲ୍ ଲାଇନ୍ସର ୧୦, ମହାପୁରା ଠାରେ ଏକ ଭଡା ଘରକୁ ସିଫ୍ଟ ହୋଇଥିଲେ, ଯେଉଁଠାରେ ପରିସ୍ଥିତି ଆହୁରି ଅଧିକ ଖରାପ ହୋଇଯାଇଥିଲା। ତାଙ୍କ ବାପା ତାଙ୍କୁ କହିଥିଲେ, 'ଯଦି ତୁମେ ଘର ଚଳାଇପାରୁନାହଁ, ତେବେ ଗାଁକୁ ଫେରିଯାଅ। ସିଲେଇ ଏବଂ କାରୁକାର୍ଯ୍ୟ ଶିଖ ଏବଂ ସ୍ୱପ୍ନ ଦେଖିବା ବନ୍ଦ କରିଦିଅ। ଏହି ଶବ୍ଦଗୁଡ଼ିକ ଯେକୌଣସି ବ୍ୟକ୍ତିକୁ ଭିତରୁ ଭାଙ୍ଗିବା ପାଇଁ ଯଥେଷ୍ଟ କିନ୍ତୁ ଏହା ସନ୍ଦୀପଙ୍କୁ ଆହୁରି ଶକ୍ତିଶାଳୀ କରିଥିଲା। କିନ୍ତୁ ଏହାପରେ ଚମତ୍କାର ହେବା ଆରମ୍ଭ ହୋଇଥିଲା। ଆମେରିକାର ଗୁଗଲ୍ ଆଡସେନ୍ସରୁ ତାଙ୍କର ଏକ ମାମୁଲି ଚେକ୍ ଆସିଲା। ସନ୍ଦୀପଙ୍କ କହିବାନୁସାରେ ଏହି ଚେକ୍ ଏତେ ବଡ଼ ପରିମାଣର ନଥିଲା, କିନ୍ତୁ ଉକ୍ତ ଚେକ୍ ଏପରି ଏକ ସମୟରେ ତାଙ୍କ ପାଖକୁ ଆସିଥିଲା ଯେତେବେଳେ ଏହାର ସବୁଠାରୁ ଅଧିକ ଆବଶ୍ୟକତା ଥିଲା। ସିଧାସଳଖ ଭାବେ କହିଲେ ପେପାଲ୍ ତାଙ୍କୁ ତଳସ୍ତରକୁ ନେଇଆସିଥିବା ବେଳେ ଗୁଗୁଲ୍ କିନ୍ତୁ ତାଙ୍କୁ ସମ୍ଭାଳି ନେଇଥିଲା।

ଆଜି, ସନ୍ଦୀପ ଚୌଧୁରୀ କୋଟି କୋଟି ଡଲାର ମୂଲ୍ୟର ଷ୍ଟାର୍ଟଅପ୍ ଭାଲ୍ୟୁ ସହ 'ସେଭ୍ ଆର୍ଥ ମିଶନ'ର ଭାରତ ଚାପ୍ଟରର ଅଧ୍ୟକ୍ଷ ମଧ୍ୟ ଅଟନ୍ତି। ଏଥିସହ ତାଙ୍କ ଦଳ କେବଳ ଗୋଟିଏ ଘଣ୍ଟାରେ ବିଶ୍ୱସ୍ତରରେ ରେକର୍ଡ ପରିମାଣର ୫ ଲକ୍ଷରୁ ଅଧିକ ଗଛ ଲଗାଇ ଗିନିଜ୍ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି।

ସନ୍ଦୀପଙ୍କୁ ଏବେ ଫୋର୍ବସ୍, ରଏଟର୍ସ, ଟେଡ୍‌ଏକ୍ସ, ବିଜନେସ୍ ଇନ୍‌ସାଇଡର, ଗ୍ଲୋବ୍ ଏବଂ ମେଲ୍ ଭଳି ଶୀର୍ଷ ଅନ୍ତର୍ଜାତୀୟ ପ୍ଲାଟଫର୍ମ ଦ୍ୱାରା ଜଣେ ବିଶ୍ୱ ପରିବେଶବିତ୍ ବା ପର୍ଯ୍ୟାବରଣ ନେତା ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ତାଙ୍କର ନୂତନ ପଦକ୍ଷେପ, ' ଦି ବିଗେଷ୍ଟ କେସ୍ ଷ୍ଟଡି ଅନ୍ ଆର୍ଥ ', ଦ୍ୱାରା ସେ ଏବେ ବିଶ୍ୱବ୍ୟାପୀ ପଡ୍‌କାଷ୍ଟ, ପ୍ରକାଶନ ଏବଂ ଡିଜିଟାଲ୍ ପ୍ଲାଟଫର୍ମରେ ଯୁବପିଢ଼ିଙ୍କୁ ବଡ଼ ଚିନ୍ତା କରିବା, ନବସୃଜନ କରିବା ଏବଂ ନିଜ ଉପରେ ବିଶ୍ୱାସ କରିବାକୁ ପ୍ରେରଣା ଦେଉଛନ୍ତି।

# ପ୍ରମୁଖ ସଫଳତା



### ୩.୧ ରେକର୍ଡ ଭଙ୍ଗ ବୃକ୍ଷରୋପଣ ଅଭିଯାନ

ସେଭ୍ ଆର୍ଥ ମିଶନ ଅନ୍ତର୍ଗତ 'ଭାରତ ଚାପ୍ଟର' କେବଳ ଗୋଟିଏ ଘଣ୍ଟାରେ ଭାରତ, ୟୁଏଇ, ଥାଇଲାଣ୍ଡ, କେନିଆ ଏବଂ ଆମେରିକା ଭଳିରେ ଏକକାଳୀନ ପ୍ରାୟ ୫ ଲକ୍ଷ ଗଛ ରୋପଣର ନେତୃତ୍ୱ ନେଇଥିଲା। ଜିଓ-ଟ୍ୟାଗିଂ ଏବଂ ରିଅଲ୍-ଟାଇମ୍ ଟ୍ରାକିଂ କୌଶଳ ଯୋଗୁଁ ଏହି ଅଭିଯାନ ସଫଳ ହୋଇଥିଲା, ଯାହା ମିଶନର ବିଶ୍ୱସନୀୟତା ଏବଂ ପ୍ରଭାବ ପ୍ରଦର୍ଶନ କରିଥିଲା। ଏହି ପଦକ୍ଷେପ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ରୋପଣ କରିବା ପାଇଁ ସେଭ୍ ଆର୍ଥ ମିଶନର ରଣନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ୩.୨ 'ଦି ଅନ୍‌ଭିଲ୍' ଫ୍ରେମୱାର୍କର ଉଦଘାଟନ

ଅହମଦାବାଦର ଗିଫ୍ଟ ସିଟିରେ ଆୟୋଜିତ 'ଗ୍ଲୋବାଲ୍ ଭିଜନ୍ ଅନଭିଲିଂ' କାର୍ଯ୍ୟକ୍ରମରେ, ସନ୍ଦୀପ ଚୌଧୁରୀ 'ଦି ଅନଭିଲ୍' ନାମକ ଏକ ନୂତନ ବିଶ୍ୱ ପରିବେଶଗତ ଏବଂ ଆଧ୍ୟାତ୍ମିକ ଫ୍ରେମୱାର୍କ ଉପସ୍ଥାପନ କରିଥିଲେ। ଏହି ଉପସ୍ଥାପନା ଅନେକ ଗଣମାଧ୍ୟମ ସଂସ୍ଥା ଦ୍ୱାରା ପ୍ରସାରିତ ହୋଇଥିଲା। ଏହି ଫ୍ରେମୱାର୍କ ପରିବେଶ ବିଜ୍ଞାନ, ଆଧ୍ୟାତ୍ମିକ ଜ୍ୟାମିତି ଏବଂ ନୂତନ ଜଳବାୟୁ ପ୍ରଯୁକ୍ତିର ଏକ ସମନ୍ୱୟ। ଏହି କାର୍ଯ୍ୟକ୍ରମରେ ସାରା ବିଶ୍ୱର ବୈଜ୍ଞାନିକ, ନିତି ନିର୍ମାତା ଏବଂ ପରିବେଶବିତ୍ ଅଂଶଗ୍ରହଣ କରିଥିଲେ।

### ୩.୩ ଏଆଇ ୧୭୧ ବିମାନ ଦୁର୍ଘଟଣାର ରହସ୍ୟ ଉନ୍ମୋଚନ




ଗିଫ୍ଟ ସିଟିରେ ଆୟୋଜିତ ଗ୍ଲୋବାଲ୍ ଭିଜନ୍ ଅନଭିଲିଂରେ, ସନ୍ଦୀପ ଚୌଧୁରୀ ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ ୧୭୧ ଦୁର୍ଘଟଣାର ବିଶ୍ଳେଷଣ ଉପସ୍ଥାପନ କରିଥିଲେ। ସେ କହିଥିଲେ ଯେ ମାତ୍ର ତିନି ମିନିଟ୍ ମଧ୍ୟରେ ସେ ଏହି ଦୁର୍ଘଟଣାର ପ୍ରକୃତ ସୂଚନା ଚିହ୍ନଟ କରିଥିଲେ। ଏହି ପ୍ରକାଶନ ୧୫ବଭୟରରକ୍ଷଭରମଙ୍କୟରୟଇଓ୧୭୧ ହ୍ୟାସଟ୍ୟାଗ୍ ଅଧୀନରେ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଆଲୋଚନା ସୃଷ୍ଟି କରିଥିଲା। ଏହି ବିଷୟ କେବଳ ପରିବେଶ ଦୃଷ୍ଟିକୋଣରୁ ନୁହେଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ଏବଂ ସ୍ୱଚ୍ଛତା ଦୃଷ୍ଟିକୋଣରୁ ମଧ୍ୟ ପ୍ରାସଙ୍ଗିକ ହୋଇଯାଇଥିଲା।

### ସାମାଜିକ ଗଣମାଧ୍ୟମ ଏବଂ ସଚେତନତା ଅଭିଯାନ

ସନ୍ଦୀପ ଚୌଧୁରୀଙ୍କ ନାମ ଭାରତ, ୟୁଏଇ ଏବଂ ଆମେରିକାରେ ଏକ୍ସ (ପୂର୍ବରୁ ଟ୍ୱିଟର)ରେ ଟ୍ରେଣ୍ଡ୍ କରିଥିଲା। ଶକ୍ତି, ଚେତନା ଏବଂ ପରିବେଶ ସମ୍ବନ୍ଧିତ ବିଚାରଧାରା ବାଣ୍ଟିବା ପାଇଁ ତାଙ୍କର ଦୃଷ୍ଟିକୋଣ ତାଙ୍କୁ ଜଣେ ବିଶ୍ୱ ଯୁବ ନେତା ଭାବରେ ପ୍ରତିଷ୍ଠା କରିଛି। ତାଙ୍କର ପୋଷ୍ଟ ଏବଂ ସାକ୍ଷାତକାର ବିଶେଷ ଭାବରେ ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ସାର୍ବଜନୀନ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରେ।

ଏହି ପରିପ୍ରେକ୍ଷୀରେ ସନ୍ଦୀପ ଏକ ବଡ଼କଥା କହିଛନ୍ତି। ସନ୍ଦୀପଙ୍କ କହିବାନୁସାରେ 'ଏଲୋନ୍ ମସ୍କ ମଙ୍ଗଳ ଗ୍ରହକୁ ଯିବାର ସ୍ୱପ୍ନ ଦେଖନ୍ତି, କିନ୍ତୁ ମୁଁ ପୃଥିବୀକୁ ଠିକ୍ କରିବାର ସ୍ୱପ୍ନ ଜିଉଁଛି। ଗୁଗଲ୍ ମୋତେ ଦ୍ୱିତୀୟ ଜୀବନ ଦେଇଥିଲା - ଏବେ ମୁଁ ପୃଥିବୀକୁ ଦ୍ୱିତୀୟ ସୁଯୋଗ ଦେବାକୁ ଚାହୁଁଛି।'

### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।

### ଭବିଷ୍ୟତ ଦିଗଦର୍ଶନ ଏବଂ ମିଶନ୍ ବିସ୍ତାର

ସେଭ୍ ଆର୍ଥ ମିଶନ୍ ୨୦୪୦ ସୁଦ୍ଧା ୩୦ ବିଲିଅନ ଗଛ ଲଗାଇବାର ଲକ୍ଷ୍ୟ ରଖିଛି, ଯେଉଁଥିରେ ବୈଷୟିକ ଟ୍ରାକିଂ, ନାଗରିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛତା ଅନ୍ତର୍ଭୁକ୍ତ ରହିଛି। ଦି ଅନିଭିଲ୍ ଫ୍ରେମୱାର୍କ ପରିବେଶ, ଆଧ୍ୟାତ୍ମିକ ଚେତନା ଏବଂ ବିଜ୍ଞାନକୁ ସଂଯୋଗ କରି ସାମଗ୍ରିକ ପରିବର୍ତ୍ତନର ପଥ ଦେଖାଏ। ନାଗରିକ, ନୀତି ନିର୍ଦ୍ଧାରକ ଏବଂ ବ୍ୟବସାୟଗୁଡ଼ିକୁ ସଂଯୋଗ କରି ପରିବେଶ ନୀତି ଏବଂ ଆଚରଣଗତ ପରିବର୍ତ୍ତନ ପାଇଁ କାର୍ଯ୍ୟ କରାଯାଉଛି।

### ନିଷ୍କର୍ଷ: ଆଶା ଏବଂ ସମ୍ଭାବନା

ସନ୍ଦୀପ ଚୌଧୁରୀଙ୍କ କାହାଣୀ ପ୍ରେରଣାଦାୟକ - ଜଣେ ଚାଷୀ ପରିବାରରୁ ବିଶ୍ୱ ପରିବେଶ ଆନ୍ଦୋଳନର ନେତୃତ୍ୱ ନେବା ପର୍ଯ୍ୟନ୍ତ ତାଙ୍କ ସଫଳତା, ବୈଷୟିକ ସମାଧାନ ଏବଂ ବିଶାଳ ସାମୁଦାୟିକ ଯୋଗାଯୋଗ ପ୍ରଶଂସନୀୟ..

କିନ୍ତୁ ତାଙ୍କର ବର୍ତ୍ତମାନର ଲକ୍ଷ୍ୟ - 'ଦି ଅନଭିଲ୍', ୩୦ ବିଲିୟନ ବୃକ୍ଷ ଅଭିଯାନ, ଜଳବାୟୁ ପ୍ରଯୁକ୍ତିବିଦ୍ୟା ଏବଂ ବିଶ୍ୱ ଚିନ୍ତାଧାରା ନେତୃତ୍ୱ - ସୂଚାଇ ଦିଏ ଯେ ତାଙ୍କର ଦୃଷ୍ଟିକୋଣ ବ୍ୟାପକ ଏବଂ ସୁଦୂରପ୍ରସାରୀ। ସେ ଏଆଇ ୧୭୧ ରହସ୍ୟର ଉନ୍ମୋଚନକୁ ପରିବେଶଗତ ରିପୋର୍ଟିଂ ସହିତ ମିଶ୍ରଣ କରିଥିଲେ, ଯାହା ଦର୍ଶାଇଥିଲା ଯେ ସେ ସମାଜରେ ସଚେତନତା-ନିର୍ମାଣ ଏବଂ ସତ୍ୟ-ଖୋଜିବାରେ ଆଗ୍ରହ ରଖିଛନ୍ତି।

### ଅନ୍ତର୍ଜାତୀୟ ସମ୍ମାନ ଏବଂ ସ୍ୱୀକୃତି

ସନ୍ଦୀପ ଚୌଧୁରୀଙ୍କୁ ୨୦୨୨ ମସିହାରେ ଲିଡରସିପ୍ ଏକ୍ସଲେନ୍ସ ପୁରସ୍କାର (ମୁମ୍ବାଇ), ଆଇକନ୍ସ ଏବଂ ଟ୍ରେଲବ୍ଲେଜର୍ସ ପୁରସ୍କାର (ନୂଆଦିଲ୍ଲୀ), ରାଇଜିଂ ଷ୍ଟାର ପୁରସ୍କାର, ଗ୍ଲୋବାଲ୍ ବିଜନେସ୍ ଆଚିଭର୍ ପୁରସ୍କାର, ଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗୀ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାର ମିଳିଛି।

ଭାରତର ଅନେକ ରାଜ୍ୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ତର୍ଜାତୀୟ ମଞ୍ଚରୁ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ମଧ୍ୟ ପ୍ରଦାନ କରାଯାଇଛି।




## ସନ୍ଦିପ ଚୌଧୁରୀଙ୍କର ସଫଳତାର ଫଟୋ ବିବରଣୀ



# ପିକଲବଲ୍ ଟୁର୍ଣ୍ଣାମେଣ୍ଟରେ ଅନ୍‌ମୋଲ୍ ଦାଶଙ୍କ ଅଦ୍ୱିତୀୟ ବିଜୟ



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ହାଇ ୱେ ହୋଣ୍ଡା - ଏସଏସ୍ ପିକଲବଲ୍ ଏକାଡେମୀରେ ଆୟୋଜିତ ହୋଇଥିବା ଏକଦିନିଆ ରାଜ୍ୟସ୍ତରୀୟ ପିକଲବଲ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ୍ ମେନ୍ସ ଓପନ୍ ଡବଲ୍ସ ଓ ମିକ୍ସଡ୍ ଡବଲସ୍ ଦୁଇଟି ଶ୍ରେଣୀରେ ଅନୁଷ୍ଠିତ ହୋଇଥିଲା।ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଅନମୋଲ୍ ଦାଶ ତାଙ୍କ ଅପୂର୍ବ କୌଶଳ ଓ ମହାନ୍ ପ୍ରଦର୍ଶନ କରିବା ସହିତ ଦୁଇଟି ଶ୍ରେଣୀରେ ବିଜୟୀ ହେବା ସହ ଦର୍ଶକଙ୍କ ମନ ଜିତିନେଇଛନ୍ତି। ମେନ୍ସ ଓପନ୍ ଡବଲ୍‌ସ୍‌ରେ ସେ ଯଶରାଜ ନାୟକ ସହ ଦଳ ବନାଇ ବିଜୟୀ ହୋଇଥିଲେ। ଏହା ଛଡ଼ା ମିକ୍ସଡ୍ ଡବଲ୍‌ସ୍‌ରେ ପ୍ରସିଦ୍ଧି ପୋଦ୍ଦାରଙ୍କ ସହ ଖେଳି ବିଜୟ ଅର୍ଜନ କରିଥିଲେ। ପ୍ରତିଯୋଗିତା ଶେଷରେ ବିଜୟୀ ଦଳମାନଙ୍କୁ ପଦକ ଓ ସମ୍ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଆୟୋଜକମାନେ ଓଡ଼ିଶାରେ ପିକଲ୍‌ବଲ୍ ଖେଳକୁ ଆଉ ଆଗକୁ ବଢ଼ାଇବା ଓ ନବପ୍ରତିଭାମାନଙ୍କୁ ସହଯୋଗ କରିବା ପ୍ରତି ନିଷ୍ଠୟ ବ୍ୟକ୍ତ କରିଛନ୍ତି। ଏହି ଆୟୋଜନ ପିକଲ୍‌ବଲ୍ ଭଳି ନୂଆ ଖେଳର ପ୍ରଚାର ଓ ଉନ୍ନତିରେ ଏକ ମାଇଲ୍‌ଷ୍ଟୋନ୍ ସାବିତ ହେଇଛି।

# ଚାରିଟି ନୂଆ ପୁଲିସ୍ ବୁଥ୍ ସ୍ଥାପନ



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ପକ୍ଷରୁ ଚାରିଟି ପୂର୍ଣ୍ଣ ସୁସଜ୍ଜିତ ପୋଲିସ ବୁଥ୍ ସ୍ଥାପନ କରି ଭୁବନେଶ୍ୱର ଟ୍ରାଫିକ ପୋଲିସକୁ ନିଜର ସମର୍ଥନ ଯୋଗାଇ ଦେଇଛି। ଏହି ପ୍ରୟାସ ବ୍ୟାଙ୍କର ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନରେ ହାତକୁ ନିଆଯାଇଥିବାବେଳେ ଏହାଦ୍ୱାରା ଟ୍ରାଫିକ ପରିଚାଳନାରେ ଉନ୍ନତି, ବାସ୍ତବ କ୍ଷେତ୍ରରେ ଟ୍ରାଫିକ ନିୟମର ପ୍ରବର୍ତ୍ତନ ଏବଂ ଜନସାଧାରଣଙ୍କ ନିମନ୍ତେ ନିରାପଦ ଗମନା ଗମନ ଅନୁଭୂତିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଛି। ନୂଆକରି ଉଦ୍‌ଘାଟିତ ବୁଥ୍‌ଗୁଡିକ ପ୍ରତିଦିନ ବିପୁଳ ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବା କେଶୁରା ଛକ, ଗ୍ୟାରେଜ ଛକ, ପଳାଶୁଣି ଏବଂ ରାଜମହଲ ଛକରେ ରଣକୋଶଳାତ୍ମକ ଦୃଷ୍ଟିରୁ ଅବସ୍ଥିତ। ପ୍ରତ୍ୟେକ ବୁଥ୍‌ରେ ବସିବା ବ୍ୟବସ୍ଥା, ପଙ୍ଖା ଏବଂ ମାଇକ ବ୍ୟବସ୍ଥା ଭଳି ଅତ୍ୟାବଶ୍ୟକ ସୁବିଧା ଯୋଗାଇ ଦିଆଯାଇଛି। ଏହି ବୁଥ୍‌ଗୁଡ଼ିକ ଟ୍ରାଫିକ କର୍ମଚାରୀଙ୍କୁ ବାସ୍ତବ ସମୟ ଭିତ୍ତିକ ଟ୍ରାଫିକ ନିରୀକ୍ଷଣରେ ଉନ୍ନତି ଆଣିବା, ଟ୍ରାଫିକ୍ ନିୟମ ଉଲ୍ଲଙ୍ଘନ, ଜରୁରୀ ପରିସ୍ଥିତିରେ ଅଧିକ ତ୍ୱରିତ ଭାବରେ ପଦକ୍ଷେପ ଗ୍ରହଣ ଏବଂ ସଡ଼କ ସୁରକ୍ଷା ଅଭ୍ୟାସକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବାର୍ତ୍ତା ପ୍ରଚାର ବ୍ୟବସ୍ଥାକୁ ସୁଦୃଢ କରିବାରେ ସହାୟକ ହେବ। ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶରେ ଏୟୁ ଏସଏଫ୍‌ବି ଆଇନ ପ୍ରବର୍ତ୍ତନ ଏବଂ ନାଗରିକ ପ୍ରଶାସନ କ୍ଷେତ୍ରରେ ସହାୟତା କରିବାକୁ ମୌଳିକ ଭିତ୍ତିଭୂମିରେ ଉନ୍ନତି ଆଣିବା ନମନ୍ତେ ଟ୍ରାଫିକ ପୁଲିସ ବିଭାଗ ସହିତ ସହଭାଗୀତା କରିବା ପରେ ଭୁବନେଶ୍ୱରରେ ଅନୁରୂପ ପଦକ୍ଷେପ ହାତକୁ ନିଆଯାଇଛି।

## ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ରୂପାନ୍ତରଣ

# ନୂତନ ସଜ୍ଜିତ ଅଭ୍ୟାସ କକ୍ଷ ଉଦ୍‌ଘାଟିତ




**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଏବଂ ସୃଜନଶୀଳ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଆଜି ଏହାର ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ରୂପାନ୍ତରଣ କରିଛି। ଏହି ରୂପାନ୍ତରଣରେ ଉଚ୍ଚସ୍ତରୀୟ ଓ ଆଧୁନିକ ସଙ୍ଗୀତ ଉପକରଣ ସହିତ ଏକ ସମ୍ପୂର୍ଣ୍ଣ ସଜ୍ଜିତ ଅଭ୍ୟାସ କକ୍ଷ ଉଦ୍‌ଘାଟିତ ହୋଇଛି। ଏହି ଉତ୍ସର୍ଗୀକୃତ ସ୍ଥାନ କର୍ମଚାରୀ ଓ ସେମାନଙ୍କ ପିଲାମାନଙ୍କୁ ସେମାନଙ୍କର ଅବସର ସମୟରେ ସଙ୍ଗୀତ ଏବଂ କଳାତ୍ମକ ଆଗ୍ରହକୁ ଅନୁସରଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବା ଲକ୍ଷ୍ୟ ରଖିଛି।

ରେଳମଣ୍ଡଳ ସାଂସ୍କୃତିକ ସଂଗଠନର ଏହି ବାଦ୍ୟଯନ୍ତ୍ର ସହିତ ନୂତନ ସଜ୍ଜିତ ଅଭ୍ୟାସ କକ୍ଷ କର୍ମଚାରୀମାନଙ୍କର ସାମଗ୍ରିକ କଲ୍ୟାଣ ବୃଦ୍ଧି କରିବା ଏବଂ ସାଂସ୍କୃତିକ ଭାବନାକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ କାର୍ଯ୍ୟକଳାପର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବ। କର୍ମଚାରୀ ଓ ସେମାନଙ୍କ ପରିବାରକୁ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଏବଂ ସୁବିଧାର ପୂର୍ଣ୍ଣ ଉପଯୋଗ କରିବାକୁ ଉତ୍ସାହିତ କରିବ। ସଂଗୀତ, କଳା ଏବଂ ସାଂସ୍କୃତିକ ଅଭିବ୍ୟକ୍ତି ମାଧ୍ୟମରେ ରେଳବାଇ ଭାଇଚାରା ମଧ୍ୟରେ ପ୍ରତିଭାକୁ ପୋଷଣ ଏବଂ ବନ୍ଧନକୁ ସୁଦୃଢ଼ କରିବା ପାଇଁ ରେଳମଣ୍ଡଳ ସାଂସ୍କୃତିକ ସଂଗଠନ ଏକ ସ୍ପନ୍ଦନଶୀଳ କେନ୍ଦ୍ର ହେବାକୁ ଯାଉଛି। ଏହି ସଂଗଠନର ନେତୃତ୍ୱ ନେବାରେ ସଭାପତି ତଥା ଅତିରିକ୍ତ ଡିଭିଜନାଲ ରେଲୱେ ମ୍ୟାନେଜର (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ ଏବଂ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ତଥା ସଂଗଠନର କାର୍ଯ୍ୟନିର୍ବାହୀ ସଚିବ ଭାବରେ ଆର୍. ଏନ୍. ଏ. ପରିଡ଼ା କାର୍ଯ୍ୟ କରିବେ। ଅନ୍ୟାନ୍ୟ ପଦାଧିକାରୀମାନଙ୍କ ମଧ୍ୟରେ ବରିଷ୍ଠ ଡିଭିଜନାଲ ସାମଗ୍ରୀ ପ୍ରବନ୍ଧକ ଜାଭେଦ ଖାନ ସଚିବ ଭାବେ, ବିଭାଗୀୟ ବିତ୍ତ ପ୍ରବନ୍ଧକ ଶ୍ରୀ ଉପାଧ୍ୟାୟ ସତ୍ୟ କୁମାର ଆର ଅର୍ଥ ସଚିବ ଭାବେ ଏବଂ ସହାୟକ କାର୍ମିକ ଅଧିକାରୀ ତପସ୍ୱିନୀ ମହାନନ୍ଦିଆ ସହାୟକ ସଚିବ ଭାବରେ ଅନ୍ତର୍ଭୁକ୍ତ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ସଚିବ (କାର୍ଯ୍ୟକାରୀ) ପ୍ରମୋଦ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସହକାରୀ ସଚିବ ତପସ୍ୱିନୀ ମହାନନ୍ଦିଆଙ୍କ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କିମ୍‌ସରେ ୮୭ବର୍ଷ ବୟସ୍କା ମହିଳାଙ୍କ ଦୁଇ ଆଣ୍ଠୁ ପ୍ରତିରୋପଣ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** କିମ୍‌ସ ସୁପର୍ ସ୍ପେସିଆଲିଟି ହସ୍ପିଟାଲ୍‌ରେ ଜଣେ ୮୭ ବର୍ଷୀୟା ମହିଳାଙ୍କଠାରେ ଉଭୟ ଆଣ୍ଠୁର ସଫଳ ପ୍ରତିରୋପଣ ଅସ୍ତ୍ରୋପଚାର କରାଯାଇଛି। ଜଣେ ବୟସ୍କା ମହିଳାଙ୍କ ଦୁଇଟି ଆଣ୍ଠୁର ସମ୍ପୂର୍ଣ୍ଣ ସଫଳ ପ୍ରତିରୋପଣ କରାଯିବା ହେଉଛି ଓଡ଼ିଶା ଓ ପୂର୍ବ ଭାରତରେ ପ୍ରଥମ। ମହିଳା ଜଣକ ଗତ ୧୫ ବର୍ଷ ଧରି ଗୁରୁତର ଆଣ୍ଠୁଗଣ୍ଠି ରୋଗରେ ପୀଡ଼ିତ ଥିଲେ ଏବଂ ୫ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ଡାକ୍ତରମାନେ ପରାମର୍ଶ ଦେଇଥିଲେ ସୁଦ୍ଧା ଅସ୍ତ୍ରୋପଚାର ସଫଳ ହେବ କି ନାହିଁ କିମ୍ବା ଆହୁରି ଅକ୍ଷମ ହୋଇଯିବେ, ଏହି ଭୟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଉ ନ ଥିଲେ। କିନ୍ତୁ ତାଙ୍କ ଅବସ୍ଥା ଅତି ଶୋଚନୀୟ ହେବାପରେ ଦୈନନ୍ଦିନ କାର୍ଯ୍ୟ କରିପାରିବେ ବୋଲି ତାଙ୍କ ପରିବାର ଲୋକ ଅନୁଭବ କଲେ। ପରେ ତାଙ୍କୁ କିମ୍‌ସ ଆଣ୍ଠୁଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା. ବସନ୍ତ ବେହେରାଙ୍କ ସହ ପରାମର୍ଶ କରିଥିଲେ। ମହିଳାଙ୍କର ବୟସ ଦୃଷ୍ଟିରୁ ଏବଂ ତାଙ୍କର ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ହାଇପୋଥାଇରଏଡ଼ିଜିମ୍ ଆଦି ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ୩ ମାସ ଅନ୍ତରରେ ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରିବା ପାଇଁ ଡା. ବେହେରା ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ୍ ୭ରେ ଡାହାଣ ଆଣ୍ଠୁ ଏବଂ ଜୁଲାଇ ୨୧ରେ ବାମ ଆଣ୍ଠୁରେ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରାଯାଇଥିବାରୁ ଯନ୍ତ୍ରଣା ଓ ବିପଦ କମ୍ ରହିଥିଲା। ଅସ୍ତ୍ରୋପଚାର ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମହିଳା ଜଣକ ଯେପରି ଯନ୍ତ୍ରଣା ଅନୁଭବ ନ କରିବେ ସେଥିପାଇଁ ନିଶ୍ଚେତକ ବିଶେଷଜ୍ଞ ଡା. ରାଜ ମୋହନ ଓ ତାଙ୍କ ଦଳ ନର୍ଭ ବ୍ଲକ ସହ ମେରୁଦଣ୍ଡ ନିଶ୍ଚେତକ ବ୍ୟବହାର କରିଥିଲେ। ପ୍ରତ୍ୟେକ ଅସ୍ତ୍ରୋପଚାରର ଦିନକ ପରେ ମହିଳା ଜଣକ ସାହାରା ନେଇ ଚାଲିଥିଲେ। ଶେଷ ଅସ୍ତ୍ରୋପଚାରର ମାତ୍ର ୫ ଦିନ ପରେ କୌଣସି ଜଟିଳତା ନ ଥାଇ ତାଙ୍କୁ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ କରାଯାଇଥିଲା। ସାଧାରଣତଃ ବୟସଜନିତ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁଁ ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଲୋକଙ୍କ ଗଣ୍ଠି ପ୍ରତିରୋପଣ କରିବା ଅଧିକ ବିପଦପୂର୍ଣ୍ଣ ବୋଲି ବିବେଚନା କରାଯାଏ। କିନ୍ତୁ ଏବେ ଅତ୍ୟାଧୁନିକ ଅସ୍ତ୍ରୋପଚାର ଜ୍ଞାନ କୌଶଳ, ନିଶ୍ଚେତକ ଏବଂ ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନ ପାଇଁ ଏହି ଅସ୍ତ୍ରୋପଚାର ଅଧିକ ସୁରକ୍ଷିତ ଏବଂ ସଫଳ ହୋଇପାରୁଛି। ଏହା ବ୍ୟତୀତ ଆଣ୍ଠୁ ପ୍ରତିରୋପଣ ପାଇଁ ସେପରି କିଛି ବୟସ ସୀମା ନାହିଁ ବୋଲି ଆଣ୍ଠୁଗଣ୍ଠି ପ୍ରତିରୋପଣ ବିଶେଷଜ୍ଞ ଡା. ବେହେରା ପ୍ରକାଶ କରିଛନ୍ତି। ଏଥିପାଇଁ ରୋଗୀଙ୍କ ସାମଗ୍ରିକ ସ୍ୱାସ୍ଥ୍ୟାବସ୍ଥା, ଚଳନ ଶକ୍ତି ଏବଂ ଯନ୍ତ୍ରଣାର ମାତ୍ରାକୁ ଦେଖି ନିଷ୍ପତ୍ତି ନିଆଯାଇଥାଏ। କିମ୍‌ସ୍ ସୁପର୍‌ସ୍ପେସିଆଲିଟି ହସ୍‌ପିଟାଲ୍‌ରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଥିବାରୁ ବିଭିନ୍ନ ଜଟିଳ ଅସ୍ତ୍ରୋପଚାର କରାଯାଇପାରୁଛି ବୋଲି ଡା. ବେହେରା କହିଛନ୍ତି।

# ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଜୟଦେବ ବିହାରର ୨୯ତମ ବିଦ୍ୟାଳୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଶାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ମାରାଣ୍ଡି ଉପସ୍ଥିତ ରହିଥିଲେ। ପ୍ରଧାନାଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ପ୍ର. ଗୋସ୍ୱାମୀ ବିଜ୍ଞାନର ଉପଯୋଗିତା, ଆବଶ୍ୟକତା ଓ ଉପାଦେୟତା ଆଧାରରେ ଶିଶୁଙ୍କୁ ବୈଜ୍ଞାନିକମାନଙ୍କର ଆଦର୍ଶକୁ ଅନୁସରଣ କରି ଭବିଷ୍ୟତରେ ଜଣେ ବୈଜ୍ଞାନିକ ହୋଇ ଦେଶ ବୋ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ମେଳାର ଉଦ୍‌ଯାପନୀ ଉତ୍ସବରେ ସିଏସ୍‌ଆଇଆର୍‌ର ଡ. ପ୍ରଭାସ ଚନ୍ଦ୍ର ବେଉରିଆ(ସିଏସ୍) ମୁଖ୍ୟଅତିଥି ଭାବେ ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ମେଳାରେ ୧୯୪ଟି ପ୍ରକଳ୍ପ ମଧ୍ୟରୁ ୨୯ଟି କିଶୋର ବର୍ଗ, ୬୦ଟି ବାଲ ବର୍ଗ, ୪୬ଟି ଶିଶୁ ବର୍ଗ ଓ ୫୯ଟି କନିଷ୍ଠ ବର୍ଗ ରହିଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସମ୍ପାଦକ ବାଣୀବ୍ରତ ତ୍ରିପାଠୀ, କୋଷାଧ୍ୟକ୍ଷ ଫଗୁ ବାରିକଙ୍କ ସମେତ ପରିଚାଳନା କମିଟିର ସଦସ୍ୟସଦସ୍ୟା, ସମସ୍ତ ସେବାବ୍ରତୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଅକ୍ଟୋବର ୩୦ରୁ ଶିଳ୍ପର ଅନ୍ତର୍ଜାତୀୟ ପ୍ରଦର୍ଶନୀ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଆସନ୍ତା ଅକ୍ଟୋବର ୩୦ ତାରିଖରୁ ଖଣି, ଧାତୁ ଓ ସମ୍ବନ୍ଧିତ ଶିଳ୍ପର ଚାରି ଦିନିଆ ଅନ୍ତର୍ଜାତୀୟ ପ୍ରଦର୍ଶନୀ ତଥା ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଭାରତକୁ ଖଣି ଓ ଉତ୍ପାଦନ ପାଇଁ ବିଶେଷ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଓ ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରରେ ଏକ ଗ୍ଲୋବାଲ ହବ୍‌ରେ ପରିଣତ କରିବା ଉପରେ ଗୁରୁତ୍ୱ ଦେବା। ଏହି ପ୍ରଦର୍ଶନୀ ଘରୋଇ ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ବ୍ୟତୀତ ଖଣି ଓ ଧାତୁ ଶିଳ୍ପର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିବେଶ ଆକର୍ଷିତ କରିବା ପାଇଁ ଲକ୍ଷ୍ୟ ରଖିଛି। ଆଇଏମ୍‌ଇ ଓ ଆଇଏସ୍‌ଏମ୍‌ଇ ଖଣି, ଉପକରଣ, ଖଣିଜ ପଦାର୍ଥ ଓ ଧାତୁ, ନୂତନ ଟେକ୍ନୋଲୋଜି ଏବଂ ଆର୍‌ଆଣ୍ଡଡିର ଅଭିନବ ପ୍ରୟୋଗ ଓ ସର୍ବୋତ୍ତମ ଅଭ୍ୟାସଗୁଡ଼ିକର ପ୍ରଦର୍ଶନୀ ପାଇଁ ଉପଯୁକ୍ତ ପ୍ଲାଟଫର୍ମ ହେବାକୁ ଯାଉଛି। ଏହି ପ୍ରଦର୍ଶନୀ ଓ ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୧୦୦ ବକ୍ତା ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଏହାଛଡ଼ା ଅଂଶଗ୍ରହଣକାରୀଙ୍କୁ ନେଟ୍‌ୱର୍କିଂ, ନୂଆ ସଂଯୋଗ ଓ ବ୍ୟବସାୟିକ ଆଲୋଚନା ପାଇଁ ସୁଯୋଗ ଦେବା ଲାଗି ସହଯୋଗ ମିଳିବ ବୋଲି ଆଶା କରାଯାଉଛି।

# ଯୌନ ନିର୍ଯାତନା ନିବାରଣ ଆଇନ୍ ସମ୍ପର୍କିତ ସଚେତନତା ଶିବିର

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ରାଜଭବନ ପରିସରରେ କର୍ମ କ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯାତନା (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ - ୨୦୧୩ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ ଉଦ୍‌ବୋଧନ ଦେଇ ସଚେତନତା ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ କର୍ମ କ୍ଷେତ୍ରରେ ସଚ୍ଚୋଟତା, ସମ୍ମାନ ଓ ବୃତ୍ତିଗତ ଚିନ୍ତାଧାର ବଜାୟ ରଖିବା ଏବଂ କର୍ମକ୍ଷେତ୍ରକୁ ଏକ ନିରାପଦ ଏବଂ ଯେ କୌଣସି ପ୍ରକାରର ନିର୍ଯାତନାରୁ ମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ପ୍ରତିବଦ୍ଧତା ଦେଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦା ଏବଂ ଅଧିକାରକୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ଆଇନ (କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ଆଇନ) ପାରସ୍ପରିକ ସମ୍ମାନ ଏବଂ ଉତ୍ତର ଦାୟିତ୍ୱର ସଂସ୍କୃତିକୁ ସୁନିଶ୍ଚିତ କରିବା ପାଇଁ ସାମୁହିକ ଅଭିଯାନରେ ମୂଳଦୁଆଭାବେ କାର୍ଯ୍ୟ କରେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମ ଏପରି ଏକ କର୍ମକ୍ଷେତ୍ର ସୃଷ୍ଟି କରିବା ପାଇଁ ଆମର ଅଟଳ ପ୍ରତିବଦ୍ଧତାର ନିଦର୍ଶନ, ଯେଉଁଠାରେ ପ୍ରତ୍ୟେକ ମହିଳା କର୍ମଚାରୀ ନିଜ କର୍ମ କ୍ଷେତ୍ରରେ ସୁରକ୍ଷିତ ଏବଂ ସଶକ୍ତ ଅନୁଭବ କରିବେ। ଯେ କୌଣସି ପ୍ରକାରର ଯୌନ ନିର୍ଯ୍ୟାତନା ସମାନତା ଏବଂ ମାନବିକ ମର୍ଯ୍ୟାଦା ନୀତିର ଅପମାନ ବୋଲି ସଚିବ ଶ୍ରୀମତୀ ସାହୁ କହିବା ସହ ସତର୍କତା ଏବଂ ସଂକଳ୍ପର ସହ ଏପରି ଆଚରଣକୁ ରୋକିବା ଏବଂ ସମାଧାନ କରିବା ସମସ୍ତଙ୍କର ମିଳିତ କର୍ତ୍ତବ୍ୟ ହେଉ ବୋଲି କହିଥିଲେ। ରାଜଭବନରେ ଏପରି ସଚେତନତା କାର୍ଯ୍ୟକ୍ରମ କର୍ମକ୍ଷେତ୍ର ପ୍ରତି ଆମର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରିବ ଯେଉଁଠାରେ ମର୍ଯ୍ୟାଦା ଏବଂ ବୃତିଗତ ଚିନ୍ତାଧାରା ପ୍ରତିଫଳିତ ହେବ ବୋଲି କହିଥିଲେ। ଏହି ଅବସରରେ ରାଜଭବନର ଏଭଳି ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ମାର୍ଗଦର୍ଶନ କରିଥିବାରୁ ମାନ୍ୟବର ରାଜ୍ୟପାଳଙ୍କୁ କୃତଜ୍ଞତା ଜଣାଇଥିଲେ। ଉକ୍ତ ସଚେତନତା ଶିବିରରେ ସାଧନ ବ୍ୟକ୍ତିଭାବେ ଯୋଗଦେଇ ପୋଲିସ୍ କମିଶନରେଟର ଆଇଟି ଏବଂ ସୋସିଆଲ ମିଡିଆ ସେଲ୍ ଏସିପି ସୁଚିସ୍ମିତା ଦାସ ପାୱାର ପଏଣ୍ଟ୍ ପ୍ରେଜେଣ୍ଟେସନ୍ ମାଧ୍ୟମରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ (ସୁରକ୍ଷା, ନିବାରଣ ଏବଂ ପ୍ରତିକାର) ଆଇନ୍ ସମ୍ପର୍କରେ ବିଶଦଭାବେ ଅବଗତି କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।

# ସାମାଜିକ ଦାୟିତ୍ୱ ଓ ସ୍ଥାୟୀ ବିକାଶ ଉପରେ ଆଲୋଚନା

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ସିଏସ୍‌ଆର୍ କ୍ଷେତ୍ରରେ ଦେଶକୁ ଏକ ନୂଆ ଦିଗ ଦେବା ଲାଗି ପ୍ରୟାସ ଆରମ୍ଭ କରିଛି। ଏହି ପ୍ରୟାସର ଅଂଶ ଭାବେ ଆସନ୍ତା ୨୨ ଓ ୨୩ ଅଗଷ୍ଟରେ ଦୁଇଦିନିଆ ସିଏସ୍‌ଆର୍ ସମ୍ମିଳନୀ ୨୦୨୫ ଆୟୋଜିତ ହେବ। ଏହି ବର୍ଷର ବିଷୟ ରହିଛି 'ସ୍ଥାୟୀ ବିକାଶ ପାଇଁ ସିଏସ୍‌ଆର୍: ପ୍ରଭାବ ଓ ନବପ୍ରବର୍ତ୍ତନର ସଂଯୋଗ'। ଏହି ସମ୍ମିଳନୀରେ ରାଜ୍ୟ ସରକାର, କମ୍ପାନୀ, ଶିକ୍ଷା ପ୍ରତିଷ୍ଠାନ, ସେବା ସଂଗଠନ ଓ ସାମାଜିକ କର୍ମୀମାନେ ମିଶି ଏକ ସଂଯୁକ୍ତ ମଞ୍ଚ ଗଠନ କରିବେ। ଶିକ୍ଷା, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ମହିଳା ସଶକ୍ତୀକରଣ ଓ ସାମାଜିକ ନବପ୍ରବନ୍ଧନ ଭଳି ବିଷୟ ଉପରେ ବିଚାରବିମର୍ଶ ହେବ। ଏସମ୍ପର୍କରେ ଅଧ୍ୟକ୍ଷ ଡା. ପଙ୍କଜ ସୋନୀ କହିଛନ୍ତି ଯେ ସିଏସ୍‌ଆର୍ କେବଳ ଏକ ଆଇନଗତ ଦାୟିତ୍ୱ ନୁହେଁ, ବରଂ ଏହା ସାମାଜିକ ପରିବର୍ତ୍ତନ ଆଣିବାର ଏକ ଶକ୍ତିଶାଳୀ ଉପାୟ। ସାମାଜିକ ଓ ଆର୍ଥିକ ଗଠନ ଏହାକୁ ସମାନ୍ତର ବିକାଶ ପାଇଁ ଉପଯୁକ୍ତ ସ୍ଥାନ କରିଛି। ଏହି ଅନୁଷ୍ଠାନରେ ଓଏନ୍‌ଜିସି, କୋଲ୍ ଇଣ୍ଡିଆ, ସେଲ୍ ଓ ଏନଟିପିସି ପରି ମୁଖ୍ୟ ସାର୍ବଜନୀନ ବିକାଶ ଉପକ୍ରମମାନେ ସହଯୋଗ କରୁଛନ୍ତି। ବିଭିନ୍ନ କମ୍ପାନୀ, ବିଶ୍ୱବିଦ୍ୟାଳୟ, ଟ୍ରଷ୍ଟ ଓ ବ୍ୟକ୍ତିଗତ ପରିବର୍ତ୍ତନକାରୀମାନେ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ ବୋଲି ସେ କହିଥିଲେ।

# ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବା ପାଇଁ ମିଳିତ ପଦକ୍ଷେପ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ଲୋକଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ମିଳିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏନ୍‌ଏସ୍‌ଇ ପକ୍ଷରୁ ଏହି ସୁରକ୍ଷା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ନିବେଶକଙ୍କୁ ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡ଼ିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡ଼ିକୁ ଯାଞ୍ଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକଙ୍କୁ ବିଭିନ୍ନ ବ୍ୟବସ୍ଥାରେ ସଚେତନ କରିବା ସହ ଠକାମୀ କିପରି ହେଉଛି ସେ ସମ୍ପର୍କରେ ସଜାଗ କରିବା ଲାଗି ଏନ୍‌ଏସ୍‌ଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି।

# ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମୀକ୍ଷା ବୈଠକ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** କୃଷିଭବନ ଅଡିଟୋରିଅମଠାରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ, ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ୩୦ ଗୋଟି ଜିଲ୍ଲାର ଜିଲ୍ଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ମନ୍ତ୍ରୀ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ଅଧୀନରେ କାର୍ଯ୍ୟକ୍ଷମ ସମସ୍ତ ଯୋଜନାର ଅଗ୍ରଗତି ଉପରେ ସମୀକ୍ଷା କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ହିତାଧିକାରୀଙ୍କଠାରୁ ଦରଖାସ୍ତ ଗ୍ରହଣ କରି ତୁରନ୍ତ କାର୍ଯ୍ୟାଦେଶ ପ୍ରଦାନ କରିବାକୁ ମନ୍ତ୍ରୀ ଜିଲ୍ଲା ମତ୍ସ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ କିସାନ୍ କ୍ରେଡିଟ୍ କାର୍ଡ , ଭିତ୍ତିଭୂମି ବିକାଶ, ମାଛ ଚାଷୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧି ଉପରେ ସବିଶେଷ ସମୀକ୍ଷା କରିଥିଲେ। ରାଜ୍ୟରେ ଉନ୍ନତ ମାନର ଗୁଣାତ୍ମକ ଯାଆଁଳ ଉତ୍ପାଦନ ଓ ସଠିକ ସମୟରେ ମାଛ ଚାଷୀଙ୍କ ନିକଟରେ ଏହାର ଉପଲବ୍ଧତା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳକୃଷି ବୀମା ନିମନ୍ତେ ଜାତୀୟ ମତ୍ସ୍ୟ ଡିଜିଟାଲ ପ୍ଲାଟଫର୍ମରେ ରେଜିଷ୍ଟ୍ରେସନ ଉପରେ ପ୍ରାଧାନ୍ୟ ଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଅଗ୍ରାଧିକାର ଦିଆଯାଇଥିଲା। ମାଛ ଚାଷୀଙ୍କୁ ଋଣ ପ୍ରଦାନ ନିମନ୍ତେ ସମସ୍ତ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କୁ ଦରଖାସ୍ତ ସଂଗ୍ରହ କରି ବ୍ୟାଙ୍କ କୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲାମ୍, ଆପିକଲର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ମିଶ୍ର, ଓ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଭ୍ୟନ୍ତରୀଣ ସମିତି ସଦସ୍ୟଙ୍କ ଆଭାସୀ ପ୍ରଶିକ୍ଷଣ

**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ମହିଳା ଓ ଶିଶୁ ବିକାଶ ବିଭାଗ ଓ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ସହଭାଗିତାରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ କ୍ଷେତ୍ରର ଆଭ୍ୟନ୍ତରୀଣ ସମିତି(ଇଣ୍ଟରନାଲ କମିଟି) ସଦସ୍ୟମାନଙ୍କ ପାଇଁ ଏକ ଆଭାସୀ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ପ୍ରଶିକ୍ଷଣ ବୈଠକ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟର ସମସ୍ତ ବିଭାଗ ଓ କ୍ଷେତ୍ର ଅଧିକାରୀ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠିର ପ୍ରକଳ୍ପ ପରିଚାଳନା ବିଶେଷଜ୍ଞ ମିସ୍ ଅନୁଜା ଗୁଲାଟି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୋକ୍ସୋ ଆଇନର ଆଇନଗତ ଢାଞ୍ଚା ସହ ଆଭ୍ୟନ୍ତରୀଣ ସମିତି (ଆଇସି) ସଦସ୍ୟମାନଙ୍କ ଭୂମିକା ଓ କର୍ତ୍ତବ୍ୟ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ। ଆଇସି ସଦସ୍ୟମାନଙ୍କ ସନ୍ଦେହ ଦୂର କରିବା ସହ ସେମାନଙ୍କ ପ୍ରଶ୍ନଗୁଡ଼ିକର ଯଥୋଚିତ ଉତ୍ତର ଦେଇ ସୁରକ୍ଷିତ କର୍ମକ୍ଷେତ୍ର ସୁନିଶ୍ଚିତ କରିବା ନିମନ୍ତେ ଯୌନ ଉତ୍ପୀଡ଼ନ ଆହ୍ୱାନଗୁଡ଼ିକୁ ଧୈର୍ଯ୍ୟର ସହିତ ସମାଧାନ କରିବା ପାଇଁ ସେ ଆଇସି ସଦସ୍ୟମାନଙ୍କୁ ସଚେତନ କରେଇଥିଲେ।

# ଅଗଷ୍ଟରେ ଲଗାତାର ୩ ଦିନ ସ୍କୁଲ୍, କଲେଜ ଛୁଟି

ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍: ଆସନ୍ତା ଅଗଷ୍ଟରେ ୩ ଦିନ ସ୍କୁଲ ଛୁଟି ହେବାକୁ ଯାଉଛି। ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ, କଲେଜ ଏବଂ ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ। ଅଗଷ୍ଟ ୧୫, ୧୬ ଏବଂ ୧୭ ତାରିଖରେ ଏହି ଛୁଟି ପାଳନ କରାଯିବ। ୧୫ ଅଗଷ୍ଟ ସ୍ୱାଧୀନତା ଦିବସ ଦିନ ପତାକା ଉତ୍ତୋଳନ ପରେ ସ୍କୁଲଗୁଡ଼ିକରେ ଛୁଟି ଘୋଷଣା କରାଯାଏ। ତେଣୁ ସ୍କୁଲ, କଲେଜ ସହ ଅଫିସ୍ ଛୁଟି ରହିବ। ୧୬ ଅଗଷ୍ଟରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ ଛୁଟି। ୧୭ ରବିବାର ମଧ୍ୟ ଏକ ସାଧାରଣ ଛୁଟିଦିନ।

# ନାରାୟଣ ଇ-ଟେକ୍ନୋ ବିଦ୍ୟାଳୟରେ ଅଳଙ୍କରଣ ଉତ୍ସବ



**ଭୁବନେଶ୍ୱର,୨୯।୭/ଏନ୍ଏନ୍ଏସ୍:** ନାରାୟଣ ଏ-ଟେକ୍ନୋ ବିଦ୍ୟାଳୟରେ ଅଳଙ୍କରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଏଜିଏମ୍ କିଶୋର କୁମାର ପାଣିଗ୍ରାହୀ, ସମସ୍ତ ବିଭାଗର କୋ-ଅଡ଼ିନେଟର୍‌ମାନଙ୍କର ଉପସ୍ଥିତିରେ ଅଧ୍ୟକ୍ଷା ଟି. ଶ୍ରୀଦେବୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶୋଭିତ କୁମାର ବେହେରା, ଆର୍ଯ୍ୟନ ଇଲେକ୍ସନ୍ଦେର , ଶିବଂଶୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷା ପାଠପଢ଼ା ସହିତ ଶୃଙ୍ଖଳିତ ଜୀବନାଶୈଳୀ ଦ୍ୱାରା ପିଲାମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ସମ୍ଭବ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ନିଷ୍କ୍ରିୟ

# ଖଣ୍ଡପଡ଼ା-କଣ୍ଟିଲୋ ରାସ୍ତା ଅବସ୍ଥା ଶୋଚନୀୟ

**କଣ୍ଟିଲୋ,୨୯।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ସଦର ମହକୁମାଠାରୁ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ଓ ସୁଳିଆଛକ ବାଟ ଦେଇ କଣ୍ଟିଲୋ ଯାଇଥିବା ରାସ୍ତାର ଦୂରତ୍ୱ ମାତ୍ର ୩୩ କିମି। ସୂଚନାରୁ ପ୍ରକାଶ ଯେ, ଖଣ୍ଡପଡ଼ା ବ୍ଲକ ଠାରୁ ସୁଳିଆ ଛକ ଦେଇ କଣ୍ଟିଲୋ ମାତ୍ର ୧୩ କିଲୋମିଟର ଦୂର। ଏହି ୧୩ କିଲୋମିଟର ରାସ୍ତା ମଧ୍ୟରୁ ଖଣ୍ଡପଡ଼ାରୁ ସୁଳିଆ ଛକ ପର୍ଯ୍ୟନ୍ତ ଖଣ୍ଡପଡ଼ା ପୂର୍ତ୍ତ ବିଭାଗର ୧୦କିମି ଓ ସୁଳିଆ ଛକରୁ କଣ୍ଟିଲୋ ମାତ୍ର ୩କିମି ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗର। ବର୍ତ୍ତମାନ୍ ଖଣ୍ଡପଡ଼ାଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ଉଭୟ ବିଭାଗର ରାସ୍ତା ଏତେ ଶୋଚନୀୟ ତଥା ମରଣଯନ୍ତା ପାଲଟିଛି ତାହା ନିଜ ଆଖିରେ ନ ଦେଖିଲେ ବିଶ୍ୱାସ ହେବ ନାହିଁ। ପ୍ରତ୍ୟେକ ଦିନ କିଛିନା କିଛି ଦୁର୍ଘଟଣା ଓ ଅଘଟଣ ଘଟୁଥିବା ନଜିର ଅଛି। କଣ୍ଟିଲୋରୁ ଆର୍‌ଡି ବିଭାଗର ଯେଉଁ ରାସ୍ତା ସୁଳିଆଛକର ପୂର୍ତ୍ତବିଭାଗ ରାସ୍ତାରେ ସଂଯୋଗ ହୋଇଛି ଠିକ୍ ସେହି ସ୍ଥାନରେ ରାସ୍ତା ଦୁଇଫୁଟ ଗଭୀର ଖାଲ ହୋଇଥିବା ଯୋଗୁ ପ୍ରତ୍ୟେକ ଦିନ ସ୍କୁଲ ଛାତ୍ରଛାତ୍ରୀ, ସାଇକେଲ ଓ ମୋଟର ସାଇକେଲ ଆରୋହୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଗୋପୀନାଥପୁର ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ଏହା ଯେ, ଉଭୟ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ କର୍ମଚାରୀମାନଙ୍କର ଆନ୍ତରିକତା ନଥିବା ଓ ଇଚ୍ଛାଶକ୍ତିର ଅଭାବ ଏବଂ ସର୍ବୋପରି ଜଗନ୍ନାଥ ମହାପ୍ରଭୁଙ୍କ ଆଦିପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବଙ୍କ କ୍ଷେତ୍ର ପ୍ରତି ଥିବା ବୈମାତୃକ ମନୋଭାବ ସ୍ପଷ୍ଟ ବାରି ହେଉଛି। ଉଭୟ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏହା ଚାଲିଛି ବୋଲି ଅଭିଯୋଗ ହେଉଛି। ତେଣୁ ଉଭୟ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭକରି ଏସଡିଓ, ଜିଲ୍ଲା ଅଧିକ୍ଷଣ ଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଭୃତି ଏହି ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରକୁ ଯାତାୟାତ କରୁଥିବା ହଜାର ହଜାର ପର୍ଯ୍ୟଟକ, ଛାତ୍ରଛାତ୍ରୀ, ବାଟୋଇ, ସାଇକେଲ, ବାଇକ୍ ଓ ଚାରିଚକିଆ ଓ ଭାରୀଯାନର ସୁରକ୍ଷା ସହିତ ଜୀବନ ପ୍ରତି ଥିବା ବିପଦକୁ ଦୂରେଇବା ପାଇଁ ଯଥାଶୀଘ୍ର ଏହି ୧୩କିମି ରାସ୍ତାକୁ ଉଭୟ ବିଭାଗ ଦ୍ୱାରା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଶ୍ରୀବିଗ୍ରହଙ୍କ ବନକଲାଗି ନୀତି, ୪ଘଣ୍ଟା ବନ୍ଦରହିବ ଦର୍ଶନ



**ପୁରୀ,୨୯।୭/ଏନ୍ଏନ୍ଏସ୍:** ବୁଧବାର ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି। ବୁଧବାର ଅର୍ଥାତ କାଲି ୪ଘଣ୍ଟା ବନ୍ଦ ରହିବ ଜଗା ଦର୍ଶନ। ଆସନ୍ତାକାଲି ଶ୍ରାବଣ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ୨ୟ ଭୋଗମଣ୍ଡପ ଭୋଗ ଶେଷ ପରେ ଆରମ୍ଭ ହେବ ନୀତି। ସନ୍ଧ୍ୟା ୬ଘଟିକାଠାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ବନ୍ଦ ରହିବ ସାଧାରଣ ଦର୍ଶନ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କ ବନକଲାଗି ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହେବ। ଅପରାହ୍ନରେ ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ମହାପ୍ରଭୁଙ୍କ ବନକଲାଗି ନୀତି ଆରମ୍ଭ ହେବ। ଦତ୍ତ ମହାପାତ୍ର ସେବକ ମାନେ ଠାକୁରଙ୍କ ଶ୍ରୀମୁଖ ସିଂହାର କରିବା ଲାଗି ଗର୍ଭଗୃହକୁ ପ୍ରବେଶ କରିବେ। ବନକଲାଗି ପାଇଁ ହିଙ୍ଗୁଳ, ହରିତାଳ, ଶଙ୍ଖ, କେଶର, କର୍ପୂର, କଇଥ ଅଠା, କସ୍ତୁରୀ,କଳା ଆଦି ବ୍ୟବହାର କରାଯିବ। ଏହାଦ୍ୱାରା ଶ୍ରୀଅଙ୍ଗର ଶ୍ରୀବୃଦ୍ଧି ଘଟିଥାଏ।

# ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଚୋରି

**ସାଲେପୁର,୨୯।୭/ଏନ୍ଏନ୍ଏସ୍:** ପୁଣି ଲୁଟେରାଙ୍କର ପୁଲିସକୁ ଖୋଲା ଚ୍ୟାଲେଞ୍ଜ। ଅପରାହ୍ନ ସମୟରେ ଜନଗହଳିପୂର୍ଣ୍ଣ ମାଛୁଆତି ଗ୍ରାମରୁ ଚୋରି ହୋଇଥିବା ଜଣାପଡ଼ିଛି। ଘରେ କେହି ନଥିବାର ସୁଯୋଗ ନେଇ ଲକ୍ଷାଧିକ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ସହ ନଗଦ ୩୦ହଜାର ଟଙ୍କା ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣା ଘଟିଛି କଟକ ଜିଲ୍ଲା ସାଲେପୁର ଥାନା ମାଛୁଆତି ଗ୍ରାମରେ। ମାଛୁଆତି ଗ୍ରାମର ମଧୁସ୍ମିତା ପଣ୍ଡାଙ୍କ ଗ୍ରୀଲ କାଟି ଘରେ ପଶି ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ଅଭିଯୋଗ କରିଛନ୍ତି। ମଧୁସ୍ମିତା ପଣ୍ଡା ଓ ସ୍ୱାମୀ ଅଜୟ କୁମାର ମଲ୍ଲିକ ଦିନ୪ଟା ବେଳେ ମେଡିକାଲ ଯାଇଥିବା ବେଳେ ରାତି ୭ଘଟିକା ସମୟରେ ଘରକୁ ଫେରି ଦେଖିଥିଲେ ଚୋରମାନେ ଘରେ ପଶି ଗଡ଼ରେଜ ଭାଙ୍ଗି ସୁନା ଚେନ ୪ଟା ଲକେଟ ୧ଟା ମଙ୍ଗଳସୂତ୍ର ୧ଟା ମୁଦି ୧ଟା କାନଫୁଲ ୧ହଳ ନାକଫୁଲ ୪ଟା ଓ ରୁପା ଗହଣା ସହ ନଗଦ ୩୦ହଜାର ଟଙ୍କା ଚୋରି ହୋଇଥିବା ନେଇ ସାଲେପୁର ଥାନାରେ ମଧୁସ୍ମିତା ଅଭିଯୋଗ କରିଛନ୍ତି। ଗଡ଼ରେଜ ଭାଙ୍ଗି ୮ଲକ୍ଷ ଟଙ୍କା ମୂଲ୍ୟର ସୁନା ରୁପା ଗହଣା ଚୋରି ହୋଇଥିବା ନେଇ ମଧୁସ୍ମିତା ଅଭିଯୋଗ କରିଛନ୍ତି। ସାଲେପୁର ପୁଲିସ ଅଭିଯୋଗ ପାଇବା ପରେ ସାଇଣ୍ଟିଫିକ୍ ଟିମ ସହ ତଦନ୍ତ କରିଥିବା ବେଳେ ଚୋରକୁ ଧରିବାରେ ସଫଳ ହୋଇନାହିଁ। ବାରମ୍ବାର ସାଲେପୁରରେ ଚୋରି ହେଉଥିବାବେଳେ ପୁଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିହୋଇଛି।

# ୟୁଏନ୍ କଲେଜରେ କର୍ମଶାଳା

**କଣ୍ଟାପଡ଼ା,୨୯।୭/ଏନ୍ଏନ୍ଏସ୍:** କଣ୍ଟାପଡ଼ା ବ୍ଲକ ଅଡ଼ଶପୁରସ୍ଥିତ ୟୁଏନ କଲେଜ ଅଧ୍ୟକ୍ଷା ଚିରଶ୍ରୀ ଇନ୍ଦ୍ରସିଂଙ୍କ ପରାମର୍ଶରେ 'ସୋସିଆଲ ମିଡ଼ିଆ ମାଧ୍ୟମରେ ସାମାଜିକ ସେବା' ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଆ ସିନେମା ଅଭିନେତା ସବ୍ୟସାଚୀ ମିଶ୍ର, ରେଡ଼କ୍ରସ ଅଧିକାରୀ ଡଃ.ରମେଶଚନ୍ଦ୍ର ବେହେରା, ଲକ୍ଷ୍ମଣ ସ୍ୱାଇଁ, ଡଃ.ଗୋଲକକୃଷ୍ଣ ମିଶ୍ର, ଡଃ.ସସ୍ମିତା ପଟ୍ଟନାୟକ ଓ ଅକ୍ଷୟକୁମାର ମହାନ୍ତି ପ୍ରମୁଖ ଯୋଗଦେଇ ସୋସିଆଲ ମିଡ଼ିଆ ମାଧ୍ୟମରେ ଯୋଗାଯୋଗ ଦକ୍ଷତା, ସାଇବର ଠକେଇ, ଡିଜିଟାଲ ସୁରକ୍ଷା, ସୃଜନଶୀଳ ଲେଖା, ସମ୍ପ୍ରଦାୟ ସହ ଯୋଡ଼ିହେବା ଆଦି ଉପରେ ମୁଖ୍ୟତଃ ଆଲୋକପାତ କରିଥିଲେ। ଅଧ୍ୟାପିକା ଅମିତାବାଳା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡିସିପିଙ୍କୁ ଶାନ୍ତି କମିଟିର ସମ୍ବର୍ଦ୍ଧନା



**ଫୁଲନଖରା,୨୯।୭/ଏନ୍ଏନ୍ଏସ୍:** ସଦର ଥାନା ଅଞ୍ଚଳର ଆଞ୍ଚଳିକ ଶାନ୍ତି କମିଟି ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସଇନ୍ଧା-ନଛିପୁର ଆଞ୍ଚଳିକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ନୂତନ କର୍ମକର୍ତ୍ତାମାନେ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ବିଶେଷ କରି ସଦର ଥାନା ଅଞ୍ଚଳରେ ଆଗାମୀ ପାର୍ବଣ ଋତୁ ପରିପ୍ରେକ୍ଷୀରେ ଗଣେଶ ପୂଜା, ଗଜଲକ୍ଷ୍ମୀ ପୂଜା, ଦଶହରା, କାଳୀପୂଜା ଓ କାର୍ତ୍ତିକେଶ୍ୱର ପୂଜା ପାଳନ ଓ ସାଂସ୍କୃତିକ ଉତ୍ସବର ସୁପରିଚାଳନା ନେଇ ମୁଖ୍ୟତଃ ଆଲୋଚନା ହୋଇଥିଲା। ଏତଦ ବ୍ୟତୀତ ଅଞ୍ଚଳର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ମଧ୍ୟ କମିଟି କାର୍ଯ୍ୟକର୍ତ୍ତାମାନେ ଡିସିପି ଓ ଅତିରିକ୍ତ ଡିସିପି ଦେବଦତ୍ତ କରଙ୍କ ସହ ସବିଶେଷ ବିଚାର ବିମର୍ଷ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଡିସିପି ଓ ଅତିରିକ୍ତ ଡିସିପିଙ୍କୁ ସମ୍ମାନିତ କରାଯାଇଥିଲା। ସଇନ୍ଧା-ନଛିପୁର ଆଞ୍ଚଳିକ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ସଭାପତି ପ୍ରଦୀପକୁମାର ଦାସ, ଉପସଭାପତି ପ୍ରମୋଦକୁମାର ସାହୁ, ସମ୍ପାଦକ ସଞ୍ଜୟ ମୁଦୁଲି, ସହ ସମ୍ପାଦକ ବିଭୂତି ଭୂଷଣ ତରାଇ ଏବଂ କୋଷାଧ୍ୟକ୍ଷ ଭାବଗ୍ରାହୀ ସାହୁଙ୍କ ସମେତ କମିଟି ସଦସ୍ୟ ଓ ସାମ୍ବାଦିକ ଗଜେନ୍ଦ୍ରନାଥ ଦାସ ଉପସ୍ଥିତ ଥିଲେ।

# କଂଗ୍ରେସ ନେତାଙ୍କ ବିୟୋଗରେ ଶୋକ

**କୁଆଁପାଳ,୨୯।୭/ଏନ୍ଏନ୍ଏସ୍:** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ମଧୁପୁର ପଞ୍ଚାୟତର ଦୋବନ୍ଧିଆ ଗ୍ରାମର ଜଣେ ନିଷ୍ଠାପର, ନିର୍ଭିକ କଂଗ୍ରେସ ନେତା ଫଗୁବଲ୍ଲଭ ଜେନାଙ୍କ ଦେହାନ୍ତ ଖବରପାଇ ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ସ୍ୱର୍ଗତ ଜେନାଙ୍କ ବାସଭବନରେ ପହଞ୍ଚି ଶୋକବ୍ୟକ୍ତ କରିବା ସହ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଜେନାଙ୍କ ଜ୍ୟେଷ୍ଠପୁତ୍ର ଅମିତ୍ କୁମାର ଜେନା ଓ ତାଙ୍କର ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ।

# ଆବାସ ଗୃହର ହକ୍‌ଦାର୍‌ଙ୍କ ପ୍ରତି ଅବିଚାର ଅଭିଯୋଗ



**ଖଣ୍ଡପଡ଼ା,୨୯।୭/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ଏନ୍ଏସି ୬ନମ୍ବର ୱାର୍ଡର ପ୍ରଫୁଲ୍ଲ କୁମାର ସିଂ ଓ ତାଙ୍କର ଦୁଇଜଣ ଅବିବାହିତା ଭଉଣୀ ଚାଳ ଓ ପଲିଥିନ୍ ଘରେ ରହି ବହୁ ଦୁଃଖ କଷ୍ଟରେ ଜୀବନଯାପନ କରୁଥିବା ବେଳେ ସେମାନଙ୍କ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଘରଟିଏ ପାଇବା ପାଇଁ ବାରମ୍ବାର ଆପତ୍ତି ଅଭିଯୋଗ କରୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନଥିବା ପ୍ରଫୁଲ୍ଲ କହିଛନ୍ତି। ଏହିଭଳି ଅନେକ ଯୋଗ୍ୟ ହିତାଧିକାରୀ ଆବାସ ଗୃହ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନ୍ଏସସିର ଆବାସ ଗୃହ ଚୟନ କରୁଥିବା ଦୁର୍ନୀତିଖୋର୍ କର୍ମଚାରୀଙ୍କ ଯୋଗୁଁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଛନ୍ତି। ଫଳରେ ଆବାସଗୃହ ପାଇବା ସେମାନଙ୍କ ପାଇଁ ସାତସପନ ପାଲଟିଛି। ବହୁ ଅଯୋଗ୍ୟ ହିତାଧିକାରୀଙ୍କ ନାମ ପ୍ରଥମ ଚୟନ ତାଲିକାରେ ଥିବା ଜଣା ପଡ଼ିବାରୁ ସହରସାରା ଚର୍ଚ୍ଚାର ବିଷୟ ହୋଇଛି। ଏହାର ପୁନର୍ବାର ତଦାରଖ କରାଯାଇ ଉପଯୁକ୍ତ ହିତାଧିକାରୀଙ୍କୁ ଦିଆଗଲେ ପ୍ରକୃତ ହିତାଧିକାରୀ ଉପକୃତ ହୋଇପାରିବେ। ଏ ଦିଗରେ ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟିଦେଇ ତ୍ୱରିତ ପଦେକ୍ଷପ ଗ୍ରହଣ କରିବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି।

### ସରୁନି ଜାତୀୟ ରାଜପଥ ସର୍ଭିସ୍ ରୋଡ୍ ଓ ଡ୍ରେନ୍ କାମ

# ଲଗାଣବର୍ଷାରେ ଘରେ ପଶିଲା ପାଣି

**ମୁଣ୍ଡମୁହାଣ,୨୯।୭/ଏନ୍ଏନ୍ଏସ୍:** ୧୬ନମ୍ବର ଜାତୀୟ ରାଜପଥର ଭୁବନେଶ୍ୱରରୁ ଖୋର୍ଦ୍ଧା ମଧ୍ୟରେ ଥିବା ସର୍ଭିସ୍ ରାସ୍ତା କାମ ପ୍ରାୟ ସବୁ ସ୍ଥାନରେ ସରିଛି। କିନ୍ତୁ ଯାଁଳା ବଜାର ଉପରେ ଥିବା ଉଭୟପାର୍ଶ୍ୱରେ କେତେକ ସ୍ଥାନରେ ସର୍ଭିସ୍ ରାସ୍ତା କାମ ଛାଡ଼ି ଦେଇଥିବାବେଳେ କେତେକ ସ୍ଥାନରେ ଡ୍ରେନ୍ କାମ ମଧ୍ୟ ହୋଇନାହିଁ। ଏଥି ଯୋଗୁ ପ୍ରାୟ ୮ରୁ ୧୦ ପରିବାର ସହ କିଛି ଦୋକାନୀ ବଡ଼ ହଇ ରାଣ ଶିକାର ହେଉଛନ୍ତି। ରାଜପଥ ବିଭାଗ ଏହି ସ୍ଥାନରେ ଜମି ଅଧିଗ୍ରହଣ କରି ସାରିଛି। କିନ୍ତୁ ଜମି ମାଲିକମାନଙ୍କୁ କ୍ଷତି ପୂରଣ ବାବଦ ଅର୍ଥ ଦେଇ ନଥିବା କାରଣରୁ ଏଠାରେ ଡ୍ରେନ୍ ନିର୍ମାଣ ବିଳମ୍ବ ହେଉଥିବା ଜମି ମାଲିକମାନେ ଅଭିଯୋଗ କରିଛନ୍ତି। ଜାତୀୟ ରାଜପଥର ସର୍ଭିସ୍। ରାସ୍ତା ଉଚ୍ଚରେ ଥିବାବେଳେ ଏଠାରେ ଘରଗୁଡ଼ିକ ପ୍ରାୟ ୩ରୁ ୪ ଫୁଟ୍ ତଳେ ରହିଛି,କାଳ ବୈଶାଖୀ ବର୍ଷା ହେଉ କି ମୌସୁମୀ ବର୍ଷା ସମୟରେ ଛାଡ଼ି ଯାଇଥିବା ଡ୍ରେନ ଗୁଡିକରେ ରାଜପଥରୁ ଗଡୁଥିବା ପାଣି ଘରେ ପଶିଯାଉଛି ଫଳରେ ଘରେ ଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ବୈଦ୍ୟୁତିକ ଜିନିଷଗୁଡ଼ିକ ପାଣିରେ ପଡ଼ି ନଷ୍ଟ ହେଉଛି। ତେଣୁ ସାଧାରଣ ଲୋକ ଅଜଥା କ୍ଷତି ସହୁଛନ୍ତି। ବର୍ଷା ସମୟରେ ଘରୁ ପାଣି ବୋହି ଲୋକଙ୍କୁ ନୟାନ୍ତ ହେବାକୁ ପଡୁଛି। ଉକ୍ତ ସ୍ଥାନରେ ଡ୍ରେନ୍ କାମ ସରିଥିଲେ ରାଜପଥରୁ ଗଡୁଥିବା ପାଣି ଡ୍ରେନ୍‌ରେ ପଡ଼ି ଗଡ଼ିଯାଇଥାନ୍ତା। ଜାତୀୟ ରାଜପଥ ବିଭାଗର ଅବହେଳା ଯୋଗୁ ଡ୍ରେନ ନ ଥିବା କାରଣରୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡୁଛି ବୋଲି ସ୍ଥାନୀୟ ଲୋକ କହିଛନ୍ତି, କେବେ ଏହି ସର୍ଭିସ୍ ରାସ୍ତା ଓ ଡ୍ରେନ୍ ସରିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆମେ ପ୍ରଥମରେ ଗଣମାଧ୍ୟମ ଅଭିଯୋଗ କରିବା ସତ୍ତ୍ୱେ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉନାହାନ୍ତି। ଏ ନେଇ ଜାତୀୟ ରାଜପଥ ବିଭାଗ ସହ ଯୋଗାଯୋଗ କରିଥିଲେ ହେଁ ସମ୍ଭବ ହୋଇନାହିଁ।



# ମାହାଙ୍ଗା ଥାନାରେ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ, ହରିହର ବିବାହ



**ମାହାଙ୍ଗା,୨୯।୭/ଏନ୍ଏନ୍ଏସ୍:** ମାହାଙ୍ଗା ଥାନା ପରିସରରେ ପ୍ରତିଷ୍ଠିତ ଶ୍ରୀ ଶ୍ରୀ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ପରମ୍ପରା ଅନୁଯାୟୀ ପ୍ରଭୁ ସତ୍ୟପୀର ମନ୍ଦିରରୁ ମା ଭୁବନେଶ୍ୱରୀଙ୍କୁ ଏକ ସୁସଜ୍ଜିତ ବିମାନରେ ମାହାଙ୍ଗା ମେଡିକାଲ ପରିସରରେ ଥିବା ଧବଳେଶ୍ୱର ମନ୍ଦିରକୁ ଏକ ଶୋଭାଯାତ୍ରାରେ ନିଆଯିବା ସହ ପ୍ରଭୁ ହରିହରଙ୍କ ସହ ଭେଟ ହୋଇଥିଲା।

ସେଠାରେ ମେଡିକାଲ ଅଧିକାରିଣୀ ତନୁସ୍ମିତା ବିନ୍ଧାଣୀଙ୍କ ତତ୍ତ୍ୱାବଧାନରେ ହରିହରଙ୍କ ବିବାହଉତ୍ସବ ସଂପନ୍ନ ହେବା ପରେ ପୁନଶ୍ଚ ସତ୍ୟପିର ମନ୍ଦିର ପରିସରରେ ମନ୍ଦିରକୁ ମା ଭୁବନେଶ୍ୱରୀଙ୍କୁ ଅଣାଯାଇଥିଲା। ଏଥିରେ କନ୍ୟାପିତାଭାବେ ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ ଓ ବରପିତା ଭାବେ ଡାକ୍ତର ସାଙ୍ଗ ପ୍ରକାଶ ପରିଡା କାର୍ଯ୍ୟ ସଂପାଦନ କରିଥିଲେ। ଏଥିରେ ମାହାଙ୍ଗାର ମେଡିକାଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଏହାପରେ ସତ୍ୟପୀରଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ସହ ବରିଷ୍ଠ ପଣ୍ଡିତ ଅନନ୍ତ ଶତପଥି, ଅଶୋକ କୁମାର ଶତପଥି, ରଜନୀକାନ୍ତ ଦାଶ, କ୍ଷୀରୋଦ ଶତପଥି ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତାଭାବେ ମାହାଙ୍ଗା ଥାନା ଅଧିକାରୀ ତପନ କୁମାର ରାଉତ ପୂଜା କାର୍ଯ୍ୟ ସମାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍.ଆଇ ରାକେଶ ଖୁଣ୍ଟିଆ, ଆର୍ତ୍ତବନ୍ଧୁ ସେଠୀ, କର୍ମା ଲାକ୍ରା, ଚନ୍ଦ୍ରଶେଖର ବେହେରା, ଜୟପୁର ଫାଣ୍ଡି ଅଧିକାର ମନୋଜ ବେହେରା, ଦିଗମ୍ବର ମୁଦୁଲି, ପରେଶ କରଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଉତ୍ସବ ପରିଚାଳନା କରିଥିଲେ। ଏଥିରେ କଟକ ଜିଲ୍ଲାର ବିଭିନ୍ନ ବହୁ ପୁଲିସ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀମାନେ ଉତ୍ସବରେ ଯୋଗ ଦେଇଥିଲେ। ପୂଜା ଉତ୍ସବରେ ମାହାଙ୍ଗା ବ୍ଲକ ଅଂଚଳର ଜନସାଧାରଣମାନେ ସହଯୋଗ କରିଥିବାବେଳେ ପାଲା ଓ ଭଜନ ସନ୍ଧ୍ୟା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଅପହରଣ ପରେ ୩ଲକ୍ଷ ଟଙ୍କା ମାଗିଲା ଅପହରଣକାରୀ

# ଭୁବନେଶ୍ୱର ରେଲଷ୍ଟେସନରୁ ନାବାଳିକା ଉଦ୍ଧାର

**ଓଡ଼ଗାଁ,୨୯।୭/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଜଣେ ନାବାଳିକାକୁ ଓଡ଼ଗାଁର ଜଣେ ଯୁବକ ଅପହରଣ କରି ନେଇଥିବା ପୀଡ଼ିତାଙ୍କ ମାଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅପହରଣକାରୀ ଝିଅର ପରିବାର ଲୋକଙ୍କୁ ୩ ଲକ୍ଷ ଟଙ୍କା ଦାବିକରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୁଲିସ ଖୋଳତାଡ କରି ଯୁବକକୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ ଗତକାଲି ନାବାଳିକା ଝିଅ ନିଜଘର ପାଖରେ ଥିବା ସମୟରେ ବିଜୟମଣ୍ଡପ ସାହିର ସୁଶାନ୍ତ କୁମାର ପଣ୍ଡାଙ୍କ ପୁଅ ଶୁଭମ୍

### ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ

ପଣ୍ଡା ତାଙ୍କୁ ଅପହରଣ କରିନେଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ସନ୍ଧ୍ୟା ସମୟରେ ଏକ ମୋବାଇଲ ନମ୍ବରରୁ ଫୋନ୍ ଆସିଥିଲା ଓ ୩ ଲକ୍ଷ ଟଙ୍କା ଦେବାକୁ ପରିବାର ଲୋକଙ୍କୁ ଦାବି କରିଥିଲେ। ନଚେତ୍ ତାଙ୍କର ନଗ୍ନ ଭିଡିଓ ଭାଇରାଲ କରିବାକୁ ଧମକ ଦେଇଥିଲେ । ନାବାଳିକାର ପରିବାର ଲୋକେ ୧୧୨ ସହାୟତାରେ ପୁଲିସକୁ ଖବର ଦେବାପରେ ପୁଲିସ ଉକ୍ତ ନମ୍ବରକୁ ଯାଞ୍ଚ କରି ଭୁବନେଶ୍ୱର ରେଲଷ୍ଟେସନରୁ ଉଭୟ ଯୁବକ ଓ ନାବାଳିକାକୁ କାବୁକରି ନେଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ଯୁବକ ଜଣକ ନାବାଳିକାକୁ ନିଶାଦେଇ ଶାରୀରିକ ସମ୍ପର୍କ ରଖି ସୋସିଆଲ ମିଡିଆରେ ଭାଇରାଲ୍ କରିବାକୁ ଧମକ ଦେଉଥିବା ନାବାଳିକାର ମାଆ କହିଛନ୍ତି। ଏପଟେ ଭୁବନେଶ୍ୱର ପୁଲିସ ଯୁବକଙ୍କୁ ଗିରଫକରି ଓଡ଼ଗାଁ ଥାନାକୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।




# ବାଣପୁର ବିଇଓଙ୍କ ବିଦ୍ୟାଳୟ ପରିଦର୍ଶନ

**ବାଣପୁର,୨୯।୭/ଏନ୍ଏନ୍ଏସ୍:** ଛାତ୍ର ଛାତ୍ରୀମାନଙ୍କ ସ୍କୁଲ୍ ବସ୍ତାନି ବୋଝ ଦିନକୁ ଦିନ ବଢ଼ିଚାଲିଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ପୂର୍ବରୁ ଏନେଇ କଟକଣା ଥିଲେ ମଧ ଅନେକ ସ୍କୁଲ୍ ଏହାକୁ ମାନୁନଥିବା ନେଇ ଅଭିଯୋଗ ଆସିବା ପରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ପୁଣି ଥରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ଛାତ୍ରଛାତ୍ରୀମାନେ ସେମାନଙ୍କ ଓଜନର ୧୦ ପ୍ରତିଶତରୁ କମ୍ ଓଜନର ସ୍କୁଲ୍ ବ୍ୟାଗ ନେବେ ବୋଲି ନିର୍ଦ୍ଦେଶ ନାମାରେ ସ୍ପଷ୍ଟ କରାଯାଇଛି। ଉଦାହରଣ ସ୍ୱରୂପ ୩୦ କିଲୋ ଓଜନର ଛାତ୍ରଛାତ୍ରୀମାନେ ୩କିଲୋରୁ କମ୍ ଓଜନର ସ୍କୁଲ୍ ବ୍ୟାଗ ନେବେ। ବିଇଓମାନେ ସେମାନଙ୍କ ବ୍ଲକ୍‌ର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଏ ନିର୍ଦ୍ଦେଶନାମା ସଂକ୍ରାନ୍ତରେ ସୂଚନା ଜାରି କରିବାକୁ କୁହାଯାଇଛି। ଜୁଲାଇ ୩୦ ତାରିଖ ସୁଦ୍ଧା ପଦକ୍ଷେପ ସଂକ୍ରାନ୍ତରେ ରିପୋର୍ଟ ପ୍ରକଳ୍ପ ସଂଯୋଜକଙ୍କ ଅଫିସ୍‌କୁ ଜଣାଇବାକୁ ନିର୍ଦ୍ଦେଶ ନାମାରେ ସ୍ପଷ୍ଟ କରାଯାଇଛି। ଅନ୍ୟପକ୍ଷରେ ବିଇଓମାନେ ଆଜି ଏନେଇ ପ୍ରତ୍ୟେକ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ଛାତ୍ରଛାତ୍ରୀଙ୍କ ସ୍କୁଲ୍ ବ୍ୟାଗ୍ ଓଜନ କମାଇବାକୁ କ୍ଲାସ୍ ଟିଚର୍ ବା ଶ୍ରେଣୀ ଶିକ୍ଷକମାନେ ଛାତ୍ରଛାତ୍ରୀମାନେ କେଉଁ ବହି ଓ ଖାତା ଆଣିବେ ତାର ସୂଚନା ପୂର୍ବ ଦିନ ସଂଧ୍ୟାରୁ ପ୍ରଦାନ କରିବେ। ପ୍ରତ୍ୟେକ ସ୍କୁଲ୍ କର୍ତ୍ତୃପକ୍ଷ ପ୍ରବେଶ ଫାଟକ ନିକଟରେ ଓଜନ ମେସିନ୍ ରଖିବେ। ବ୍ୟାଗ୍ ଓଜନ କରିବା ପରେ ଛାତ୍ରଛାତ୍ରୀଙ୍କୁ କ୍ଲାସ୍ ରୁମ୍‌କୁ ଛଡ଼ାଯିବ। ସେହିପରି କିଭଳି ସ୍କୁଲ୍ ବ୍ୟାଗରେ କମ୍ ବହି ରହିବ ସେଥିପାଇଁ ମଧ ମାର୍ଗଦର୍ଶିକାରେ ସୂଚନା ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶନାମା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନା ସେ ସଂକ୍ରାନ୍ତରେ ବିଇଓମାନେ ନିୟମିତ ବ୍ୟବଧାନରେ ବିଭିନ୍ନ ସ୍କୁଲ୍ ପରିଦର୍ଶନ କରିବେ ଓ ନିୟମ ଉଲଂଘନ କରୁଥିବା ସ୍କୁଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଏହି ପରିପ୍ରେକ୍ଷୀରେ ଆଜି ପ୍ରଥମ ଦିନରେ ଖୋର୍ଦ୍ଧାଜିଲ୍ଲା ଅନ୍ତର୍ଗତ ବାଣପୁର ବିଇଓ ସନାତନ ଜାଲି ବାଣପୁର ସ୍ଥିତ ଦୁଇ ଗୋଟି ଘରୋଇ ବିଦ୍ୟାଳୟ ଯଥା ଲଡୁକେଶ୍ୱର ବିଦ୍ୟା ମନ୍ଦିର ଏବଂ ସେଣ୍ଟ ଜାଭିୟର ହାଇ ସ୍କୁଲ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏ ବାବଦରେ ସଚେତନ କରାଇବା ସହ ବିଭିନ୍ନ ବିଦ୍ୟାର୍ଥୀ ଙ୍କ ବ୍ୟାଗ ର ଓଜନ ଯାଞ୍ଚ ମଧ କରିଥିଲେ। ଉକ୍ତ ଯାଞ୍ଚରେ ବିଇଓ ଉଭୟ ବିଦ୍ୟାଳୟ ନିୟମ ମାନିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ।



**ନିତି ଭାରତୀ** | ସମ୍ପର୍କ ଚାରିଗୋଟି ନୀତି ଉପରେ ପର୍ଯ୍ୟବସିତ- ସମ୍ମାନ ପ୍ରଦର୍ଶନ, ବୁଝାମଣା, ଗ୍ରହଣ କରି ନେବା ଏବଂ ପସନ୍ଦ କରିବାର ମାନସିକତା। - **ମହାତ୍ମା ଗାନ୍ଧୀ**

NITIDIN ନିତିଦିନ
ବୁଧବାର, ୩୦ ଜୁଲାଇ, ୨୦୨୫

# ଗଣତନ୍ତ୍ର, ଆଡ଼ମ୍ବର ଓ ଅହଙ୍କାର



**ଛାୟାକାନ୍ତ ଷଡ଼ଙ୍ଗୀ**

ରାଜତନ୍ତ୍ରରେ ରାଜାଙ୍କ ଜୀବନ ଥିଲା ଆଡ଼ମ୍ବରପୂର୍ଣ୍ଣ। ରାଜା ନିଜକୁ ଈଶ୍ୱରଙ୍କ ପ୍ରତିନିଧି ବୋଲି ବିବେଚନା କରୁଥିଲେ। ରାଜା ଓ ପ୍ରଜାଙ୍କ ମଧ୍ୟରେ ଥିଲା ଏକ ବିରାଟ ପ୍ରାଚୀର। ରାଜାଙ୍କ ସ୍ଥାନ ଥିଲା ସର୍ବଦା ଉଚ୍ଚରେ। ମାତ୍ର ଗଣତନ୍ତ୍ରରେ ଶାସକ ଓ ଶାସିତ ମଧ୍ୟରେ କୌଣସି ଦୂରତା ନଥାଏ। ଗଣତନ୍ତ୍ର ସମାନତା ଉପରେ ଆଧାରିତ। ଗଣ ହିଁ ଶାସକ ଚୟନ କରେ। ନିର୍ବାଚନ ସମୟରେ ବିଧାୟକ/ସାଂସଦ ପ୍ରାର୍ଥୀମାନେ ନିରାଡ଼ମ୍ବର ଭାବେ ଗାଁ, ସହର ସର୍ବତ୍ର ଦ୍ୱାରକୁ ଦ୍ୱାର ବୁଲି ଭୋଟ୍ ଭିକ୍ଷା କରନ୍ତି। ସେତେବେଳେ ସେମାନେ ଅତ୍ୟନ୍ତ ନମ୍ର ଓ ଭଦ୍ର ବ୍ୟବହାର ପ୍ରଦର୍ଶନ କରନ୍ତି। ଭୋଟରମାନଙ୍କୁ ହାତ ଯୋଡ଼ି ନମସ୍କାର କରନ୍ତି। ମାତ୍ର ନିର୍ବାଚନ ଜିଣି ସାରିବା ପରେ ଦୃଶ୍ୟପଟ ବଦଳି ଯାଏ। ଆରମ୍ଭ ହୁଏ ରାଜକୀୟ ଥାଟ। ତା' ପରେ ସେମାନଙ୍କୁ ଆଉ ଜନସାଧାରଣଙ୍କୁ ନମସ୍କାର କରିବାକୁ ପଡ଼େନାହିଁ। ଜନସାଧାରଣ ନିର୍ବାଚନ ପୂର୍ବରୁ ପାଇଥିବା ଗୋଟିଏ ନମସ୍କାର ପ୍ରତିଦାନରେ ପାଞ୍ଚ ବର୍ଷ ଧରି ଶତାଧିକ ଥର ନମସ୍କାର କରନ୍ତି। ତା' ପରେ ପ୍ରମାଣିତ ହୁଏ ସମସ୍ତେ ସମାନ, ହେଲେ ଶାସକମାନେ ଅନ୍ୟମାନଙ୍କଠାରୁ ବେଶୀ ସମାନ (All are equal, but some are more equal than others- George Orwell)।

ଗଣଦ୍ୱାରା ନିର୍ବାଚିତ ସରକାର ଗଣ ପାଇଁ ହିତକର କାର୍ଯ୍ୟ କରିବା ସ୍ୱାଭାବିକ କଥା। ସରକାର ଯେଉଁସବୁ ହିତକର କାର୍ଯ୍ୟ କରନ୍ତି, ତାହା ଗଣଠାରୁ ସଂଗୃହୀତ ବିଭିନ୍ନ ଟିକସ ଅର୍ଥରେ ହିଁ ସଂପାଦିତ ହୋଇଥାଏ। ଜାତୀୟ ରାଜପଥ ନିର୍ମିତ ହୁଏ। ତା' ପରେ ଟୋଲ୍‌ଗେଟ୍ ସ୍ଥାପନ କରି ଜନସାଧାରଣଙ୍କ ପାଖରୁ ଟିକସ ଆଦାୟ କରି ସମସ୍ତ ଖର୍ଚ୍ଚ ପୂରଣ କରାଯାଏ। ସ୍କୁଲ, କଲେଜ, ଗାଁ, ସହର- ସର୍ବତ୍ର ଯେଉଁସବୁ ପୋଲ, କୋଠା ଆଦି ନିର୍ମାଣ କରାଯାଏ, ସେଥିରେ ସାଂସଦ ବା ବିଧାୟକଙ୍କ ବ୍ୟକ୍ତିଗତ ଧନ ବ୍ୟୟିତ ହୁଏନାହିଁ। ମାତ୍ର ନିର୍ମାଣ ସରିଲେ ସେମାନେ ହିଁ ଶ୍ରେୟ ନେଇ ବ୍ୟୟବହୁଳ ଉଦ୍‌ଘାଟନ ସଭା କରନ୍ତି। ଫଳକରେ ନିଜ ନାମଟି ଅନ୍ତର୍ଭୁକ୍ତ କରନ୍ତି। ଅଥଚ ଯେଉଁମାନଙ୍କ କାରିଗରୀ କୌଶଳ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ସେସବୁ ସମ୍ଭବ ହୋଇଥାଏ, ସେମାନଙ୍କ କଥା କେହି ମନେ ପକାନ୍ତି ନାହିଁ। ଆମେରିକାର ସାନ୍ ଫ୍ରାନ୍‌ସିସ୍କୋ ସହରରେ ଗୋଟିଏ ନଦୀ ଉପରେ ଅଛି ଏକ ବିରାଟ ଝୁଲାପୋଲ। ତା'ର ନାଁ ହେଉଛି ଗୋଲଡେନ୍ ଗେଟ୍ ବ୍ରିଜ୍। ଇଞ୍ଜିନିୟର ଜୋସେଫ୍ ବି ଷ୍ଟ୍ରସ୍‌ଙ୍କ ବୁଦ୍ଧି ଓ କୌଶଳରେ ଏହା ନିର୍ମିତ ହୋଇଥିବାରୁ ସେଠାରେ ତାଙ୍କର ଓ ତାଙ୍କ ସହଯୋଗୀମାନଙ୍କ ନାମ ଫଳକରେ ଖୋଦିତ ହୋଇଛି। ଏଭଳି ଚିତ୍ର ଭାରତରେ ଦେଖିବାକୁ ମିଳେନାହିଁ। ଭାରତୀୟ ଗଣତନ୍ତ୍ରରେ ସମସ୍ତ ଶ୍ରେୟ ବିଧାୟକ/ସାଂସଦ/ମନ୍ତ୍ରୀମାନଙ୍କର। ସବୁ ଫଳକରେ ଥାଏ ସେମାନଙ୍କ ନାମ।

ସାଧାରଣ ଜୀବନରୁ ଆସିଥିବା ଲୋକେ ଏବେ ଶାସନ କଲେଣି, କିନ୍ତୁ ରାଜତନ୍ତ୍ରର ବିଳାସ ଯାଇନାହିଁ। ନେତାମାନଙ୍କ ଆଗମନ ସମୟରେ ଯେପରି ବାଦ୍ୟଯନ୍ତ୍ରର ବିକଟ ଧ୍ୱନି ଓ ନୃତ୍ୟ ମଧ୍ୟରେ ବ୍ୟୟବହୁଳ ଓ ଭଡ଼ାଟିଆ ସମର୍ଥକମାନଙ୍କ ଗହଣରେ ସମ୍ବର୍ଦ୍ଧନା ଦିଆଯାଉଛି, ତାହା ଦିନେ ରାଜତନ୍ତ୍ରରେ ମଧ୍ୟ ହେଉ ନଥିଲା। ଅତୀତରେ ରାଜା ରଥରେ ଗଲାବେଳେ ଯେପରି ମହାଡ଼ମ୍ବରରେ ପାତ୍ରମନ୍ତ୍ରୀ, ପାରିଷଦବର୍ଗଙ୍କ ଗହଣରେ ଯାଉଥିଲେ, ଆଜି ବି ଗଣତନ୍ତ୍ରର ଶାସକମାନେ ନିଜର ଅନୁଚରବର୍ଗ ଓ ଅଧୀନସ୍ଥ କର୍ମଚାରୀମାନଙ୍କ ଗହଣରେ ଯାଉଛନ୍ତି। ରଥ ସିନା ନାହିଁ, ତା'ର ଆକୃତି ବଦଳି ମୂଲ୍ୟବାନ କାର୍ ହୋଇଛି। ପୂର୍ବେ ଗଳାରେ ଫୁଲମାଳ ଦେଇ ରାଜାଙ୍କୁ ଅଭ୍ୟର୍ଥନା କରାଯାଉଥିଲା। ଏବେ ଆଉ ଗଳାରେ ଫୁଲମାଳ ଦିଆଯାଉ ନାହିଁ। ତିଆରି ହେଉଛି ହଜାର ହଜାର ଟଙ୍କା ବ୍ୟୟରେ ନିର୍ମିତ ଖୁବ୍ ମୋଟା ଓ ବିରାଟ ଫୁଲମାଳ। ନେତାମାନଙ୍କ ଅନୁଚରବର୍ଗ ତାକୁ ଟେକି ଧରୁଛନ୍ତି ଓ ନେତାମାନେ ଅର୍ଦ୍ଧବୃତ୍ତାକାର ଭଙ୍ଗୀରେ ଟେକି ଧରା ହୋଇଥିବା ଫୁଲମାଳ ପଛରେ ଠିଆହୋଇ ମୁଣ୍ଡଟିକୁ




ଫୁଲମାଳ ମଝିରେ ଗଳେଇ ସମ୍ବର୍ଦ୍ଧିତ ହେଉଛନ୍ତି। ଏଭଳି ଭବ୍ୟ ସମ୍ବର୍ଦ୍ଧନା ନେବା ପାଇଁ କେହି କେବେ ଅନିଚ୍ଛା ପ୍ରକାଶ କରି ନାହାନ୍ତି, ବରଂ ଏହା ପ୍ରାକ୍-ପ୍ରାୟୋଜିତ କାର୍ଯ୍ୟକ୍ରମ ହୋଇଥାଏ।

ଆଜିକାଲି ଯେ କୌଣସି ସରକାର ଆସିଲେ ବର୍ଷ ପୂର୍ତ୍ତି ଉତ୍ସବ ମହାସମାରୋହରେ ପାଳିତ ହେଉଛି। ବର୍ଷକ ମଧ୍ୟରେ କରିଥିବା କୀର୍ତ୍ତିକୁ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଏହା ଆୟୋଜିତ ହେଉଛି। ଏଥି ପାଇଁ କୋଟି କୋଟି ଟଙ୍କା ବ୍ୟୟିତ ହେଉଛି। ସରକାର କ'ଣ ସବୁ କରନ୍ତି, ତାହା ଜନସାଧାରଣ ତ ଜାଣିଥାନ୍ତି, ତାକୁ ପୁଣି ଗାନ କରିବା ପାଇଁ ଅପର୍ଯ୍ୟାପ୍ତ ଅର୍ଥ ବ୍ୟୟ କରିବାର କୌଣସି ଯଥାର୍ଥ୍ୟ ନାହିଁ। ସେହି ଅର୍ଥ ଅନ୍ୟ ଜନହିତକର କାର୍ଯ୍ୟରେ ବିନିଯୋଗ କରାଯାଇ ପାରନ୍ତା। ଏହି ପ୍ରକାର ପ୍ରଚାର ଉତ୍ସବ କେବଳ ସରକାରଙ୍କ ଅହଙ୍କାର ପ୍ରଦର୍ଶନ କହିଲେ ଅତ୍ୟୁକ୍ତି ହେବନାହିଁ। ଏ ପ୍ରକାର କାର୍ଯ୍ୟକ୍ରମ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳରେ ସୀମିତ ହୋଇ ରହିନାହିଁ। ପ୍ରାୟ ସବୁ ରାଜନୈତିକ ଦଳ ଏହି ବ୍ୟାଧି ଦ୍ୱାରା ପୀଡ଼ିତ। ପୁନଶ୍ଚ, ଅତୀତରେ ଯେତେବେଳେ ଯୋଗ୍ୟ ମେଧାବୀ ଛାତ୍ରଛାତ୍ରୀ ଚାକିରି ପାଉଥିଲେ, ସରକାର ସେମାନଙ୍କୁ ନିଯୁକ୍ତି ପତ୍ର ପଠାଉ ଥିଲେ ଓ ସେମାନେ ସିଧାସଳଖ ନିର୍ଦ୍ଦିଷ୍ଟ ସ୍ଥାନରେ ଯୋଗ ଦେଉଥିଲେ। ଆଜିକାଲି ନିଯୁକ୍ତି ମେଳା ଆୟୋଜନ କରାଯାଉଛି। ସରକାର ନିଜ ହାତରେ ନିଯୁକ୍ତି ପତ୍ର ବାଣ୍ଟି ପ୍ରଚାର କରିବାକୁ ଚାହୁଁଛନ୍ତି ଯେ ସେମାନେ ନିଯୁକ୍ତି ଦେଇ ଦେଶରେ ବେକାରୀ ସମସ୍ୟା ସମାଧାନ କରୁଛନ୍ତି। ସତେ ଯେପରି ଏହା ସେମାନଙ୍କ ଦୟା। ଏହା ଅହଙ୍କାରର ଏକ ବିକଟ ପ୍ରଦର୍ଶନ। ମନେପଡ଼େ ଏକ କ୍ଷୁଦ୍ର କାହାଣୀ। ଦୁଇ ପହର ବେଳ। ଭିକାରିଟିଏ ଦୁଆରେ ଭିକ ମାଗୁଥାଏ। ବୋହୂ ବାହାରି ଆସି କହିଲା, 'ଆଜି ଘରେ ଚାଉଳ ନାହିଁ, କାଲି ଆସ।' ଶାଶୂ ଶୁଣି ପକେଇଲେ। ସେ ସଙ୍ଗେ ସଙ୍ଗେ ବାହାରି ଆସି ଭିକାରିକୁ କହିଲେ, 'କାହିଁକି ଚାଲି ଯାଉଛ?' ଭିକାରି କହିଲା, 'ବୋହୂ କହିଲେ, ଆଜି ଚାଉଳ ନାହିଁ କାଲି ଆସ।' ଶାଶୂ କହିଲେ, 'ସେ କିଏ ଏ କଥା କହିବାକୁ? ମାଲିକାଣୀ ମୁଁ। ବର୍ତ୍ତମାନ ମୁଁ କହୁଛି, ଆଜି ଚାଉଳ ନାହିଁ କାଲି ଆସ।' ଠିକ୍ ସେହିପରି ମନ୍ତ୍ରୀମାନେ କହୁଛନ୍ତି, 'ବିଭାଗୀୟ ନିର୍ଦ୍ଦେଶକ କିଏ? ସରକାର ଆମେ। ଏଣୁ ନିଯୁକ୍ତି ପତ୍ର ଆମେ ବାଣ୍ଟିବୁ।'

ପ୍ରତ୍ୟେକ ସରକାର କ୍ଷମତାରେ ଥିବାବେଳେ କହୁଛନ୍ତି ଆମେ ବିକାଶ କରୁଛୁ। ସେହି ତଥାକଥିତ ବିକାଶର ଚିତ୍ର ବଖାଣି ପୁଣି କିପରି କ୍ଷମତା ହାସଲ କରିହେବ, ସେଥିପାଇଁ ଉଦ୍ୟମ କରୁଛନ୍ତି। ଦେଶର ହିତ କରିବା ପାଇଁ ସେମାନେ ରାଜନୀତିକୁ ଆସିଛନ୍ତି ବୋଲି କହନ୍ତି। ମାତ୍ର କ୍ଷମତାସୀନ ହେବା ପରେ ସେମାନେ ଭାବି ନିଅନ୍ତି, ସେମାନେ ନିଜର ଯୋଗ୍ୟତା ବଳରେ ସେଠାରେ ପହଞ୍ଚିଛନ୍ତି। ତା' ପରେ ଆରମ୍ଭ ହୁଏ ଅହମିକା ପ୍ରଦର୍ଶନ। ଥରେ ଜଣେ ଯୁବନେତା ବିଶିଷ୍ଟ ଲେଖକ ମନୋଜ ଦାସଙ୍କୁ କହିଲେ, କ୍ଷମତାର ଯାଦୁ ଏପରି, ସେ ଅଚିରେ ମୂଳ ଉଦ୍ଦେଶ୍ୟ ଭୁଲାଇ ଦିଏ ଓ ମଣିଷ ଗର୍ବବୋଧ ଦ୍ୱାରା ଆକ୍ରାନ୍ତ ହୋଇ ବିବେକଠାରୁ ଦୂରେଇ ଯାଏ। ମନୋଜ ଦାସ କହିଲେ, 'ଗର୍ବ ବା ଅହଂବୋଧ କ୍ଷମତାରେ ନଥାଏ, ଥାଏ ଆମ ଚେତନାରେ। କ୍ଷମତା ତା'ର ପରିପ୍ରକାଶ ଦିଗରେ ସୁଯୋଗ ଦିଏ। କ୍ଷମତା ଅହଂର ହେତୁ ନୁହେଁ କି ସ୍ରଷ୍ଟା ନୁହେଁ। କ୍ଷମତାରେ ଥାଇ ଗର୍ବରୁ ଦୂରେଇ ରହିବା ସମ୍ଭବ ଯଦି ଜୀବନରେ ମହତ୍ତର ଲକ୍ଷ୍ୟ ଥାଏ।' ଏହି ପ୍ରସଙ୍ଗରେ ସେ ଆରବ୍ୟ ରଜନୀର ଏକ କାହାଣୀ ମନେ ପକାଇ ଦେଇଛନ୍ତି।

ଜଣେ ସାଧୁ ଭଗବାନଙ୍କଠାରୁ ଏକ ବର ପାଇଥିଲେ, ସିଏ ଯୁଆଡ଼େ ଯିବେ, ତାଙ୍କୁ ଖରାରୁ ରକ୍ଷା କରିବା ପାଇଁ ଖଣ୍ଡେ ମେଘ ତାଙ୍କ ମୁଣ୍ଡ ଉପରେ ଭାସୁଥିବ। ଲୋକେ ତାଙ୍କୁ ଡାକୁଥିଲେ ମେଘର ମୁନିବ। ଏହି ଡାକ ଶୁଣି ସାଧୁ ଜଣକ ପୁଲକିତ ହେଲେ। କ୍ରମେ ତାଙ୍କର ଗର୍ବ ହେଲା ଓ ସେ ଭାବିନେଲେ ଭଗବାନ ତାଙ୍କ ଭକ୍ତିରେ ଅଭିଭୂତ ହୋଇ ସିନା ଏହି ବରଟି ଦେଇଛନ୍ତି। ସାଧୁଙ୍କ ଗର୍ବଭାବ ଜାଣିପାରି ଭଗବାନ ମେଘ ଖଣ୍ଡିକ ପ୍ରତ୍ୟାହାର କରିନେଲେ। ସାଧୁ ନିଜର ଭୁଲ୍ ବୁଝିଲେ, ଅନୁତାପ କଲେ ଓ ବରଟିକୁ ପୁଣି ଫେରାଇ ଦେବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କଲେ। ଭଗବାନ କହିଲେ, 'ଜଣେ ଗର୍ବଶୂନ୍ୟ ବ୍ୟକ୍ତି ଯଦି ତୁମ ତରଫରୁ ପ୍ରାର୍ଥନା କରନ୍ତି, ତୁମେ ପୁଣି ମେଘ ଖଣ୍ଡିକ ଫେରି ପାଇବ। ସେହିଭଳି ଜଣେ ବ୍ୟକ୍ତି ହେଉଛନ୍ତି ସେହି ରାଜ୍ୟର ରାଜା।' ସାଧୁ ଚାଲିଲେ ସେହି ରାଜାଙ୍କୁ ଭେଟିବା ପାଇଁ। ରାଜଦ୍ୱାର ରକ୍ଷୀ କହିଲା, 'ରାଜା ସପ୍ତାହକୁ ଥରେ ଲୋକଙ୍କ ଗୁହାରି ଶୁଣନ୍ତି। ଆଜି ସେଦିନ ଥିଲା। ଏବେ ସମୟ ଗଡ଼ି ଗଲାଣି। ପୁଣି ଆସନ୍ତା ସପ୍ତାହକୁ ଆସନ୍ତୁ।' ପର ସପ୍ତାହରେ ସାଧୁ ରାଜାଙ୍କୁ ସାକ୍ଷାତ କରନ୍ତେ ରାଜା ତାଙ୍କୁ ସ୍ୱାଗତ କଲେ ଓ ଅନ୍ୟ ସମସ୍ତଙ୍କ ଗୁହାରି ଶୁଣିସାରି ତାଙ୍କୁ ବିଶାଳ ରାଜପ୍ରାସାଦର ବାହାରେ ଥିବା ଏକ ନିର୍ଜନ ଅଞ୍ଚଳକୁ ନେଇଗଲେ। ସେଠି ଥାଏ ଏକ ଛୋଟ କୁଡ଼ିଆ। ରାଜାଙ୍କ ସହ ସାଧୁଙ୍କୁ ପାଛୋଟି ନେଲେ ସାଧାରଣ ବସ୍ତ୍ର ପରିହିତା ରାଣୀ। ସ୍ୱୟଂ ରାଜା ରାଜକୀୟ ବସ୍ତ୍ର ଉତାରି ସାଧାରଣ ବସ୍ତ୍ର ପିନ୍ଧିଲେ। ରାଜାରାଣୀ ସାଧୁଙ୍କୁ ପରଷି ଦେଲେ ଅତି ସାଧାରଣ ଖାଦ୍ୟ।

ରାଜାଙ୍କ ଗର୍ବଶୂନ୍ୟ ବ୍ୟବହାର ଓ ସାଧାରଣ ଜୀବନଶୈଳୀ ଦେଖି ସାଧୁ ସ୍ତମ୍ଭୀଭୂତ ହେଲେ। ଏତେ ଐଶ୍ୱର୍ଯ୍ୟ ଓ କ୍ଷମତାର ଅଧିକାରୀ ଜଣେ ରାଜା ଏତେ ଅହମିକାଶୂନ୍ୟ ହୋଇପାରେ, ତାହା ସାଧୁଙ୍କ କଳ୍ପନା ବାହାରେ ଥିଲା। ସାଧୁ ଏ ପ୍ରକାର ଜୀବନଶୈଳୀର କାରଣ ପଚାରନ୍ତେ ରାଜା କହିଲେ, 'ବାଲ୍ୟକାଳରୁ ଈଶ୍ୱର ସନ୍ଧାନ କରିବା ଥିଲା ମୋର ଇଚ୍ଛା। ମୁଁ ଗୃହତ୍ୟାଗ କରି ଜଣେ ସାଧୁ ହେବାକୁ ଚାହିଁଥିଲି। ମାତ୍ର ବୟସ ବଢ଼ିବା ପରେ ମୁଁ ଭାବିଲି, ମୁଁ ଘରେ ରହି ଏକ ସାଧୁ ଭଳି ଜୀବନଯାପନ କରି ଈଶ୍ୱର ସନ୍ଧାନ କରି ପାରିବି ନାହିଁ କାହିଁକି? ଏହିଭଳି ଚିନ୍ତାକରି ଜୀବନର ଚାକଚକ୍ୟରୁ ଦୂରେଇ ଯାଇ ଏକ ସାଧାରଣ ଜୀବନଯାପନ କଲି। ମୁଁ ଓ ମୋ ସ୍ତ୍ରୀ ସପ ବୁଣୁ ଏବଂ ସେହି ସପ ବଜାରରେ ବିକ୍ରି ହୁଏ। ସେହି ଧନରେ ଆମେ ଚଳୁ। ମୁଁ ରାଜଧନକୁ ନିଜ ପାଇଁ ବ୍ୟବହାର କରେନାହିଁ। ତାହା ପ୍ରଜାଙ୍କ ହିତରେ ବ୍ୟବହୃତ ହୁଏ।' ସ୍ତବ୍ଧ ହେଲେ ସାଧୁ। ରାଜା ସାଧୁଙ୍କୁ ମେଘ ଖଣ୍ଡିକ ଫେରାଇବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ। ସାଧୁଙ୍କୁ ବରଟି ପୁନଃପ୍ରାପ୍ତ ହେଲା। ଏହା ଏକ କାହାଣୀ ହୋଇପାରେ, ମାତ୍ର କଥାକାର ଯେଉଁ ବାର୍ତ୍ତା ଦେବାକୁ ଚାହିଁଛନ୍ତି, ତାହା ହେଲା- ନିରାଡ଼ମ୍ବର ଓ ନିରହଂକାର ଭାବରେ ଅତି ସାଧାରଣ ଜୀବନଯାପନ କରି ମଧ୍ୟ ପ୍ରଜାମାନଙ୍କୁ ଶାସନ କରିହୁଏ।●

**ପ୍ରାକ୍ତନ ଅଧ୍ୟକ୍ଷ, ଡିଏଭି କଲେଜ**
**ଟିଟିଲାଗଡ଼, ମୋ: ୯୪୩୭୩୨୯୨୬୩**

# ହଜାରେ ପାଇଁ ଲକ୍ଷେ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ନିକଟରେ ଉତ୍ତରପ୍ରଦେଶର ବିଭିନ୍ନ ସଂସ୍ଥାରେ ୨ ହଜାର ପଦବୀ ପାଇଁ ୨୯ ଲକ୍ଷ ପିଲା ଆବେଦନ କରିଥିବାର ଖବର ଆସିଥିଲା। ପୁଣି ଏକ ଖବର ଅନୁଯାୟୀ ଆଇଆଇଟିରୁ ପାସ୍ କରିଥିବା ୩୮ ପ୍ରତିଶତ ଯୁବକଙ୍କୁ ନିଯୁକ୍ତି ମିଳିନାହିଁ। କିଛି ଦିନ ତଳେ ପ୍ରାତଃ ଭ୍ରମଣରୁ ଫେରୁଥିଲୁ। ବାଟରେ ଏକ ସରକାରୀ ଅଫିସ ସମ୍ମୁଖରେ ଶହ ଶହ ଯୁବକ ଯୁବତୀଙ୍କୁ ଦେଖି ପ୍ରଶ୍ନ କରି ଜାଣିଲୁ ଯେ ସେମାନେ ହୋମଗାର୍ଡ ଚାକିରିର ଆଶାୟୀ ପ୍ରାର୍ଥୀ। କିଏ ଗ୍ରାଜୁଏଟ୍ ତ କିଏ ବିଟେକ୍ ଡିଗ୍ରୀଧାରୀ। ପ୍ରାୟତଃ ଦେଖାଯାଏ, ଯେତେବେଳେ କୌଣସି ସରକାରୀ ପଦବୀ ପାଇଁ ନିଯୁକ୍ତି ବାହାରେ, ହଜାରେ ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସେ- ସେହି ପଦବୀ ଛୋଟ ହେଉ କି ବଡ଼। ପଦବୀ ପାଇଁ ଯୋଗ୍ୟତାଠାରୁ ଅଧିକ ଯୋଗ୍ୟ ଆବେଦନକାରୀ ଆବେଦନ କରନ୍ତି। ଓଡ଼ିଶା, ବିହାର, ଉତ୍ତରପ୍ରଦେଶ କିମ୍ବା ଦେଶର ଅନ୍ୟ କୌଣସି ରାଜ୍ୟରେ ଯେତେବେଳେ କୌଣସି ପଦବୀ ପାଇଁ ଆଶାଠାରୁ ଅଧିକ ଆବେଦନ ମିଳେ, ପରିସ୍ଥିତି ଅନିୟନ୍ତ୍ରିତ ହୋଇଯାଏ। ଆଜି ସୋସିଆଲ ମିଡିଆରେ ଏପରି ଶହ ଶହ ସାକ୍ଷାତକାର ଦେଖିବାକୁ ମିଳେ, ଯାହା ବେକାରୀ ସମସ୍ୟା ସହିତ ସଂଘର୍ଷ କରୁଥିବା ଯୁବକଙ୍କ ହତାଶାକୁ ଦର୍ଶାଏ। ଯେତେବେଳେ ଯୁବକମାନେ ନିଯୁକ୍ତି ଦାବି କରି ରାସ୍ତାକୁ ଓହ୍ଲାନ୍ତି, ରାଜ୍ୟ ସରକାର ସେମାନଙ୍କୁ ମାଡ଼ ମାରିବା ପାଇଁ ପୁଲିସ ବ୍ୟବହାର କରନ୍ତି। ସରକାରୀ ଚାକିରିର ଆଶା ମରିଯିବା ପରେ ସେମାନେ ଘରୋଇ କ୍ଷେତ୍ରକୁ ଯାଆନ୍ତି। ସମସ୍ୟା ହେଉଛି, ଘରୋଇ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ମଧ୍ୟ ବେଶ୍ ଦ୍ରୁତ ଗତିରେ ହ୍ରାସ ପାଉଛି। ଚାକିରି ଆଶା ରଖି ଯୁବକମାନଙ୍କ ବୟସ ବଢ଼ିବାରେ ଲାଗିଛି। ସମାଜଶାସ୍ତ୍ର ଗବେଷକମାନେ ଏହି ବିଷୟରେ ଗବେଷଣା କରିବା ଉଚିତ ଯେ କୋଟି କୋଟି ବେକାର ଯୁବକଙ୍କ ହତାଶା ସମାଜ ଉପରେ କି ପ୍ରଭାବ ପକାଏ। ଦେଶର ଆର୍ଥିକ-ସାମାଜିକ ଗଠନକୁ ବିଚାରକୁ ନେଇ ସହରଗୁଡ଼ିକରେ ଅନୌପଚାରିକ ନିଯୁକ୍ତି ପରିମାଣ ଧୀରେ ଧୀରେ ହ୍ରାସ କରିବା ଏବଂ ଆନୁଷ୍ଠାନିକ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଉପରେ ଧ୍ୟାନ ଦିଆଯିବା ଉଚିତ। ଦେଶର ସଂକୁଚିତ ଅର୍ଥନୀତି ଯୋଗୁଁ ବେକାରୀ ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚିଛି। ଏକ ଗବେଷଣା ଅନୁଯାୟୀ, ନିର୍ମାଣ କ୍ଷେତ୍ରରେ ୫୦%, ବାଣିଜ୍ୟ, ହୋଟେଲ ଏବଂ ଅନ୍ୟାନ୍ୟ ସେବାରେ ୪୭%, ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ୩୯% ଏବଂ ଖଣି କ୍ଷେତ୍ରରେ ୨୩% ପର୍ଯ୍ୟନ୍ତ ବେରୋଜଗାରୀ ବ୍ୟାପିଛି। ଚିନ୍ତାର ବିଷୟ ହେଉଛି, ଏହି କ୍ଷେତ୍ରଗୁଡ଼ିକ ଦେଶକୁ ସର୍ବାଧିକ ନିଯୁକ୍ତି ପ୍ରଦାନ କରନ୍ତି। ତେଣୁ ଏହି ସଂଖ୍ୟାଗୁଡ଼ିକର ପ୍ରଭାବ ଭୟଙ୍କର।

ଏହି କ୍ଷେତ୍ରଗୁଡ଼ିକ ଦ୍ରୁତ ଗତିରେ ସଂକୁଚିତ ହେଉଛି, ଯାହା ବେକାରୀ ବୃଦ୍ଧି କରୁଛି। ଲକ୍‌ଡାଉନ୍ ଆରମ୍ଭ ହେବା ମାତ୍ରେ ଲକ୍ଷ ଲକ୍ଷ ଶ୍ରମିକ ନିଜ ଗାଁ ଆଡ଼କୁ ମୁହାଁଇଲେ।



ସେମାନେ ନିଜ ପାଇଁ ଦିନକୁ ଦୁଇଓଳି ଖାଇବାର ବ୍ୟବସ୍ଥା ମଧ୍ୟ କରି ପାରିଲେ ନାହିଁ। ଉଲ୍ଲେଖନୀୟ ଯେ ଭାରତ ଦକ୍ଷିଣ ଏସିଆ ଦେଶଗୁଡ଼ିକ ମଧ୍ୟରେ ଅନୌପଚାରିକ ନିଯୁକ୍ତି କ୍ଷେତ୍ରରେ ଶୀର୍ଷରେ, ଯାହାର ଅର୍ଥ ହେଉଛି, ଦେଶର କୋଟି କୋଟି ଶ୍ରମିକ କମ୍ ମଜୁରୀରେ କଠିନ ପରିସ୍ଥିତିରେ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯେଉଁଠାରେ ସେମାନଙ୍କୁ ସେମାନଙ୍କର ମୌଳିକ ଅଧିକାର ମିଳେନାହିଁ। ନିଯୁକ୍ତିଦାତା ସେମାନଙ୍କୁ ଯେତେବେଳେ ଚାହିଁବେ, ରଖି ପାରିବେ କିମ୍ବା ବାହାର କରି ପାରିବେ। କାରଣ ସେମାନଙ୍କର ଟ୍ରେଡ୍ ୟୁନିଅନରେ କୌଣସି ପ୍ରତିନିଧିତ୍ୱ ନାହିଁ। ଆନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲ୍‌ଓ) ଅନୁଯାୟୀ, ଭାରତରେ ୫୩.୫ କୋଟି ଶ୍ରମିକଙ୍କ ମଧ୍ୟରୁ ୩୯.୮ କୋଟି ଦୟନୀୟ ଅବସ୍ଥାରେ କାମ କରନ୍ତି, ଯାହାଙ୍କର ଦୈନିକ ଆୟ ୨୦୦ ଟଙ୍କାରୁ କମ୍। ବର୍ତ୍ତମାନ ସରକାରଙ୍କ ସମ୍ମୁଖରେ ଦୁଇଟି ବଡ଼ ଚ୍ୟାଲେଞ୍ଜ। ପ୍ରଥମ, ଗତ ୭ ବର୍ଷ ଧରି ବେକାରୀର ପ୍ରତିଶତ ନିରନ୍ତର ବୃଦ୍ଧି ପାଉଥିବାରୁ ସହରଗୁଡ଼ିକରେ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା। ଦ୍ୱିତୀୟତଃ, ସହରାଞ୍ଚଳ ଶ୍ରମିକଙ୍କ ଆୟ କିପରି ବୃଦ୍ଧି କରାଯିବ, ଯାହାଦ୍ୱାରା ସେମାନଙ୍କୁ ଅମାନବୀୟ ପରିସ୍ଥିତିରୁ ବାହାର କରାଯାଇ ପାରିବ। ଏଥିପାଇଁ ଅନେକ କାମ କରିବାକୁ ହେବ। ସହରାଞ୍ଚଳ ନିଯୁକ୍ତି ବୃଦ୍ଧି ପାଇଁ ସ୍ଥାନୀୟ ସରକାରଙ୍କ ସହିତ ସମନ୍ୱୟରେ ନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଏହାର ଲାଭ ସ୍ୱରୂପ ସହରୀକରଣ ଯୋଗୁଁ ଅବ୍ୟବସ୍ଥିତ ବିକାଶ ଏବଂ ବସ୍ତି ସୃଷ୍ଟିକୁ ବନ୍ଦ କରାଯାଇ ପାରିବ। ଏଥିପାଇଁ ସ୍ଥାନୀୟ ସରକାରଙ୍କୁ ଅଧିକ ସମ୍ବଳ ଦେବାକୁ ପଡ଼ିବ। ସ୍ଥାନୀୟ ସ୍ତରରେ ନିଯୁକ୍ତି ସୃଷ୍ଟି କରୁଥିବା ବିକାଶମୂଳକ ନୀତି କାର୍ଯ୍ୟକାରୀ କରିବାକୁ ହେବ। ସହରାଞ୍ଚଳ ଭିତ୍ତିଭୂମି ଉପରେ ଧ୍ୟାନ ଦେବାକୁ ପଡ଼ିବ, ଯାହାଦ୍ୱାରା ସ୍ଥାନୀୟ ଅର୍ଥନୀତିରେ ମଧ୍ୟ ଉନ୍ନତି ହେବ। ଦେଖାଯାଇଛି ଯେ ବିକାଶ ପାଇଁ ଆବଣ୍ଟିତ ଟଙ୍କାର ଲାଭ କେବେ ବି ଶ୍ରମିକଙ୍କ ପାଖରେ ପହଞ୍ଚି ନପାରି ଉପର ସ୍ତରରେ ଥିବା ଲୋକଙ୍କ ପାଖରେ ଫସି ରହିଥାଏ। ତେଣୁ ପୌରପାଳିକାରେ ବିକାଶ ନାମରେ ଭାରି ମେସିନ କିଣାଯିବା ପରିବର୍ତ୍ତେ ମାନବ ଶ୍ରମ ଆଧାରିତ ସହରୀକରଣକୁ ପ୍ରୋତ୍ସାହିତ କରାଗଲେ ସହରଗୁଡ଼ିକରେ ନିଯୁକ୍ତି ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ଏବଂ ପରିମଳ ଭଳି କ୍ଷେତ୍ରରେ ଦ୍ରୁତ ବିକାଶ ଦ୍ୱାରା ସହରାଞ୍ଚଳ ନିଯୁକ୍ତି ଯୋଜନା ବୃଦ୍ଧି କରାଯାଇ ପାରିବ, କାରଣ ଆମର ଗ୍ରାମୀଣ ଅର୍ଥନୀତି ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ପ୍ରଦାନ କରିବା ଅବସ୍ଥାରେ ନାହିଁ। ବର୍ତ୍ତମାନ ଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ଧନ୍ଦାମୂଳକ ଏପରି ଏକ ଯୋଜନା ଆଣିବାକୁ ପଡ଼ିବ, ଯାହାଦ୍ୱାରା ସେମାନେ ନିଯୁକ୍ତି ପାଇ ପାରିବେ। ଏହା ପରେ ବି କୋଟି କୋଟି ବେକାରଙ୍କ ମଧ୍ୟରୁ ଏକ ଛୋଟ ଅଂଶ ରୋଜଗାର ପାଇବେ। ଚିନ୍ତାଜନକ କଥା ହେଉଛି, ବର୍ତ୍ତମାନ ଅଧିକାଂଶ ଯୁବକ ବଡ଼ ଡିଗ୍ରୀ ପାଇବା ସତ୍ତ୍ୱେ ବେକାର ଅଛନ୍ତି। ସେମାନଙ୍କ କ୍ରୋଧ ବୃଦ୍ଧି ପାଇଛି। ଚାକିରି ପରିବର୍ତ୍ତେ ସରକାରୀ କଳ ଦ୍ୱାରା ଲାଠିଚାର୍ଜ ନିଆଁରେ ଘିଅ ଢାଳୁଛି। କିଛି ବର୍ଷ ତଳେ (୧୭ ସେପ୍ଟେମ୍ବର, ୨୦୨୨) ବେକାର ଯୁବକ ଯୁବତୀମାନେ ସୋସିଆଲ ମିଡିଆରେ ଏକ ବିଶାଳ ଅଭିଯାନ ଚଳାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ 'ବେକାରୀ ଦିବସ' ବୋଲି ଦର୍ଶାଇ ଥିଲେ। ସେତେବେଳେ ବିପକ୍ଷ କହିଥିଲେ ଯେ ଏହା ଏକ ବିପଦପୂର୍ଣ୍ଣ ଆରମ୍ଭ, ଯାହାକୁ କେବଳ ପ୍ରତିଶ୍ରୁତି ନୁହେଁ, ବରଂ ବହୁ ସଂଖ୍ୟକ ଶିକ୍ଷିତ ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ପ୍ରଦାନ କରି ବନ୍ଦ କରିହେବ। ଏହା ମଧ୍ୟ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ ନିର୍ବାଚନ ପ୍ରଚାରରେ ବେକାରୀ ଦୂର କରିବାର ସ୍ୱପ୍ନ ଦେଖାଉ ଥିବା ରାଜନୈତିକ ଦଳଗୁଡ଼ିକ କ୍ଷମତାକୁ ଆସିବା ପରେ ନିଜର ପ୍ରତିଶ୍ରୁତି ପୂରଣ କରନ୍ତି ନାହିଁ। ତେଣୁ ସମସ୍ତ ରାଜନୈତିକ ଦଳକୁ ଏକାଠି ବସି ଏହି ସମସ୍ୟାର ସମାଧାନ ପାଇଁ ଏକ ନୂତନ ଅର୍ଥନୈତିକ ନୀତି ଉପରେ ସହମତ ହେବାକୁ ପଡ଼ିବ, ଯାହା ମାଧ୍ୟମରେ ଦେଶର ସମ୍ପତ୍ତି ଅଳ୍ପ କେତେକଙ୍କ ହାତରେ ସୀମିତ ନ ରହି ନ୍ୟାୟପୂର୍ଣ୍ଣ ଭାବରେ ବଣ୍ଟନ କରାଯାଇ ପାରିବ।●

**ନୟାଗଡ଼, ମୋ: ୯୪୩୭୬୪୨୯୪୭**

# ଚୋଳ ପରମ୍ପରା- ଇତିହାସ, ରାଜନୀତି

ଟିକିମିକିଆ ସିଲ୍‌କ ପୋଷାକ ପିନ୍ଧି ପବିତ୍ର ପାଣି ମାଠିଆଟିଏ ଛାତି ପାଖରେ ଦୁଇ ହାତରେ ଧରି ଗଙ୍ଗାଇକୋଣ୍ଡା ଚୋଳପୁରମ୍‌ର ସୁଶୋଭିତ ଉଚ୍ଚ ସ୍ତମ୍ଭ ପରିବେଷ୍ଟିତ ଇତିହାସ ପ୍ରସିଦ୍ଧ ବୃହଦୀଶ୍ୱରଙ୍କ ମନ୍ଦିର ପରିସର ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜଳାର୍ପଣ ନିମନ୍ତେ ଗମନ ସହିତ ଶବ୍ଦଚିତ୍ରର ସମାହାର ଅବଶ୍ୟ ଏକ ଉପଯୁକ୍ତ ଦୃଶ୍ୟ-ଶ୍ରାବ୍ୟ କାର୍ଯ୍ୟକ୍ରମ ଥିଲା। ଏହା ପାରମ୍ପରିକ ପୋଷାକରେ ଆବୃତ୍ତ ଠାକୁରଙ୍କ ଆଶୀର୍ବାଦକାମୀ ଜଣେ ଭକ୍ତଙ୍କର ଏକ ପ୍ରକୃଷ୍ଟ ଚିତ୍ର ଉପସ୍ଥାପନ କରୁଥିଲା। ତେବେ ଦୀର୍ଘ ବର୍ଷ ଧରି ମୋଦୀ ତାମିଲନାଡୁରେ ଯାହା ଘଟିବା ପାଇଁ କାମନା କରି ଆସୁଛନ୍ତି: ଏକ ରାଜନୀତିକ ସ୍ୱୀକୃତି, ଯାହା ତାଙ୍କ ଦଳ ବିଜେପି, ରାଜ୍ୟ ବିଧାନସଭାର ପରବର୍ତ୍ତୀ ନିର୍ବାଚନରେ ମେଣ୍ଟ କରି ପଛେ ହେଉ- ତାକୁ ଏହି ଚିତ୍ର ଜରିଆରେ ପ୍ରଦର୍ଶିତ ଭାବମୂର୍ତ୍ତି କେତେଦୂର ହାସଲ କରିବାରେ ସକ୍ଷମ ହେବ, ସେକଥା କେବଳ ସମୟ ହିଁ କହି ପାରିବ। ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ମାଲଦ୍ୱୀପରୁ ନିଜର ଗସ୍ତ କାର୍ଯ୍ୟକ୍ରମ ସାରି ବିମାନରେ ସିଧା ତାମିଲନାଡୁ ଆସି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁର ଗଙ୍ଗାଇକୋଣ୍ଡାସ୍ଥିତ ଚୋଳପୁରମ୍‌ଠାରେ ଅନୁଷ୍ଠିତ ବାର୍ଷିକ ଆଦି ଥିରୁଭଥିରାଇ ଉତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦାନ କରି ପ୍ରାଚୀନ ରାଜା ରାଜେନ୍ଦ୍ର ଚୋଳଙ୍କ ପ୍ରତି ତାଙ୍କର ଶ୍ରଦ୍ଧାର୍ଘ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବ ଏକ ହଜାର ବର୍ଷ ପୂର୍ବେ ତାମିଲନାଡୁ ସହର ସହିତ ଉପରୋକ୍ତ ମନ୍ଦିର ଏବଂ ଏକ ବିଶାଳକାୟ ହ୍ରଦର ନିର୍ମାତା ତଥା ରାଜରାଜ ଚୋଳଙ୍କ ପିତା ରାଜେନ୍ଦ୍ର ଚୋଳଙ୍କ ଜନ୍ମବାର୍ଷିକୀକୁ ପାଳନ କରିବା ନିମନ୍ତେ ପ୍ରତି ବର୍ଷ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି ତାମିଲନାଡୁବାସୀ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଉପରୋକ୍ତ ପ୍ରାଚୀନ ସମ୍ରାଟଙ୍କ ପ୍ରତି ସମ୍ମାନ ବ୍ୟକ୍ତ କରିବାକୁ ଯାଇ କହିଥିଲେ ଯେ ସାମ୍ରାଜ୍ୟବାଦୀ ଚୋଳମାନଙ୍କ ଅଧୀନରେ ଭାରତ ଯେପରି ବ୍ୟବସାୟ ବାଣିଜ୍ୟ କାରବାରକୁ ସମ୍ପ୍ରସାରିତ କରି ତଥା ଭାରତର ସାର୍ବଭୌମତ୍ୱକୁ ସୁରକ୍ଷା ପ୍ରଦାନ କରି ସମୃଦ୍ଧି ଲାଭ କରିଥିଲା, ଠିକ୍ ସେହିପରି ସମସାମୟିକ ଭାରତ ନିଜର ଉଦ୍ୟମ ବଳରେ ସମୃଦ୍ଧି ହାସଲ କରିବ। ଏହି ଉତ୍ସବ ମଧ୍ୟ ରାଜେନ୍ଦ୍ର ଚୋଳଙ୍କ ଦକ୍ଷିଣ ଏସୀୟ ଅଞ୍ଚଳକୁ ସାମୁଦ୍ରିକ ଅଭିଯାନ ତଥା ଉପରୋକ୍ତ ବିଶାଳକାୟ ମନ୍ଦିର, ଯାହା ବର୍ତ୍ତମାନ ବିଶ୍ୱ ଐତିହ୍ୟ ସ୍ଥଳୀ ଭାବରେ ଚିହ୍ନିତ, ତା'ର ନିର୍ମାଣର ଏକ ହଜାର ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜନ କରାଯାଇଥିଲା। ଚୋଳ ରାଜ ବଂଶର ଗୌରବାବହ ଅତୀତ ଅବଶ୍ୟ ଅବିସ୍ମରଣୀୟ, କାରଣ ଜଳ ପରିଚାଳନା, ଟିକସ ଏବଂ ଭୂ-ରାଜସ୍ୱ ଆଦାୟ ବ୍ୟବସ୍ଥା ତଥା ଗଣତାନ୍ତ୍ରିକ ଶାସନ ପଦ୍ଧତି ଭଳି କେତେକ ବିଧି ବ୍ୟବସ୍ଥା ଆଧୁନିକ ସମୟରେ ମଧ୍ୟ ଅନୁକରଣୀୟ ଯାହା ଆଧୁନିକ ଭାରତକୁ ଏକ ବିକଶିତ ଭାରତରେ ପରିଣତ କରିବାରେ ମାର୍ଗଦର୍ଶକ ସାଜିବାର ସାମର୍ଥ୍ୟ ରଖେ, ଯେଉଁସବୁର ଭୂରି ଭୂରି ପ୍ରଶଂସା କରିଥିଲେ ପ୍ରଧାନମନ୍ତ୍ରୀ।

ତେବେ ତାମିଲ ରାଜାଙ୍କର ଏଭଳି ଭୂୟସୀ ପ୍ରଶଂସା ତାମିଲନାଡୁବାସୀଙ୍କ ମନରେ କିଛି ଭିନ୍ନ ଭାବାବେଗ ସୃଷ୍ଟି କରିବାରେ ସକ୍ଷମ ହେବ କି ଯାହା ଆଧୁନିକ ସମୟ ପରିପ୍ରେକ୍ଷୀରେ ବିଜେପି ସପକ୍ଷ ଭୋଟ୍‌ରେ ପରିବର୍ତ୍ତିତ ହୋଇ ପାରିବ, ବିଶେଷକରି ଯେତେବେଳେ କି ସମ୍ପୃକ୍ତ ରାଜ୍ୟର ବର୍ତ୍ତମାନର ଶାସକ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଅନେକ ସଂଖ୍ୟକ ଶାଣିତ ବାଣ ମାରିବାକୁ ଯାଇ କହିଛନ୍ତି ଯେ ଗସ୍ତ କରିଥିବା ପ୍ରଧାନମନ୍ତ୍ରୀ ଅନେକଗୁଡ଼ିଏ ଦାବି ରଖିବା ସହିତ ସମଗ୍ର ଶିକ୍ଷା ଅଭିଯାନ ଯୋଜନା ଅଧୀନରେ ତାମିଲନାଡୁ ପାଇଁ ବରାଦ ହୋଇଥିବା ଅର୍ଥକୁ ରାଜ୍ୟକୁ ପ୍ରଦାନ କରୁ ନାହାନ୍ତି! ଯଦି ବି ଏହି କଥାକୁ ଜଣେ ଅସନ୍ତୁଷ୍ଟ ବିଜେପି ବିରୋଧୀ ନେତାଙ୍କ କଥା ଭାବରେ ଧରି ନିଆଯାଏ ଏବଂ ଏହା କେବଳ ଲୋକଙ୍କୁ ଭୁଲ୍ ବାଟରେ ପରିଚାଳନା କରିବାର କୌଶଳ ବିବେଚନା କରାଯାଏ, ତା'ହେଲେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ରହିଛି, ଯାହା ହେଉଛି ରାଜ୍ୟରେ ବିଜେପି ସହିତ ମେଣ୍ଟ କରିବାକୁ ଆଗ୍ରହୀ ଥିବା ଏକ ଦଳ ସହିତ ବୁଝାମଣା କରିବା ନିମନ୍ତେ ମୋଦୀ କିଛି କରୁ ନାହାନ୍ତି, ଯିଏକି ଏକ ଉତ୍ତର ଦାବି କରୁଛି। ଏଆଇଏଡିଏମ୍‌କେର ପ୍ରମୁଖ ନେତା ଏଡାପାଡି ପାଲାନିସ୍ୱାମୀ ଏକ ସ୍ପଷ୍ଟ ଉତ୍ତର ଆବଶ୍ୟକ କରୁଛନ୍ତି, ବିଶେଷକରି ବିଜେପି ସହିତ ତାଙ୍କ ଦଳର ରହିଥିବା ମେଣ୍ଟର ସ୍ୱଭାବକୁ ନେଇ ଉଠିଥିବା ପ୍ରଶ୍ନର ଯାହା ଆଉ ମାତ୍ର ବର୍ଷେ ପାଖାପାଖି ବାକି ରହିଥିବା ବିଧାନସଭା ନିର୍ବାଚନ ପୂର୍ବରୁ ସେ ଆରମ୍ଭ କରିଥିବା ରାଜ୍ୟବ୍ୟାପି ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ଯଥେଷ୍ଟ ଅନିବାର୍ଯ୍ୟତାକୁ ବହନ କରେ। ଶତ୍ରୁମାନଙ୍କର ଥଟ୍ଟା ପରିହାସ ଭିତରେ, ଯେଉଁମାନେ କି ଆଶଙ୍କା କରନ୍ତି ଯେ ବିଧାନସଭା ନିର୍ବାଚନରେ ଏହି ଜାତୀୟ ସ୍ତରୀୟ ଦଳ ଯଦି କିଛି ଆସନ ଲାଭ କରିଯାଏ, ତା'ହେଲେ ତା' ପରେ ବଳଶାଳୀ ବଡ଼ ଦଳ ଭାବରେ ଏହା ଏଆଇଏଡିଏମ୍‌କେର ବିଲୟ ପାଇଁ ଉଦ୍ୟମ କରିବ, ଯାହାର ଏକ ସ୍ପଷ୍ଟୀକରଣ ଆବଶ୍ୟକ କରନ୍ତି ପାଲାନିସ୍ୱାମୀ।

ଯେହେତୁ ପାଲାନିସ୍ୱାମୀ ଦାବି କରୁଛନ୍ତି ଯେ ଏଆଇଏଡିଏମ୍‌କେ ହିଁ ରାଜ୍ୟରେ ମେଣ୍ଟର ନେତୃତ୍ୱ ନେବ, ଯେଉଁଥିରେ ବିଜେପି ଏକ ଅଂଶ ରହିବ ଏବଂ ମେଣ୍ଟର ବିଜୟ ହେଲେ ସେ ହିଁ ମୁଖ୍ୟମନ୍ତ୍ରୀ ହେବେ, ଯାହାକି ବିରୋଧୀ ପକ୍ଷରୁ ଅନ୍ୟ ଏକ ନକାରାତ୍ମକତାକୁ ଜାଗ୍ରତ କରାଉଛି, ସେତେବେଳେ ସେ ଅମିତ୍ ଶାହଙ୍କ ନିଷ୍ପତ୍ତିକୁ ଅପେକ୍ଷା କରୁଛନ୍ତି, ଯିଏକି ପ୍ରଥମେ ଏହି ମେଣ୍ଟର କଥା ଉଠାଇ ଥିଲେ ଏବଂ ଚେନ୍ନାଇ ଆସି ଏ ସମ୍ପର୍କରେ ଲୋକମାନଙ୍କ ସମ୍ମୁଖରେ ଏକ ସ୍ପଷ୍ଟ ଚିତ୍ର ଉପସ୍ଥାପନ କରିବେ ବୋଲି କହିଥିଲେ। ତେବେ ତାଙ୍କର ଏହି ବହୁ ପ୍ରତିକ୍ଷୀତ ଆଗମନକୁ ସାକାର କରାଇବାରେ ଶାହ ଅସମର୍ଥ ହୋଇଥିବା ବେଳେ ପାଲାନିସ୍ୱାମୀ ଅବଶ୍ୟ ଶ୍ରୀଯୁକ୍ତ ମୋଦୀ ତାଙ୍କର ଆଶଙ୍କାକୁ ଦୂର କରି ଏକ ସ୍ପଷ୍ଟ ଉତ୍ତର ପ୍ରଦାନ କରିବାର ଅପେକ୍ଷା ରଖନ୍ତି। କିନ୍ତୁ ସାମ୍ପ୍ରତିକ ଘଟଣାବଳୀ ଯେ କେବଳ ପାଲାନିସ୍ୱାମୀଙ୍କ ସପକ୍ଷରେ ଗଲା ନାହିଁ, ତାହା ନୁହେଁ, ଏହା ମଧ୍ୟ ବିଜେପି ସପକ୍ଷରେ ଯାଇଛି ବୋଲି କ୍ୱଚିତ୍ କହିହେବ। ଜଣେ ପ୍ରଧାନମନ୍ତ୍ରୀଙ୍କର ଯେ ରାଜ୍ୟରେ ଏକ ସର୍ବପୁରାତନ ମନ୍ଦିରରେ ହଠାତ୍ ଭକ୍ତିଅର୍ଘ୍ୟ ନିବେଦନ କରିଦେବା ଯେ ଭୋଟରମାନଙ୍କ ମନକୁ ତାଙ୍କ ଆଡ଼କୁ ଢଳିବାରେ ବିଶେଷ ଭୂମିକା ନିର୍ବାହ କରିବ, ଏଭଳି ଭାବନାକୁ ଏକ ବୃଥା ଭାବନା କୁହାଯାଇପାରେ, ବିଶେଷକରି ସେହି ରାଜ୍ୟରେ ଯେଉଁଠି ଧାର୍ମିକ ଭାବନା ଏବଂ ତା' ସହିତ ମଧ୍ୟ ହେତୁବାଦ ବିନା କୌଣସି ବିବାଦରେ ଏକାଠି ଗତି କରିଥାନ୍ତି।●

# ତାଙ୍କ ସ୍ମରଣ ହିଁ ସମ୍ପଦ

ଟିକିଏ ଆନନ୍ଦ ସକାଶେ ଆମର ଧାଁ ଦୌଡ଼। ନାନାଦି ଯୋଜନା। କେବେ କୋଠା ବାଡ଼ିରେ ମାତୁ ତ କେବେ ଧନ ସମ୍ପତ୍ତିରେ। ଆଉ କେବେ ଗାଡ଼ିଘୋଡ଼ା, ପଦପ୍ରତିଷ୍ଠା ପଛରେ ପଡ଼ିଥାଉ। ସବୁ କିଛିର ଉଦ୍ଦେଶ୍ୟ ଆନନ୍ଦ ପାଇବା। ଟିକିଏ ସୁଖ-ଶାନ୍ତି ପାଇବା ପାଇଁ ମନ ବହୁତ ଭାର ବୁହେ। ବୁଝିବାକୁ ହେବ ସୁଖ ମିଳେ ଶରୀରକୁ। ଶାନ୍ତି ମିଳେ ମନକୁ। ଆଉ ଆନନ୍ଦ ଆତ୍ମିକ ସ୍ତରର କଥା। ସୁଖ-ଶାନ୍ତି ସକାଶେ ମନ ବହୁ ଭାର ବୁହେ। ଓଜନିଆ ହୋଇଯାଏ। ତା'ର ପ୍ରଭାବ ପଡ଼େ ଏ ଦେହ ଉପରେ। ମନ ଭାରାକ୍ରାନ୍ତ ଥିଲେ ମୁହଁ ଶୁଖିଯାଏ। ବିଷାଦ ଥିଲେ ଆଖି ଛଳଛଳ ହେଉଥାଏ। ପ୍ରତି ମୁହୂର୍ତ୍ତରେ ମନର ଚାପ ଶରୀରରେ ପ୍ରତିଫଳିତ ହୁଏ। ଜଳନ୍ତା ଚୁଲିରେ ବସିଥିବା ତାୱା ଗରମ ହେଲା ପରି ମନର ପ୍ରଭାବରେ ଶରୀର ପ୍ରଭାବିତ ହୁଏ। ଏମିତି ବି ହୁଏ, କିଛି ନଥାଇ ମଧ୍ୟ ଅଯଥା କଥା ମନ ଚିନ୍ତାକରେ। ଯୋଉ ମନ ଏତେଆଡୁ ଚିନ୍ତା କରୁଛି, ତାକୁ ଶିଖେଇ ଦିଆଯାଉ- ସେ ପରମାତ୍ମା, ଗୁରୁ ବା ନିଜର ଇଷ୍ଟଙ୍କୁ ସ୍ମରଣ କରୁ। ଭାର ଲାଘବ ହୋଇଯିବ। ଶରୀର ଉପରେ ସୁପ୍ରଭାବ ପଡ଼ିବ। ଅବଶ୍ୟ ଏକଥା ସତ୍ୟ ଯେ ଦୁଶ୍ଚିନ୍ତା ମନ ସିଂହାସନରେ ବସିଥିବା ବେଳେ ସେଠି ପରମାତ୍ମାଙ୍କୁ ଜାଗା ମିଳିବା କଷ୍ଟ। ତଥାପି ତାଙ୍କୁ ସ୍ମରଣ କରିବା ପାଇଁ ପୂର୍ବରୁ ଅଭ୍ୟାସ କରିବା ଉଚିତ୍।

ଏ ନେଇ ଉଦାହରଣଟିଏ। ଗୋଟିଏ ପରିବାରରେ ବିଶେଷ କାର୍ଯ୍ୟକ୍ରମ ପାଇଁ ବହୁତ ବନ୍ଧୁବାନ୍ଧବ ଯୋଗ ଦେଇଥିଲେ। ମାଆଙ୍କ ସାଥୀରେ ସେମାନଙ୍କ ପିଲା ବି ଥିଲେ। ପିଲାମାନେ ପରସ୍ପର ଭିତରେ ଖେଳ କୁଦରେ ମାତି ଯାଇଥିଲେ। ଖେଳ ଭିତରେ ପରସ୍ପର ମାଡ଼ ଗୋଳ ଆରମ୍ଭ କରିଦେଲେ। ଖଣ୍ଡିଆ ଖାବରା ହୋଇ କାନ୍ଦକଟା କଲେ। କାନ୍ଦକଟା ଶୁଣି ମାଆ ବାପା ଧାଇଁ ଆସିଲେ। ନିଜର ପିଲାଙ୍କୁ କୋଳେଇ ନେଲେ। ଲୁହ ପୋଛିଦେଲେ। ଦରକାରୀ ଔଷଧ ବି ଲଗେଇ ଦେଲେ। ସେମିତି ଆମ ମନ ସଂସାର ଅଗଣାରେ ଖେଳିଲା ବେଳେ କିଏ ନା କିଏ ଦୁଷ୍ଟ ପ୍ରବୃତ୍ତି ତାକୁ ମାରଧର କରେ। ମନକୁ ଭାରାକ୍ରାନ୍ତ କରିଦିଏ। ଏ ସ୍ଥିତିରେ ବୁଝିବାକୁ ହେବ ପରମାତ୍ମାଙ୍କୁ ସ୍ମରଣ କରିବାରେ ଅଭାବ ହୋଇଛି। ମାଆ ବାପା ପାଖରେ ଥିଲେ ପିଲାଙ୍କୁ ଆକଟ କରନ୍ତି। ପିଲା ଗଣ୍ଡଗୋଳ କରି ପାରନ୍ତିନି।

ସେମିତି ମନ ଅଗଣାକୁ କେତେ ସମସ୍ୟା ଅଯାଚିତ ଭାବରେ ଧସେଇ ପଶନ୍ତି। ମନକୁ ଓଜନିଆ କରି ଦିଅନ୍ତି। ମନ ରକ୍ଷା ପାଇବାକୁ ବିକଳ ହୁଏ। ଏତିକି ବେଳେ ପରମାତ୍ମାଙ୍କୁ ଚିନ୍ତନ କରିବା ଦରକାର। ବାପା ମାଆ ଅନ୍ୟ ପିଲାଙ୍କୁ ଆଡ଼େଇ ଆଗ ନିଜ ପିଲାଙ୍କୁ ଟେକି ନେଲା ଭଳି ପରମାତ୍ମା ଆସିଗଲେ ସମସ୍ୟା ଘୁଞ୍ଚି ଯାଆନ୍ତି। ମନର ସବୁ ଗୋଳମାଳ ଥମିଯାଏ। ସଂସାରରେ ତ ସମସ୍ତଙ୍କ ପାଇଁ ସମସ୍ୟା ଅଛି। କିନ୍ତୁ ଯିଏ ତାଙ୍କୁ ଯେତିକି ସ୍ମରଣ କରେ, ସମସ୍ୟା ସେତିକି ହାଲ୍‌କା ହୁଏ। ସମସ୍ୟା ହାଲ୍‌କା ହେଲେ ସୁଖ ଶାନ୍ତି ଆସି ଯାଆନ୍ତି। ସ୍ମରଣ ଯେତିକି କମ୍, ସମସ୍ୟା ସେତିକି ଭାରି। ତେଣୁ କୁହାଯାଇଛି, ତାଙ୍କୁ ବିସ୍ମରଣରେ ବିପଦ ଓ ସ୍ମରଣରେ ସମ୍ପଦ ଅଛି।●

ପଦ୍ମାରବିନ୍ଦ

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

## ୧୭୮ ଅଭିଯୋଗରୁ ୩୨ ତୁରନ୍ତ ସମାଧାନ



**ଗୋଲାମୁଣ୍ଡା,୨୯।୭/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ରେଙ୍ଗସାପାଲିରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଓ ତା'ର ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭୮ ଅଭିଯୋଗରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ସାମିଲ କରି ୩୨ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସୁବିଧା ସମସ୍ତଙ୍କଠାରେ ପହଞ୍ଚାଇବା ଆମ ପ୍ରଶାସନର ଉଦ୍ଦେଶ୍ୟ ବୋଲି ବ୍ଲକ୍ ଅଧ୍ୟକ୍ଷ ମହାନନ୍ଦ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁରା ମହାନନ୍ଦ, ବିଇଓ ରାଜେଶ ନାଏକ, ସରପଞ୍ଚ ରଜନୀ ବୁଦ୍ଧିଆ, ସମିତିସଭ୍ୟା ସଙ୍ଗୀତା ଯାନୀ, ସହକାରୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ସାମାଜିକ ସୁରକ୍ଷା ବିଭାଗ ପିତାମ୍ବର ନାଏକ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ରାଜସ୍ୱ ନିରୀକ୍ଷକ କ୍ଷମାନିଧି ନାଏକ, ମହିଳା ପରିଦର୍ଶିକା ମଞ୍ଜୁଲତା ପଟ୍ଟନାୟକ, ଯୋଗାଣ ବିଭାଗର ରୁପେଶ ବେମାଲ, ଜନ ମଙ୍ଗଳ ବିଭାଗର ସୁନୀଲ କୁମାର ରାଉତ, ଏପିଓ କ୍ଷେତ୍ରମୋହନ ମାଝୀ, ପାନୀୟଜଳ ବିଭାଗର ରିତା ରାଣୀ କିଷାନ, ଏସ୍‌ବିଏମ୍ ବିଭାଗର ନିତ୍ୟା ତାଣ୍ଡି, ବ୍ଲକ୍ କୃଷି ଅଧିକାରୀ ନାଉକେଶ୍ୱର ନାଗ, ପିଇଓ ଅଲେଖ ସା, ଏଡିଇଓ ଦିନବନ୍ଧୁ ନାଗ, ଜନଶୁଣାଣି ବିଭାଗର ନନ୍ଦିନୀ ଶବରଙ୍କ ସମେତ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ ଓ ରେଙ୍ଗସାପାଲି ପଞ୍ଚାୟତର ଅନେକ ଜନସାଧାରଣ ଉପସ୍ଥିତ ଥିଲେ।

# ଅଧପନ୍ତରିଆ ଶ୍ୟାମସୁନ୍ଦରପୁର ଡ୍ୟାମ୍

**ଭବାନୀପାଟଣା,୨୯।୭/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ଚାଷ ଓ ଚାଷୀର ଉନ୍ନତି ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ସେଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ଓ କୋହଳ ନୀତି ଯୋଗୁ ଅନେକ ଯୋଜନା ବାଟବଣା ହେଉଥିବା ନଜରକୁ ଆସୁଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ତ୍ରିଲୋଚନପୁର ପଞ୍ଚାୟତର ଶ୍ୟାମସୁନ୍ଦରପୁରରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୨୫.୫୦ ଲକ୍ଷ ବିନିମୟରେ ଏକ ଡ୍ୟାମ୍ ନିର୍ମାଣ ହୋଇଛି। ଏହି ଡ୍ୟାମ୍‌କୁ ନିର୍ମାଣ ପାଇଁ ଟେଣ୍ଡର୍ ଆହ୍ୱାନ କରାଯାଇଥିଲା। ଭବାନୀପାଟଣାର ଅଜିତ ପ୍ରଧାନ ନାମକ ଜୈନେକ ଠିକାଦାରଙ୍କୁ କାର୍ଯ୍ୟ ଆଦେଶ ଦିଆଯାଇଥିଲା। ହେଲେ ଠିକାଦାର ପାରିବାରିକ ଅସୁବିଧା ଦର୍ଶାଇ ୨୦୨୨-୨୩ ଆର୍ଥିକ ବର୍ଷର କାମକୁ ଗତ ୨୦୨୪ ଏପ୍ରିଲ ମାସରେ ଆରମ୍ଭ କରିଥିଲେ। କିଛିଦିନ କାମ କରିବା ପରେ କାମ ବନ୍ଦ କରିଦେଇଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଫଳରେ ପାଖାପାଖି ୫୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ ହୋଇଛି। ତେବେ ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁ କାମ ଆରମ୍ଭ ହୋଇପାରୁନାହିଁ। ସେଥିପାଇଁ ଆମର ଚାଷ ନଷ୍ଟ ହେଉଛି ବୋଲି ଅସନ୍ତୋଷ ପ୍ରକାଶ କରି ଚାଷୀମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।



ପ୍ରକାଶଥାଉକି ତ୍ରିଲୋଚନପୁର ପଞ୍ଚାୟତ ଶ୍ୟାମସୁନ୍ଦରପୁରରେ ବହୁ ବର୍ଷର ଏକ ପୁରୁଣା ଚେକ୍ ଡ୍ୟାମ୍ ରହିଥିଲା। ଏହା ବର୍ଷ ବର୍ଷ ଧରି ମରାମତି ହୋଇନଥିବା ଯୋଗୁ ଧୀରେ ଧୀରେ ଚେକ୍ ଡ୍ୟାମ୍ ପୋତି ହୋଇଯିବା ଫଳରେ ଜଳସ୍ତର କମି ଚାଷ କାମରେ ଜଳ ଯୋଗାଣ ହୋଇପାରିଲା ନାହିଁ। ସେନେଇ ଚାଷୀମାନେ ବାରମ୍ବାର ଅଭିଯୋଗ ପରେ ସରକାରଙ୍କ ପକ୍ଷରୁ ୨୦୨୩ ମସିହାରେ ନୂତନ ଡ୍ୟାମ୍ ପାଇଁ ଅନୁମତି ମିଳିଥିଲା। ଏହାଦ୍ୱାରା ଏହି ପାଣିକୁ ଲୋକେ ବ୍ୟବହାର କରିବା ସହ ଚାଷ ଜମିରେ ମଧ୍ୟ ବ୍ୟବହାର କରିବା ବ୍ୟବସ୍ଥା ରହିଥିଲା। ତେବେ ଠିକାଦାର କାମ ଆରମ୍ଭ ବେଳକୁ ଚାଷ କାମ ଆରମ୍ଭ ହୋଇଯିବାରୁ ବର୍ଷ ଶେଷ ସୁଦ୍ଧା କାମ ସମ୍ପୂର୍ଣ୍ଣ କରିବା ପାଇଁ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ୨୦୨୩ରେ ଏହି କାମର ଅବଧି ଶେଷ ହୋଇ ଇତିମଧ୍ୟରେ ୨ ବର୍ଷ ବିତିଯାଇଥିଲେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ୫୦ ଏକର ଜମି ପଦା ପଡ଼ିବା ଆଶଙ୍କା ଦେଖାଦେଇଛି।

ଏନେଇ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରଫୁଲ୍ଲ ମହନ୍ତଙ୍କୁ ପଚାରିବାରୁ ଠିକାଦାରଙ୍କ ବାପାଙ୍କୁ କ୍ୟାନ୍ସର୍ ହୋଇଥିବାରୁ ସେ କାମ କରିପାରୁନାହାନ୍ତି କିମ୍ବା କାହାକୁ କରିବାକୁ ଦେଇନାହାନ୍ତି। ଯଦି ଆମର ଉପରିସ୍ଥ ଅଧିକାରୀ ଚାହିଁବେ ତା'ହେଲେ ଅନ୍ୟଜଣେ ଠିକାଦାର କରିପାରନ୍ତେ ସେମାନେ କିଛି କରୁନାହାନ୍ତି ମୁଁ କ'ଣ କରିବି ବୋଲି ସେ ପ୍ରକାଶ କରିଥିଲେ। ତେବେ ଯଦି ଠିକାଦାରଙ୍କ ପାରିବାରିକ ଅସୁବିଧା ଅଛି ସେ କାମ କରିପାରୁନାହାନ୍ତି ଓ କାମର ଅବଧି ୨ ବର୍ଷ ଆଗରୁ ଶେଷ ହୋଇଯାଇଛି ତା' ହେଲେ ବିଭାଗ କାହିଁକି ଚୁପ୍ ହୋଇ ବସିରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଚାଷୀଙ୍କ ଅସୁବିଧା ଦୃଷ୍ଟିରୁ ଉକ୍ତ ପ୍ରକଳ୍ପକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

**ଅବଧିକୁ ୨ ବର୍ଷ ପୁରିଥିଲେ ବି ସରୁନି କାମ**

**୫୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମି ପ୍ରଭାବିତ ଆଶଙ୍କା**

**ଜିଲ୍ଲାପାଳଙ୍କୁ ଚାଷୀଙ୍କ ଲିଖିତ ଅଭିଯୋଗ**

# ନୂତନ ଜିଲ୍ଲାପାଳଙ୍କୁ ହକି ଆସୋସିଏସନ୍ ପକ୍ଷରୁ ଶୁଭେଚ୍ଛା



**ଝାରସୁଗୁଡ଼ା,୨୯।୭/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ହକି ଆସୋସିଏସନ୍‌ର ସଭାପତି କୁଣାଲ ମୋତିରାମ ଚହ୍ୱାଣଙ୍କୁ ଜିଲ୍ଲା ହକି ଆସୋସିଏସନ୍ ଭେଟି ସ୍ୱାଗତ କରିବା ସହ ଆସୋସିଏସନ୍‌ର ମୁଖପତ୍ର ପ୍ରଦାନ କରିଛି। ଏହାସହ ଜିଲ୍ଲାରେ ହକିର ସ୍ଥିତି ଓ ବିକାଶ ପାଇଁ ଆଲୋଚନା କରିଥିଲେ। ଏହି ସମୟରେ ଜିଲ୍ଲା ହକି ଆସୋସିଏସନ୍ ପକ୍ଷରୁ ସଦସ୍ୟ ସିମନ ବରୁଆ, ପ୍ରଜ୍ଜ୍ୱଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଅଭିଶେକ ଲାଟ, ବିଜୟ ବେହେରା, କ୍ଲେମେଣ୍ଟ ରୋନାଡ ଓ ହକି ଆସୋସିଏସନ୍‌ର ଓଡ଼ିଶା ଉପସଭାପତି ଜୀବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଚଳନ୍ତା ବସ୍‌ରେ ଶୋଇପଡ଼ିଲେ ଚାଳକ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ରାଉରକେଲା,୨୯।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରୁ ରାଉରକେଲା ଫେରୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍ 'ଓ୍ୱିନର୍' ଅଳ୍ପକେ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଗାଡ଼ି ଚାଳକଙ୍କ ବେପରୁଆ ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଗତ ରବିବାର ରାତି ୨ଟା ବେଳେ ଗାଡ଼ି ଚାଲିଥିବା ବେଳେ ଏହାର ଚାଳକ ଷ୍ଟିଅରିଂ ଉପରେ ଶୋଇ ପଡ଼ିଥିଲେ। ଆକ୍ସିଲେଟରରୁ ଗୋଡ଼ ଖସିଯିବାରୁ ଗାଡ଼ି ମନ୍ଥର ହୋଇଯାଇଥିଲା। ସେତେବେଳେ ହେଲ୍ପର୍ ଓ କଣ୍ଡକ୍ଟର୍ ଶୋଇଥିବାରୁ କିଛି ଜାଣି ପାରିନଥିଲେ। ଗାଡ଼ିର ମନ୍ଥରତା ଦେଖି ଯାତ୍ରୀମାନେ କୌତୁହଳବଶତଃ ବାହାରକୁ ଯିବାକୁ ଉଦ୍ୟମ କରୁଥିବା ବେଳେ ଗାଡ଼ି ଚାଳକ ଶୋଇ ପଡ଼ିଥିବା ଜାଣିପାରିଥିଲେ ଏବଂ ପାଟି କରିଥିଲେ। ହେଲ୍ପର୍ ଓ କଣ୍ଡକ୍ଟର୍ ଉଠି ଗାଡ଼ିରେ ବ୍ରେକ୍ ଲଗାଇବାରୁ ଗାଡ଼ି ରହିଥିଲା। ପରେ ଯାତ୍ରୀମାନେ ତଳକୁ ଯାଇ ହେଲ୍ପର୍ ଓ କଣ୍ଡକ୍ଟରଙ୍କୁ ପାଟି କରିଥିଲେ। ଖବରପାଇ ଖମାର ପୁଲିସ ସେଠାରେ ପହଞ୍ଚିଥିଲେ। ପରେ ଅନ୍ୟଜଣେ ଚାଳକ ଗାଡ଼ି ଚଳାଇ ରାଉରକେଲା ଫେରିଥିଲେ।

# ଆର୍‌ଏମ୍‌ସି ମହିଳା କର୍ମଚାରୀଙ୍କ ଆତ୍ମାହୁତି ଉଦ୍ୟମ

**ରାଉରକେଲା,୨୯।୭/ଏନ୍‌ଏନ୍‌ଏସ୍:** ରାଉରକେଲା ମହାନଗର ନିଗମର ଜଣେ ମହିଳା କର୍ମଚାରୀ ଆତ୍ମାହୁତି ଉଦ୍ୟମ କରିଥିବା ଜଣାପଡ଼ିଛି। ମହିଳା ଜଣକ ଦୀର୍ଘ ୯ ବର୍ଷ ଧରି ସ୍ଥାୟୀ ଚାକିରି ପାଇଁ ସମସ୍ତଙ୍କ ନିକଟରେ ପ୍ରାର୍ଥନା କରିଆସୁଥିଲେ। ଜଣକ ପରେ ଜଣେ ଆୟୁକ୍ତଙ୍କୁ ସାକ୍ଷାତ କରି ଲିଖିତ ଭାବେ ନିଜର ଦାବି ଉପସ୍ଥାପନ କରିଥିଲେ। କିନ୍ତୁ କେହି ତାଙ୍କ ଆତୁର ଗୁହାରି ଶୁଣିଲେନି। ସ୍ଥାୟୀ ଚାକିରି ତ ଦୂରକଥା ପିଲାଛୁଆଙ୍କୁ ଧରି ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ମଧ୍ୟ ମିଳିଲାନି। ଶେଷରେ ବାଧ୍ୟହୋଇ ସେ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଭାଗୀୟ ଅଧିକାରୀଙ୍କଠାରୁ ବର୍ଷ ବର୍ଷ ଧରି ପ୍ରତାରିତ ହୋଇ ଶେଷରେ ସରସ୍ୱତୀ ସାମନ୍ତରାୟ ଚରମ ପଦକ୍ଷେପ ନେଇଛନ୍ତି। ଯେଉଁ ରୁମ୍‌ରେ କାମ କରୁଥିଲେ ସେହି ରୁମ୍‌ରେ ଭିତର ପଟୁ ବନ୍ଦ କରି ନିଜ ମୋବାଇଲ୍‌ରେ ନିଜର କାହାଣୀ ପ୍ରସ୍ତୁତ କଲେ। ପରେ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଲେ। ତାଙ୍କର ଏ ଅବସ୍ଥା ପାଇଁ ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଓ ବିଦ୍ୟୁତ୍ ବିଭାଗର ସଚ୍ଚିଦାନନ୍ଦ ଦାସ ଦାୟୀ ବୋଲି ଭିଡିଓରେ କହିଲେ। ଭିଡିଓ କରିସାରି ନିଜ ଓଢ଼ଣୀ ସାହାଯ୍ୟରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଚିତ୍କାର ଶୁଣି ସହକର୍ମୀମାନେ କବାଟ ଭାଙ୍ଗି ସରସ୍ୱତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ଡେପୁଟି କମିଶନର୍ ଅଜିତ ପଟ୍ଟନାୟକ ଆର୍‌ଜିଏଚ୍‌ରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ପରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଅତିରିକ୍ତ ଜିଲ୍ଲାପାଳ ଧେନା ଦସ୍ତଗିର୍ ହସ୍ପିଟାଲ୍ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ଉକ୍ତ ମହିଳାଙ୍କ ସ୍ୱାମୀ ଲଡ୍ଡୁକିଶୋର ସାମନ୍ତରାୟ ଇଲେକ୍ଟ୍ରି ହେଲ୍‌ପର୍ ଭାବେ ଆର୍‌ଏମ୍‌ସିରେ କାମ କରୁଥିଲେ। ୨୦୧୬ ଅଗଷ୍ଟ ୨୯ରେ ଟ୍ୟୁବ୍‌ଲାଇଟ୍ ମରାମତି ବେଳେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ସେତେବେଳେ ତାଙ୍କ ପୁଅକୁ ଚାକିରି ଓ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଥିଲା। ତତ୍କାଳୀନ କମିଶନର୍ ଅକ୍ଷୟ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ମନୀଷା ବାନାର୍ଜୀ ଓ ଡେପୁଟି କମିଶନର୍ ସୁଷମା ବିଲୁଙ୍ଗ ସ୍ଥାୟୀ ଚାକିରି ପାଇଁ ସରକାରଙ୍କୁ ଚିଠି ଦେବାକୁ ବଡ଼ବାବୁ ମନୋଜ ଧଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ଦୁଃଖ ଦୁଃଖରେ ହିଁ ରହିଗଲା। ଘଟଣାର ୨ ବର୍ଷ ପରେ ତାଙ୍କୁ ଆଉଟ୍‌ସୋର୍ସିଂରେ ମାସିକ ୬ରୁ ୭ ହଜାର ଟଙ୍କାର ଚାକିରି ଦିଆଯାଇଥିଲା। ସଂସ୍ଥାର ଶ୍ରୀକାନ୍ତ ଶତପଥୀଙ୍କୁ ଦରମା ବଢ଼ାଇବାକୁ ମହିଳା ଜଣକ ବାରମ୍ବାର କହି ଆସୁଥିଲେ। କିନ୍ତୁ ସେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ନିକଟରେ ନଗର ଉନ୍ନୟନ ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ମନ୍ତ୍ରୀ ଘଟଣା ସମ୍ପର୍କରେ ଅବଗତ ହୋଇ ପୂର୍ବତନ ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ତୁରନ୍ତ ସମାଧାନ କରିବାକୁ କହିଥିଲେ।

# ପରିବାରକୁ ଭେଟିଲେ ବିଜେଡି ଓ କଂଗ୍ରେସର ସ୍ୱତନ୍ତ୍ର ଟିମ୍

**ଶିଶୁ ବିକ୍ରି ମାମଲା**

**ଟିଟିଲାଗଡ଼,୨୯।୭/ଏନ୍‌ଏନ୍‌ଏସ୍:** ଟିଟିଲାଗଡ଼ ବ୍ଲକ୍ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ ବାଗଡ଼େର ଗ୍ରାମର ନୀଳ ରଣା ନିଜ ଶିଶୁକନ୍ୟାକୁ ବିକ୍ରି କରିଥିବା ନେଇ ରାଜନୀତି ଜୋର୍ ଧରିଛି। ଶିଶୁ କନ୍ୟାଟି ପ୍ରଶାସନ ଦ୍ୱାରା ଉଦ୍ଧାର ହୋଇଥିବା ବେଳେ କ୍ରେତା ଏବଂ ବିକ୍ରେତାଙ୍କ ନାମରେ ଟିଟିଲାଗଡ଼ ଥାନାରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ ବିଜେଡିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ପୀଡ଼ିତ ପରିବାରଙ୍କୁ ସାକ୍ଷାତ କରିଥିଲେ। ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲାପରିଷଦ ସଭ୍ୟା ଗୀତା ବିଶି, ଦଳର ନାରୀନେତ୍ରୀ ନିରୁପମା ମାଝୀ ଓ ପିଙ୍କି ଖରସେଲ୍ ପ୍ରମୁଖ ଅସହାୟ ମାଆଙ୍କ ସହ କଥା ହୋଇଥିଲେ। ପରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତି ସାହୁ ମାଆଙ୍କ ମନରେ କ'ଣ ଦୁଃଖ ଅଛି ସେ ଜଣେ ନାରୀ ଭାବେ ବେଶ୍ ହୃଦୟଙ୍ଗମ କରିପାରୁଥିବା କହିବା ସହ ତାଙ୍କ ପକ୍ଷରୁ ସେ ସମସ୍ତ ସହାୟତା ପ୍ରଦାନ କରିବେ ବୋଲି ଗଣମାଧ୍ୟମକୁ କହିଥିଲେ। ଅନ୍ୟପଟେ ପୀଡ଼ିତ ପରିବାରକୁ କେବଳ ୨୫ କିଲୋଗ୍ରାମ୍ ଚାଉଳ ଦେଇ ପ୍ରଶାସନ ନିଜ ଦାୟିତ୍ୱ ସାରିଦେଇଥିବା ପ୍ରତିନିଧି ଦଳରେ ସାମିଲ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ସରୋଜ ମେହେର ଗଣମାଧ୍ୟମରେ ସରକାରଙ୍କ ଉପରେ ବର୍ଷିଛନ୍ତି। ଭଙ୍ଗା ଦଦରା ଘରେ ରହୁଥିବା ଗରିବ ପରିବାରକୁ ଘରଟିଏ ମିଳିନାହିଁ, ବର୍ତ୍ତମାନ ବର୍ଷାରେ ଅନ୍ଧାର, ମଶା ଓ ମାଛିରେ ସଢୁଥିବା ପରିବାରକୁ ମାସିକ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ପ୍ରଦାନ କରିବାକୁ ନିର୍ବାଚନୀ ଘୋଷଣା କରିଥିବା ସରକାର ବିଦ୍ୟୁତ୍ ସଂଯୋଗଟିଏ ଦେଇପାରି ନାହିଁ। ଏହି ସରକାର ଗରିବ ବିରୋଧୀ ସରକାର ବୋଲି ଜିଲ୍ଲା ସଭାପତି ଶ୍ରୀ ମେହେର ଦୋଷାରୋପ କରିଥିଲେ। ପ୍ରତିନିଧି ଦଳରେ ବରିଷ୍ଠ ନେତା ଲକ୍ଷ୍ମଣ ମେହେର, ଡ଼ା. ଅମଜଦ ଖାନ୍, ଶ୍ୟାମାପ୍ରସାଦ ଗରିଆ, ତୁଳସୀ ସାହୁ, ରଣ ପୃଷ୍ଟି, ଟିଟିଲାଗଡ଼ ବ୍ଲକ୍ ବିଜେଡି ସଭାପତି ପଦ୍ମଲୋଚନ ପୋଢ଼, କୃଷ୍ଣ ଚନ୍ଦ୍ର ହାତୀ, ଜିଲ୍ଲାପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ଦେବ କଟା ଓ କମଲ ରଣା ପ୍ରମୁଖ ସାମିଲ ଥିଲେ।



ସେହିପରି କଂଗ୍ରେସ ଦଳର ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ପୀଡ଼ିତ ପରିବାରଙ୍କୁ ସାକ୍ଷାତ କରିଥିଲେ। ପରେ ଟିଟିଲାଗଡ଼ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାଶ ବର୍ତ୍ତମାନ ବିଜେପି ସରକାରରେ ପ୍ରଶାସନ ସ୍ଥାଣୁ ପାଲଟିଥିବା ଅଭିଯୋଗ କରିଥିଲେ। ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି କ୍ଷେତ୍ରରେ ମାନବିକ ମୌଳିକ ଅଧିକାର ହନନ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ ଓ ଖାଦ୍ୟମନ୍ତ୍ରୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ କଂଗ୍ରେସ ନେତା ଦାବି କରିଛନ୍ତି। ଦଳ ପକ୍ଷରୁ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ବରିଷ୍ଠ ନେତା ଘାସିରାମ ମାଝୀ, ଡମ୍ବରୁଧର ଛତ୍ରିଆ, ଭାରତ ଭୂଷଣ ବେମାଲ, ଦେବାନନ୍ଦ ସାହୁ, ବୀରେନ୍ଦ୍ର ବାଗ ଓ ସୁରଜ ବେହେରା ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରକୁ ମାଡ଼ିଗଲା ପିକ୍‌ଅପ୍

**ରାୟଗଡ଼ା,୨୯।୭/ଏନ୍‌ଏନ୍‌ଏସ୍:** ରାୟଗଡ଼ା ସଦର ଜାତୀୟ ରାଜପଥ ନାଇଡୁପେଟାସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ରରେ କୁନି କୁନି ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ସମୟରେ ଦ୍ରୁତ ଗତିରେ ଏକ ପିକଅପ୍ ଭ୍ୟାନ୍ ମାଡ଼ି ଯାଇଥିଲା। ଭାଗ୍ୟବଶତଃ କୁନି କୁନି ଶିଶୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ ଜେକେପୁରଠାରୁ ରାୟଗଡ଼ା ଅଭିମୁଖେ ଆସୁଥିବା ଏକ ପିକ୍‌ଅପ୍ ଭ୍ୟାନ୍ ସାମ୍ନା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ଚାଳକକୁ ରକ୍ଷା କରିବାକୁ ଯାଇ ବ୍ରେକ୍ ମାରିବା ପରିବର୍ତ୍ତେ ଏକ୍ସିଲିଟର୍‌କୁ ଚାପି ଦେଇଥିଲେ। ତେଣୁ ଗାଡ଼ିଟି ଦ୍ରୁତ ବେଗରେ ଭାରସାମ୍ୟ ହରାଇ ନାଇଡୁପେଟାରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରରେ ପଶିଯାଇଥିଲା। ପିକଅପ୍ ଭ୍ୟାନ୍‌ଟି ଅଙ୍ଗନବାଡ଼ି କେନ୍ଦ୍ରର ସୁରକ୍ଷା ପାଚେରୀ ଭାଙ୍ଗି ଭିତରକୁ ପଶିଯାଇଥିଲା । ସେହି ସମୟରେ କେନ୍ଦ୍ରରେ କୁନି କୁନି ଛାତ୍ରଛାତ୍ରୀମାନେ ଅଧ୍ୟୟନରତ ଥିଲେ। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ମୁତାବକ ପିକଅପ୍ ଭ୍ୟାନ ସାମ୍ନାକୁ ହଠାତ୍ ଏକ ବାଇକ୍ ଆରୋହୀ ଆସିଥିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ପିକଅପ୍ ଭ୍ୟାନ୍ ଡ୍ରାଇଭର୍ ଘଟଣାସ୍ଥଳରୁ ଫେରାର୍ ଥିବା ଜଣାପଡ଼ିଛି। ଚାନ୍ଦିଲି ଥାନା ପକ୍ଷରୁ ପୁଲିସ ଟିମ୍ ଆସି ପିକଅପ୍ ଭ୍ୟାନ୍‌କୁ ଅଙ୍ଗନବାଡ଼ି କେନ୍ଦ୍ରରୁ ବାହାର କରିବା ସହ ଘଟଣାର ତଦନ୍ତ କରୁଛି।



# ଦୁର୍ଗମ ଅଞ୍ଚଳରେ ୟୁଏଆଇଏଲ୍‌ର 'ନିରୋଗଶାଳା'

## ୨୦ ହଜାର ଗ୍ରାମବାସୀ ପାଉଛନ୍ତି ସେବା

**ରାୟଗଡ଼ା,୨୯।୭/ଏନ୍‌ଏନ୍‌ଏସ୍:** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ହିଣ୍ଡାଲ୍‌କୋର୍‌ର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ (ୟୁଏଆଇଏଲ୍) ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ 'ନିରୋଗଶାଳା' ପ୍ରଚଳନ କରିଛି। ଏହି ସିଏସ୍‌ଆର୍ ପ୍ରୟାସ ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଦୁର୍ଗମ ଗ୍ରାମ ଗୁଡ଼ିକରେ ଜନସାଧାରଣଙ୍କ ଦ୍ୱାରଦେଶରେ ସେମାନଙ୍କୁ ଉଭୟ ପ୍ରତିଷେଧକ ଏବଂ ଆରୋଗ୍ୟକାରୀ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି। ଏହା କାଶୀପୁର ବ୍ଲକ୍‌ର ପାଇକକୁପଖାଲ, ଅଣ୍ଡିରାକଞ୍ଚ ଓ ଗୋପୀନାଥପୁର ଆଦି ଦୂରଦୂରାନ୍ତ ଗ୍ରାମରେ ସ୍ୱାସ୍ଥ୍ୟ ଡିସ୍‌ପେନ୍‌ସାରୀ ସ୍ଥାପନ କରିଛି। ପ୍ରାୟ ୨୦ ହଜାର ଗ୍ରାମବାସୀ ଏହି ସେବାର ସୁଯୋଗ ନେଉଛନ୍ତି। ଏନେଇ ୟୁଏଆଇଏଲ ୟୁନିଟ୍ ହେଡ୍ ରବି ମିଶ୍ର କହିଛନ୍ତି ଯେ 'ନିରୋଗଶାଳା' ଏକ ଅତ୍ୟନ୍ତ ବାସ୍ତବ ଏବଂ ଜରୁରୀ ଆବଶ୍ୟକତାରୁ ସୃଷ୍ଟି ହୋଇଥିଲା। ଏହି ସମସ୍ତ ଦୁର୍ଗମ ସ୍ଥାନ ଗୁଡ଼ିକରେ ଚିକିତ୍ସାଗତ ଜରୁରୀ ସ୍ଥିତି ସୃଷ୍ଟି ହେଲେ ବିନା ସହାୟତାରେ ମାଇଲ୍ ମାଇଲ୍ ଚାଲିବାକୁ ପଡ଼ିଥାଏ। ଏଣୁ ସୁବିଧା ଅଭାବରୁ କୌଣସି ଜୀବନ ହାନି ଯେଭଳି ନହୁଏ ତାହା ସୁନିଶ୍ଚିତ କରିବା ଆମର ଲକ୍ଷ୍ୟ ବୋଲି ଶ୍ରୀ ମିଶ୍ର କହିଛନ୍ତି। ପ୍ରତ୍ୟେକ ନିରୋଗଶାଳାରେ ରୋଗ ନିରୂପଣକାରୀ ସମର୍ଥନ ବ୍ୟବସ୍ଥା ଏବଂ ଆମ୍ବୁଲାନ୍ସ ସୁବିଧା ସହିତ ଓପିଡି ସୁବିଧା ରହିଛି, ଏଠାରେ ମଧ୍ୟ ପ୍ରତ୍ୟେକ କେନ୍ଦ୍ର ମାସିକ ହାରାହାରି ୭୦୦-୮୦୦ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛି ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି। ମାଇକଞ୍ଚ ପଞ୍ଚାୟତର ସରପଞ୍ଚ ମସ୍ତରାମ ମାଝୀ କହିଛନ୍ତି ଯେ ମାଇକଞ୍ଚବାସୀଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ଏବଂ ସେମାନେ ଡାକ୍ତରୀ ଚିକିତ୍ସା କରାଇବାକୁ ଅସମର୍ଥ। ୟୁଏଆଇଏଲ୍ ଗ୍ରାମବାସୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଏବଂ ଜୀବନ ରକ୍ଷାକାରୀ ଔଷଧ ଗୁଡ଼ିକ ଆବଶ୍ୟକ ସମୟରେ ବିନା ମୂଲ୍ୟରେ ଯୋଗାଉଥିବାରୁ ଧନ୍ୟବାଦ। ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶାରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଏବଂ ୧୨୮ଟି ଗ୍ରାମରେ ୨ ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି। ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ୍ ଡେଭେଲପ୍‌ମେଣ୍ଟ ଅଧୀନରେ ପରିଚାଳିତ ହେଉଛି।



## ସାହିତ୍ୟ ସଂସ୍କୃତି ସଂସଦର ବାର୍ଷିକ ଉତ୍ସବ

# 'ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ'

**ଜୁନାଗଡ଼,୨୯।୭/ଏନ୍‌ଏନ୍‌ଏସ୍:** ଜୁନାଗଡ଼ ସାହିତ୍ୟ ସଂସ୍କୃତି ସଂସଦର ପ୍ରଥମ ବାର୍ଷିକ ଉତ୍ସବ ଓ ଶ୍ରାବଣ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ସମ୍ବାଦ ସାହିତ୍ୟ ଘର ସଭାପତି ଅଶୋକ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ, ସମ୍ମାନିତ ବକ୍ତାଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଶ୍ରବଣ କୁମାର ସାହୁ, ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ବିଶ୍ୱନାଥ କର ଓ ଅଧ୍ୟାପକ ରାଜେଶ କୁମାର ମୁଣ୍ଡ ଯୋଗଦେଇ ସାହିତ୍ୟରେ ଏକନିଷ୍ଠ ସାଧନା ଏକାନ୍ତ ଆବଶ୍ୟକ ଓ କବିମାନେ ମାଟିର କଥା କୁହନ୍ତୁ ବୋଲି ପ୍ରକାଶ କରିଥିଲେ। ଯୁଗଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। କବି ପ୍ରତାପ ଚନ୍ଦ୍ର ପଣ୍ଡା, ଅର୍ଜୁନ ଗୋପାଳ, ଦୀନେଶ ମେହେର ଓ ଶିବ ପ୍ରସାଦ ମହାରଣାଙ୍କ କବିତା ସଂଯୋଜନାରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୬୦ ଜଣ କବି ଯୋଗଦେଇ ସ୍ୱରଚିତ କବିତାପାଠ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସଂସଦର ବରିଷ୍ଠ ସଦସ୍ୟ ବ୍ରଜ କିଶୋର ମିଶ୍ର, ଚନ୍ଦ୍ର ଶେଖର ସିଂ, ମନୋଜ ମେହେର, ବେଣୁଧର ବାଗ, ହୃଷିକେଶ ମିଶ୍ର, ହିତେଶ ପାଢ଼ୀ, ଶ୍ୟାମସୁନ୍ଦର ପାଢ଼ୀ ଓ ଗୋପଳ ପାତ୍ର ସହଯୋଗ କରିଥିଲେ। ସହ ସମ୍ପାଦକ ନବଘନ ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା ସହ ଧନ୍ୟବାଦ ଦେଇଥିଲେ।



## ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି, ୪ଘଣ୍ଟା ଦର୍ଶନ ବନ୍ଦ

**କେନ୍ଦ୍ରାପଡ଼ା,୨୯।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ମହାପ୍ରଭୁଙ୍କ ମୁଖ ଶୃଙ୍ଗାର ନୀତି । ଆସନ୍ତାକାଲି (ବୁଧବାର) ସକାଳ ୮ଟା ରୁ ୧୨ଟା ଗାରି ଘଣ୍ଟା ଦର୍ଶନ ବନ୍ଦ । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜିଉଙ୍କର ମୁଖ ଶୃଙ୍ଗାର ନୀତି କରାଯିବ ତଗ ୩୦ରୁ ଦ୍ୱାର ଫିଟାଇ ମଙ୍ଗଳ ଆଳତି କରାଯାଇ ପୂଜାପଣ୍ଡାଙ୍କ ଦ୍ୱାରା ମାଳ ଓଲାଗି କରାଯାଇ ପ୍ରଭୁଙ୍କ ସୁବର୍ଣ୍ଣ ଚିତାକୁ ବଡ଼ ପଣ୍ଡା ଦାୟିତ୍ୱ ହସ୍ତାନ୍ତର ପରେ ଚିତ୍ର ଗାର ସେବକ ରନ୍ଧ ସିଂହାସନକୁ ଯାଇ ଶ୍ରୀଅଙ୍ଗ ସ୍ୱର୍ଣ୍ଣ ପରେ ମୁଖ ଶୃଙ୍ଗାର ନୀତି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏହା ଗୁପ୍ତ ଗୁରୁତ୍ୱପୂର୍ଣ୍ଣ ନୀତି ହୋଇଥିବାରୁ ଭକ୍ତ ସର୍ବସାଧାରଣ ପାଇଁ ସକାଳ ୮ ରୁ ୧୨ଟା ଚାରିଘଣ୍ଟା ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

## ଜିଲ୍ଲାସ୍ତରୀୟ ଏଡସ୍ କୁଇଜ୍ ପ୍ରତିଯୋଗିତା




**ଯାଜପୁର,୨୯।୭/ଏନ୍‌ଏନ୍‌ଏସ୍:** ଜିଲ୍ଲା ସ୍ତରୀୟ ଏଚ୍‌ଆଇଭି ଏଡସ୍ କୁଇଜ୍ ପ୍ରତିଯୋଗିତା ପିଏମଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ, ଯାଜପୁର ଠାରେ ଓଡ଼ିଶା ଓ କମିଶ୍ ରେଡକ୍ରସ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଏହି ପ୍ରତିଯୋଗିତାରେ ୧୦ଗୋଟି ବ୍ଲକ୍‌ର ୨୦ଟି ରେଡ ରିବନ୍ କ୍ଲବ୍ ବିଦ୍ୟାଳୟରୁ ୧୮ ଜଣ ବାଳକବାଳିକା ଅଂଶଗ୍ରହଣ କରିଥିଲେ । ପିଏମ ଶ୍ରୀ ବଡ଼ଚଣା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଶାରଦୀ ରାୟ ପ୍ରଥମ ସ୍ଥାନ ଓ ଶ୍ରୀବନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, କଲ୍ୟାଣପୁର ଛାତ୍ରୀ ସୋନାଲୀ ଦାଶ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟ କୁମାର ମିଶ୍ର ଯୋଗଦାନ କରି କୃତୀ ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏଡସ୍ ରୋଗର ପ୍ରତିକାର ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ଏଡସ୍ ନୋଡାଲ ଅଫିସର ଡାକ୍ତର ଗୋପାଳ ଚନ୍ଦ୍ର ମଲ୍ଲିକ, ଭାରତ ସ୍କାଉଟ୍‌ସର ଦେବବ୍ରତ ମହାପାତ୍ର, ଯାଜପୁର ଜିଲ୍ଲା ଏଡସ୍ ନିୟନ୍ତ୍ରଣ ସୁପର ଭାଇଜର ଅଶୋକ କୁମାର ନାୟକ, ଯାଜପୁର ଜିଲ୍ଲା ସ୍କୁଲର ପ୍ରଧାନଶିକ୍ଷକ ଶାନ୍ତନୁ ସେନାପତି, ଜୁନିୟର ରେଡକ୍ରସ୍ ଅଫିସର ଶର୍ଦ୍ଦୟିନ ବେହେରା ଯୋଗଦାନ କରି ଏଡସ୍ ରୋଗକୁ କିପରି ନିୟନ୍ତ୍ରଣ କରିହେବ ସେ ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲା ଏଡସ୍ ସେଲର କର୍ମକର୍ତ୍ତା ମଧୁସୂଦନ ସାଥୁଆ ଓ ଦେବେନ୍ଦ୍ର ନାଥ ସ୍ୱାଇଁ, ସୁବାସ ଚନ୍ଦ୍ର ବାରିକ, ବିକାଶ ଚନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।


## ସହକାରୀ ଯନ୍ତ୍ରୀଙ୍କ ଲାଞ୍ଚମୋହ ଛାଡୁନି

**ଢେଙ୍କାନାଳ,୨୯।୭/ଏନ୍‌ଏନ୍‌ଏସ୍:** ଦୁଇ ଦୁଇ ଥର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଜଣେ ସହକାରୀ ଯନ୍ତ୍ରୀଙ୍କର ତଥାପି ଛାଡୁନି ଲାଞ୍ଚ ମୋହ । ଏପରି ଏକ ଅଭାବନୀୟ ଘଟଣା ହିନ୍ଦୋଳ ବ୍ଲକ୍‌ରେ ଦେଖିବାକୁ ମିଳିଛି । ଯାହାକୁ ନେଇ ସାରା ହିନ୍ଦୋଳରେ ଏକ ଆଲୋଡ଼ନ ସୃଷ୍ଟି ହୋଇଛି । ପ୍ରକାଶ, ହିନ୍ଦୋଳ ବ୍ଲକର ଜନୈକ ସହକାରୀ ଯନ୍ତ୍ରୀ ସବୁ ପଞ୍ଚାୟତରେ କାମ ପୂର୍ବରୁ ମୋଟା ଅଙ୍କର ପିସି ମାଗୁଛନ୍ତି ବୋଲି ଅଭିଯୋଗ ହୋଇଆସୁଛି । ଦେଇନପାରିଲେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକର ବିଲ୍ ପାସ୍ କରୁନାହାନ୍ତି । ଯାହାଫଳରେ ପ୍ରାୟ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଗୁଡ଼ିକ ସଂପୂର୍ଣ୍ଣ ଠପ୍ ହୋଇଯାଇଛି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେବା ସହ ତୁରନ୍ତ ତାଙ୍କୁ ଦାୟିତ୍ୱରୁ ହଟାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଯଦି ସଂପୃକ୍ତ ସହକାରୀ ଯନ୍ତ୍ରୀଙ୍କୁ ଦାୟିତ୍ୱରୁ ହଟାନଯାଏ ତେବେ ଆଗାମୀଦିନରେ ଏକ ଜନଆନ୍ଦୋଳନ ଦେଖାଦେବ ବୋଲି ସାଧାରଣରେ ଚର୍ଚ୍ଚା ଆଲୋଚନା ହେଉଛି । ହିନ୍ଦୋଳ ବ୍ଲକରେ ଦୁଇ ଦୁଇଜଣ ସହକାରୀ ଯନ୍ତ୍ରୀ ଥିବା ସତ୍ତ୍ୱେ ପୂର୍ବରୁ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିବା ଜନୈକ ସହକାରୀ ଯନ୍ତ୍ରୀଙ୍କୁ କିଏ କେଉଁ ଉଦ୍ଦେଶ୍ୟରେ ଦାୟିତ୍ୱ ହସ୍ତାନ୍ତର କରିଛି ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ରାଜନଗର,୨୯।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ କୋଇଲିପୁର ପଞ୍ଚାୟତର ଜଣେ ମହିଳାଙ୍କୁ ତାଙ୍କଠାରୁ କମ ବୟସର ଯୁବକ ତାଙ୍କୁ ଅସଦାଚରଣ କରିଥିବା ନେଇ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ସଂପୃକ୍ତ ମହିଳାଙ୍କ ସ୍ୱାମୀ ବାହାରେ ରହୁଥିବାରୁ ଏହାର ସୁଯୋଗ ନେଇ ଯୁବକ ଜଣକ ତାଙ୍କୁ ଅସଦାଚରଣ କରିଥିଲେ । ରାଜନଗର ପୁଲିସ ୨୦୪/୨୫ରେ ମାମଲା ରୁଜୁ କରିବା ସହ ସଂପୃକ୍ତ ମହିଳାଙ୍କୁ ଡାକ୍ତରୀ ମାଇନା କରାଇଛି । ଅପରପକ୍ଷରେ ଯୁବକ ଜଣକ ଫେରାର ହୋଇଯାଇଛି ।

## ବିଦ୍ୟୁତ୍ ସଂଯୋଗ ଅନୁମତି ପାଇଁ ଦାବିପତ୍ର



**ତାଲଚେର,୨୯।୭/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ ହେଂସମୂଳ ଗ୍ରାମ ସହରସାହିକୁ ନୂତନ ବିଦ୍ୟୁତ୍ ସଂଯୋଗ ଅନୁମତି ଦେବା ପାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଭାଘର ଠାରେ ଆୟୋଜିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାପାଳ ମହମଦ୍ ଅବଦଲ ଅଖତରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ହେଂସମୂଳ ଗ୍ରାମ ସହରସାହିଟି ସ୍ଥାୟୀ ବାସିନ୍ଦା ହୋଇଥିବାରୁ ଭୁବନେଶ୍ୱରୀ କୋଇଲା ଖଣି ଦ୍ୱାରା ଅଧିଗ୍ରହଣ ହୋଇଛି । ଦୀର୍ଘ ୫୦ ବର୍ଷ ହେବ ଗ୍ରାମବାସୀମାନେ ସେଠାରେ ବସବାସ କରିଆସୁଅଛନ୍ତି । ସେମାନଙ୍କର ସ୍ଥାୟୀ ଭୂମି ପଟ୍ଟା ନାହିଁ । ଭୂମିହୀନ ହୋଇଥିବାରୁ କୋଇଲା ଖଣି କର୍ତ୍ତୃପକ୍ଷ ନଗଦ ଆକାରରେ କ୍ଷତିପୂରଣ ଲାଭ ପ୍ରଦାନ କରିଥିଲେ । ଗତ ୨/୩ ବର୍ଷ ହେଲା ସେମାନେ ମୌଜା ଜିଳିଣ୍ଡାରେ ସରକାରୀ ଜମିରେ ରହୁଅଛନ୍ତି । କିନ୍ତୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି ବୋଲି ଉଲ୍ଲେଖ କରାଯାଇଛି । ସମାଜସେବୀ ସଞ୍ଜୟ ଜାଲଙ୍କ ନେତୃତ୍ୱରେ ଗ୍ରାମ ସଭାପତି ପ୍ରାଣବନ୍ଧୁ ବେହେରା, କବି ବେହେରା, ଦୁଃଶାସନ ଦେହୁରୀ, ଚତୁର୍ଭୁଜ ବେହେରା, ରୀନା ଖଟୁଆ, ମମତା ନାହାକ, ଡଲି ବେହେରା, ସୁକାନ୍ତି ଖଟୁଆ, ଗୀତା ବେହେରା, ପୁଟି ବେହେରା, ଯଶୋବନ୍ତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ୪ ୱାରେଣ୍ଟି ଗିରଫ

**କୁଆଖିଆ,୨୯।୭/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ଯାବରା ଗ୍ରାମର ପ୍ରଶାନ୍ତ ବେହେରା ବାପା ବାଇଧର, ଦେବବ୍ରତ ବେହେରା ବାପା କ୍ଷେତ୍ରବାସୀ, ଧନେଶ୍ୱର ବେହେରା ବାପା ପଦନ ବେହେରାଙ୍କୁ କୁଆଖିଆ ପୁଲିସ କେଶ ନଂ ୩୮୭/୨୦ ମସିହା ୱାରେଣ୍ଟିରେ ଆଜି ଗିରଫ କରାଯାଇଛି । ସେହିପରି ଗୋପୀନାଥପୁର ଗ୍ରାମର ଅନ୍ତରୀକ୍ଷ ପଟ୍ଟନାୟକ ଚେକ୍‌ବାଉନ୍ସ ମାମଲା ୱାରେଣ୍ଟିରେ ଗିରଫ ହୋଇଛନ୍ତି । ଏହି ୪ ଜଣଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି ।

## ରାସ୍ତା ଅବସ୍ଥା ଶୋଚନୀୟ

**ରାଜନଗର,୨୯।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ ହାତିନା ପଞ୍ଚାୟତ କଏଥା ଦଳିତବସ୍ତିରେ ଥିବା ରାସ୍ତା ଅବସ୍ଥା ବର୍ଷାରେ ବେହାଲ ହୋଇପଡିଛି । ଘରୁ ବାହାରିବା ସେମାନଙ୍କୁ କଷ୍ଟକର ହେଉଛି । ମଙ୍ଗଳବାର ସେମାନେ ରାଜନଗର ବିଡିଓ ଅନିରୁଦ୍ଧ ବେହେରାଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏହି ବସ୍ତିରେ ୭୦ଟି ପରିବାର ରହୁଛନ୍ତି । ସେମାନଙ୍କ ବସ୍ତିଦେଇ ଗ୍ରାମ୍ୟ ଉନ୍ନୟନ ରାସ୍ତାଯାଏ କଚ୍ଚାରାସ୍ତା ରହିଛି । ବର୍ଷାରେ ଟ୍ରାକ୍ଟର ଯାଇ ଗାଡ ସୃଷ୍ଟି କରିଦେଇଛି । ଏପରିକି ଗାଁ ମୁଣ୍ଡରେ ଥିବା ନଳକୂପରୁ ପିଇବା ପାଣି ଆଣିବା କଷ୍ଟକର ହେଉଛି । ବର୍ଷାଜଳ ଜମିରହିବା ସହ କାଦୁଅ ପଙ୍କରେ ଯିବା ଆସିବା କରିହେଉନାହିଁ । ଏହି ଗ୍ରାମର କାମିନୀ ଯେନା, ଚୁମୁକି ଯେନା, ସାନ୍ତିଲତା ଯେନା, କୌଶଲ୍ୟା ଦାସ, ପୁଷ୍ପଲତା ନାୟକ, ପାର୍ବତୀ ଦାସ, କବିତା ଦାସ, ରଞ୍ଜିତା ଯେନା, ରେଖା ଯେନା,ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ମହିଳାମାନେ ବ୍ଲକ ପରିସରକୁ ଆସି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି ।

# ଚଳିତ ଖରିଫ୍‌ରେ ୧୦୦୮୧୫ ହେକ୍ଟର୍ ଜମିରେ କୃଷି କାର୍ଯ୍ୟ



**ଜଗତ୍‌ସିଂହପୁର,୨୯।୭/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭା ଗୃହ ଠାରେ ଜିଲ୍ଲା କୃଷି ବିଭାଗ ଅନୁକୂଲ୍ୟରେ ଖରିଫ୍ ଋତୁ ୨୦୨୫ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ଯୋଗଦେଇ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ । ଖରିଫ ଋତୁ ୨୦୨୫ରେ ସମସ୍ତ ଫସଲକୁ ମିଶାଇ ମୋଟ ୧୦୦୮୧୫ ହେକ୍ଟର ଜମିରେ କୃଷି କାର୍ଯ୍ୟ ନିର୍ଦ୍ଧାରଣର ଲକ୍ଷ ରଖାଯାଇଛି । ସେଥି ମଧ୍ୟରୁ ୮୯୨୧୦ ହେକ୍ଟର ଜମିରେ ଖାଦ୍ୟଶସ୍ୟ, ୧୭୦ ହେକ୍ଟର ଡାଲି ଜାତୀୟ ଫସଲ, ୯୩୦୦ହେକ୍ଟର ଜମିରେ ପନିପରିବା ଚାଷ, ୧୪୫୦ ହେକ୍ଟର ଜମିରେ ମସଲା ଜାତୀୟ ଫସଲ, ୨୦ହେକ୍ଟର ଜମିରେ ସବୁଜ ଗୋଖାଦ୍ୟ, ୫୯୫ ହେକ୍ଟର ଜମିରେ ଆଖୁ ଚାଷ ନିମନ୍ତେ ଲକ୍ଷ ରଖା ଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ପ୍ରଦାନ କରିଥିଲେ । ଏହା ବ୍ୟତିତ ତାଳଦଣ୍ଡା, ମାଛଗାଁ କେନାଲ, ମହାନଦୀ ବ୍ୟାରେଜ୍ ଡିଭିଜନ, ଉଠା ଜଳ ସେଚନ ପଏଣ୍ଟ, ନଳକୂପ ମାଧ୍ୟନରେ ୭୫୮୨୨ ହେକ୍ଟର ଜମିରେ ଜଳ ସେଚନ ସୁବିଧା ରହିଛି । ୫୨୦୦ କ୍ୱିଣ୍ଟାଲ ଧାନ ବିହନ, ୪୧୨ କ୍ୱିଣ୍ଟାଲ ଧଣୀଚା ମଞ୍ଜି, ୨କ୍ୱିଣ୍ଟାଲ ବିରି ମଞ୍ଜି ପାଇଁ ଇଟେଣ୍ଡର ଦିଆ ଯାଇଛି । ଜିଲ୍ଲାର ଚାଷୀ ମାନଙ୍କୁ ସମବାୟ ଓ ବିଭିନ୍ନ ବ୍ୟାଙ୍କ ଜରିଆରେ ୪୨୨୭୫୫.୯୩ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯିବାର ଲକ୍ଷ ରହିଛି । ଖସଡା ଧାନ ଚାଷ, ଇଣ୍ଟିଗ୍ରେଟେଡ୍ ମାଇକ୍ରୋନିଉଟ୍ରିଏଣ୍ଟ ପରିଚାଳନା, ସିଡ ଭିଲେଜ ପ୍ରୋଗ୍ରାମ, ଇ-ପେଷ୍ଟ, ସରଭେଲାନ୍ସ ମାଧ୍ୟମରେ କୀଟ ଦମନ, ଜୈବସାର, ଭର୍ମିକମ୍ପୋଷ୍ଟ, ମିଲେଟ୍ ମିଶନ, ଟ୍ରାକ୍ଟର ସାହାଯ୍ୟରେ ମଞ୍ଜି ବୁଣା ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆ ଯାଉଛି । ଚଳିତ ବର୍ଷ ୧.୧୦ କ୍ୱିଣ୍ଟାଲ ମାଣ୍ଡିଆ ବିହନ, ୦.୩୦କ୍ୱିଣ୍ଟାଲ ଯୋୱାର, ୦.୧୦କ୍ୱିଣ୍ଟାଲ ବାଜରା ମଞ୍ଜି ଦିଆ ଯାଇଛି । ଚାଷୀ ମାନଙ୍କୁ ୯୯୫୫ କିଲୋ ଏନ୍.ପି.କେ ସାର ଯୋଗାଇ ଦିଆ ଯିବାର ଲକ୍ଷ ରଖା ଯାଇଥିବା ସୂଚନା ପ୍ରଦାନ କରିଥିଲେ । ଏହାବ୍ୟତିତ ଗତ ରବି ଋତୁରେ ଜିଲ୍ଲାରେ ୮୭୬୮୫ ହେକ୍ଟର ଜମିରେ ହାଇବ୍ରିଡ ଧାନ, ମକା, ମୁଗ, ବିରି, କୋଳଥ, ମଟର, ବାଦାମ, ରାଶି ଆଦି ଚାଷ କରା ଯାଇ ଥିଲା । ମୋଟ୍ ୬୮୨୪୧ହେକ୍ଟର ଜମିରେ ଡାଲି ଯାତୀୟ ଫସଲ କରା ଯାଇଥିଲା । ଏହା ବ୍ୟତିତ ସୂର୍ଯ୍ୟମୁଖୀ, ଆଳୁ, ପିଆଜ, ଅନ୍ୟାନ୍ୟ ପନିପରିବା, ଲଙ୍କା, ରସୁଣ, ଧନିଆ, ଆଖୁଚାଷ କରା ଯାଇଥିବା ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲାପାଳ ଜେ ସୋନାଲ ଅଧ୍ୟକ୍ଷତା କରି କୃଷକମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇ ପାରିବେ ସେଥିପ୍ରତି କୃଷି ବିଭାଗର ଅଧିକାରୀମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ସେସବୁ ଯୋଜନା ମଧ୍ୟରେ କୃଷକଙ୍କ ନିମନ୍ତେ ଥିବା ସମସ୍ତ ଯୋଜନା ଓ ସବସିଡ୍ ଯୋଜନାର ବ୍ୟପକ ପ୍ରଚାର ପ୍ରସାର, କୃଷକ ସମ୍ପର୍କରେ ମେଳା, କୃଷି ସଚେତନ କାର୍ଯ୍ୟକ୍ରମ, ଅଡିଓ ଓ ଭିଡିଓ କ୍ଲିପ୍, ୱାଲ ପେଣ୍ଟିଂ ଇତ୍ୟାଦି ହିତାଧିକାରୀଙ୍କ ପାଖରେ ପହଂଚାଇବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ କୃଷି ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ସିଏମ୍ କିଷାନ ଯୋଜନାରେ ଜିଲ୍ଲାର ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ଓ ଚାଷୀଙ୍କୁ ସଠିକ୍ ବିହନ ସଠିକ ସମୟରେ ପ୍ରଦାନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ସମବାୟ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଅର୍ଗାନିକ ଫାର୍ମିଂ ପଣ୍ଡର ସଦୁପେଯାଗ କରିବା ପାଇଁ ଭାରପ୍ରାପ୍ତ ଜିଲ୍ଲାପାଳ କହିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଯୋଗ ଦେଇ, ବାତ୍ୟା ଓ ବନ୍ୟା ପ୍ରବଣ ଏହି ଜିଲ୍ଲାର ତଳିଆ ଅଂଚଳ ମାନଙ୍କରେ ଯେପରି ଅଧିକ ପାଣି ଜମି ନରୁହେ ସେଥି ପ୍ରତି ଦୃଷ୍ଟି ଦେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ବ୍ୟତିତ ବୈଠକରେ ବିହନ ଯୋଗାଣ, ରସାୟନ ସାର, ଫସଲ ସୁରକ୍ଷା, ମୃତିକା ସଂରକ୍ଷଣ, ସୌର ଜଳବିଧି, ଜାତୀୟ ଖାଦ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକଶ ଯୋଜନା, ଉଦ୍ୟାନ କୃଷି ଓ ମୃତିକା ସଂରକ୍ଷଣ ସମ୍ପର୍କରେ ଆଲୋଚନା କରା ଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଲିଡ୍ ବ୍ୟାଙ୍କ ମ୍ୟାନେଜର, ସହକାରୀ ଉଦ୍ୟାନକୃଷି ଉପନିର୍ଦ୍ଦେଶକ ଅନିଲ କୁମାର ସେଠୀ, ମୃତିକା ସଂରକ୍ଷଣ ଅଧିକାରୀ, ତିର୍ତୋଲ ଜିଲ୍ଲା କୃଷି ଅଧିକାରୀ ସୌଭାଗ୍ୟ କୁମାର ମହାନ୍ତି, ଜଗତସିଂହପୁର ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରିୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ରାସ୍ତା ସମସ୍ୟାକୁ ନେଇ ଚକ ଅଖ ବନ୍ଦ



**ତାଲଚେର,୨୯।୭/ଏନ୍‌ଏନ୍‌ଏସ୍:** ତାଳଚେର ଦେଇ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ଗୋଡିବନ୍ଧ ଠାରୁ ବଅଁରପାଳ ପର୍ଯ୍ୟନ୍ତ ଭାୟା ବହ୍ଲର ରାସ୍ତା ଶୋଚନୀୟକୁ ନେଇ ଆଜି ତାଳଚେରରୁ ବସ୍ ଚଳାଚଳ ବନ୍ଦ ରହିଥିଲା । ତାଳଚେର ବସ୍ ମାଲିକ ସଂଘର ସଭାପତି ଇ. ଶ୍ରୀକାନ୍ତ କୁମାର ପାଣିଙ୍କ ନେତୃତ୍ୱରେ ବସ୍ ମାଲିକ ମାନେ ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନାଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ ଏବଂ ଏହି ଆଧାରରେ ଆଜି ବସ୍ ଚଳାଚଳ ବନ୍ଦ ରହିଥିଲା । ଉଲ୍ଲେଖ କରାଯାଇଅଛି ଯେ, ଜାତୀୟ ରାଜପଥ ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବାରୁ ତାଳଚେରରୁ ଯାଉଥିବା ବସ୍ ଗୁଡିକର ସମୟ ସାରଣୀ ଅନୁସାରେ ଚଳାଚଳ କରିପାରୁ ନାହିଁ ଓ ରାସ୍ତା ଅତ୍ୟନ୍ତ ସାଂଘାତିକ ଅବସ୍ଥା ହୋଇପଡ଼ିଥିବାରୁ ବସ୍ ଗୁଡିକର ଯାନ୍ତ୍ରୀକ କ୍ଷତି ହେବା ସଙ୍ଗେ ସଙ୍ଗେ ଦୈନନ୍ଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଅଛି । ଯାହା ଫଳରେ ତାଳଚେର ବସ୍ ଗୁଡିକ ଅନ୍ୟ ଷ୍ଟାଣ୍ଡରେ ସମୟ ସାରଣୀ ଅନୁସାରେ ପହଞ୍ଚି ନପାରିବା, ଅନ୍ୟ ବସଷ୍ଟାଣ୍ଡ ଗୁଡ଼ିକରୁ ଯାତ୍ରୀ ଉଠାଇ ନପାରିବା ହେତୁ ମାଲିକ ମାନଙ୍କର ଆର୍ଥିକ କ୍ଷତି ଘଟୁଅଛି । ଏହାକୁ ସହୃଦୟତାର ସହ ସମାଧାନ ନକରିଲେ ବାଧ ହୋଇ ସଂଘ ପକ୍ଷରୁ ତା୨୯/୦୭/୨୦୨୫ ରିଖ ଠାରୁ ବସ୍ ଗୁଡିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ଲିଖିତ ଭାବେ ଜଣାଇଥିଲେ । ଏହାର ନକଲ ରାଜ୍ୟ ପରିବହନ କମିଶନର, ଜିଲ୍ଲା ଆରକ୍ଷ ଅଧିକ୍ଷକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ତାଳଚେର ଆଞ୍ଚଳିକ ପରିବହନ ଅଧିକାରୀ, ରାଜ୍ୟ ବସ୍ ମାଲିକ ସଂଘ ଏବଂ ତାଳଚେର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପ୍ରତିବାଦ ସଭା

**ମୂଷାଟିକିରି,୨୯।୭/ଏନ୍‌ଏନ୍‌ଏସ୍:** ଯାଜପୁର ଜିଲ୍ଲା,ଚଣ୍ଡୀଖୋଲ ସ୍ଥିତ ବି.ବି ସ୍ୱୟଂ ଚାଳିତ ମହାବିଦ୍ୟାଳୟ ଛାତ୍ର ସଂଗଠନ ପକ୍ଷରୁ ଏଫଏମ କଲେଜ ଛାତ୍ରୀ ସହିଦ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏକ ପ୍ରତିବାଦ ସଭା କଲେଜ କ୍ୟାମ୍ପସ ବାହାରେ ରାଜ୍ୟ ନବନିର୍ମାଣ ଯୁବଛାତ୍ର ସଂଗଠକ ସଂଯୋଜକ ଏମଡି,ମନୱର ଅଲିଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି ।ଆସନ୍ତା ଅଗଷ୍ଟ ମାସ ୪ ତାରିଖରୁ ଆରମ୍ଭ ପଦଯାତ୍ରା ଓ ସତ୍ୟାଗ୍ରହ ବାଲେଶ୍ୱର ଏଫ୍‌ଏମ କଲେଜ ଠାରୁ ବାହାରି ୧୮ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏମଜି ଠାରେ ପହଞ୍ଚିବ ଓ ସମସ୍ତ ଛାତ୍ରଛାତ୍ରୀ ନ୍ୟାୟ ଦାବିରେ ଏହି ପଦଯାତ୍ରାରେ ସାମିଲ ପାଇଁ ଯୁବ-ଛାତ୍ର ସଂଗଠନ ତରଫରୁ ଅମିତ ଜେନା, ରଞ୍ଜିତ ପଟ୍ଟନାୟକ, ଜାହିର ଖାନ, ଅଶ୍ୱିନୀ ଜେନା, ଦିନେଶ ଦାସ, ସ୍ମୃତି ରଞ୍ଜନ ସାମଲ, ପ୍ରମୁଖ କର୍ମକର୍ତ୍ତା ଆହୁତ ଯୁବ ଓ ଛାତ୍ର ସଂଗଠନ ସମାବେଶରେ ଆହ୍ୱାନ ଦେଇ ଅଧ୍ୟାପକ ସମୀର କୁମାର ସାହୁ, ଅଧକ୍ଷ ଦିଲ୍ଲୀପ ଘୋଷଙ୍କୁ କଠୋର ଦଣ୍ଡ ବିଧାନ କରିବା ସହିତ ସେଠାକାର ଆଇଆଇସି,ଏସପି, ଜିଲ୍ଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ଓ ନୈତିକତା ହରାଇଥିବା ସେଠାକାର ବିଧାୟକ,ସାଂସଦଙ୍କ ଠାରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇ,ସୌମ୍ୟାଶ୍ରୀଙ୍କ ଆତ୍ମାଙ୍କୁ ସମ୍ମାନ ଜଣାଇ ପଦଯାତ୍ରା ଓ ସତ୍ୟାଗ୍ରହର ମୂଳମନ୍ତ୍ର ବୋଲି ଛାତ୍ର ସଂଗଠନର କର୍ମକର୍ତ୍ତା ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ରାଜ୍ୟ ନବନିର୍ମାଣ କୃଷକ ସଂଗଠନ ପ୍ରତିଷ୍ଠାତା ଅକ୍ଷୟ କୁମାର ଓ ସଂଯୋଜକ ଶେଷଦେବ ନନ୍ଦ ପ୍ରମୁଖ ଅତିଥି ଗଣ ପ୍ରତିବାଦ ସଭାରେ ଯୋଗଦେଇ ଆତ୍ମହତ୍ୟା ରାସ୍ତା ନୁହେଁ ସଂଘର୍ଷ ହି ଏକମାତ୍ର ବିକଳ୍ପ ର ନାରା ପ୍ରଦାନ କରିଥିଲେ ।

## କମ୍ପାନୀ ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବି



**ପରଜଙ୍ଗ,୨୯।୭/ଏନ୍‌ଏନ୍‌ଏସ୍:** ପରଜଙ୍ଗ ବ୍ଲକ ଦେଇ ଯାଇଥିବା ପଙ୍ଗାତିରା ବଡ଼ କମର ପୂର୍ତ୍ତ ବିଭାଗ ରାସ୍ତାର କନ୍ଦର ସିଂହା ଶିଳ୍ପ ପ୍ରତିଷ୍ଠାନ ପାଖରେ ଲକ୍ଷ୍ମୀ ସିଭିଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡର ରାସ୍ତା ଉପରେ ଛିଡା ହୋଇଥିବା ଗାଡ଼ିରେ ଗତ ରବିବାର ରାତ୍ର ସମୟରେ ବାଡେଇ ହୋଇ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବ୍ୟକ୍ତି ଜଣଙ୍କ ହେଲେ କନ୍ଦର ସିଂହା ପଞ୍ଚାୟତ କଟରା ପଡ଼ା ଗ୍ରାମର ଜୟ ନାୟକଙ୍କ ପୁଅ ନେତ୍ରାନନ୍ଦ ନାୟକ (୩୫) । ତାଙ୍କ ମୃତଦେହ ଡାକ୍ତରଖାନାରୁ ଘରକୁ ଫେରିବା ପରେ ପରିବାର ଲୋକଙ୍କ ସହିତ ଗ୍ରାମବାସୀମାନେ ମିଶି କମ୍ପାନୀ ସମ୍ମୁଖରେ ମୃତଦେହକୁ ରଖି କ୍ଷତିପୂରଣ ଦାବି କରିଛନ୍ତି । ଯାହାକୁ ନେଇ ପୂର୍ତ୍ତ ବିଭାଗ ରାସ୍ତା ୩ ରୁ ୪ ଘଣ୍ଟା ଅବରୋଧ ହୋଇ ରହିଥିଲା ପରଜଙ୍ଗ ପୁଲିସ ଖବର ପାଇ ସୁଶ୍ରୀ ଅନାମିକା, ଦେବଗ୍ରହୀ ମହାନ୍ତି ଓ ଯୁଗୋଳ କୁମାର ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ଘଟଣାସ୍ଥଳରେ ଜଗି ରହିଛନ୍ତି । କମ୍ପାନୀ କର୍ତ୍ତୃପକ୍ଷ ପହଞ୍ଚିଲା ପରେ କଥାବାର୍ତ୍ତା ହୋଇ ସମାଧାନ ବାହାରିବା ପାଇଁ ଲୋକମାନେ ଜିଦ୍ ଧରିଛନ୍ତି ।

**NIGAMANANDA SCIENCE HIGHER SECONDARY SCHOOL , CHARICHHAK,NIMAPADA, PURI**

**WALK-IN-INTERVIEW**

Wanted Junior Lecturers / PGTs (Minimum 55% marks in PG/MCA) and Demonstrators (Minimum 55% marks in B.Sc) in Physics, Chemistry, Mathematics, Botany, Zoology, Odia, English, Computer Science., Marketing Executive, Ladies & Gents warden. Candidates may appear in the interview with Bio data, original and photocopy of certificate and mark sheet three passport size photos on dated 10/08/2025 at 10AM in the college premises.

*Salary not a constraints for deserving candidates.

Contact : 9114304040, 7978684196 PRINCIPAL

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧ ୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org

CAD-1314

ପତ୍ର ସଂଖ୍ୟା-୧୫୧ **ବିଜ୍ଞାପନ** ତା.୧୯.୦୭.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ- ଏଲ.ଆଇ.ଜି-ବି-୧୭ (LIG-B-17), ଦୁମୁଦୁମା, ୫ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମଧୁସ୍ମିତା ରଥ, ସ୍ୱାମୀ-ଶ୍ରୀ ରଘୁନନ୍ଦନ ଷଡ଼ଙ୍ଗୀ, ସା/ପୋ/ଥାନା/ଜିଲ୍ଲା-ନୟାଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମଧୁସ୍ମିତା ରଥ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ଜିତୁରାଣୀ ସାମଲ, ସ୍ୱାମୀ-ଶ୍ରୀ କବିନ୍ଦ୍ର ସାମଲ, ସା-ଭଦ୍ରା, ପୋ/ଥାନା-ବାଲେଶ୍ୱର, ଜିଲ୍ଲା-ବାଲେଶ୍ୱରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବାପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/07802526

**AFFIDAVIT**

By virtue of affidavit before the Executive Magistrate, Berhampur, Ganjam, Odisha, I the undersigned S Pooja W/o- S Subrat permanent resident At/Po:Baxipalli, PS:Gopalpur, Dist:Ganjam,PIN-761002, Odisha declare that I have changed my name from **Pooja S** to **S Pooja**. Henceforth, I shall be known as **S Pooja** for all future purposes.

**AFFIDAVIT**

By virtue of an affidavit sl.no-2316, sworn before the Executive Magistrate, Banpur, dated 03/09/2024, I Rasmita Swain, aged about 34 yrs, W/o - Sarat Swain, resident of Vill-Ankulapadar, Po-Narendrapur, Ps-Banpur, Dist-Khordha, Odisha -752031 declare that in my aadhaar card name mentioned Rasmita Swain whereas in ration card mentioned Sarita Swain. So Rasmita Swain and Sarita swain is one and same person. So I have changed my name from Sarita Swain to Rasmita Swain. Henceforth, I shall be known as Rasmita Swain for all purposes.

**Rasmita Swain**

**AFFIDAVIT**

**I, Debadas Khatai, S/o- Dandapani Khatai, resident of Nachunibadi, PO- Subalaya, PS- Kabi Surya Nagar, Dist- Ganjam state that, my College Leaving Certificate, year- 1999 from Ravenshaw Autonomous College, Cuttack which has been completely destroyed by white ants and there is no chance of its recovery by affidavit Sl. No. 13052, Dt. 29. 07.2025 before the Executive Magistrate, Cuttack.**

**AFFIDAVIT**

By virtue of an Affidavit in the court of the Executive Magistrate, Kendrapara Dt. 24.02.2025 that Ramesh Kumar Malik, aged about 41 years, S/o- Raghunath Malik of Village- Deypur, Po-Ostapur, PS- Kendrapara Sadar, Dist- Kendrapara, Pin-754212 do hereby solemnly affirm and state that my son namely Manas Malik study in Class 9th of Govt. Saraswati High School, Deypur but at the time of publication is aadhar card vide no. 260527060286 issued by Govt. of India is name has been wrongly recorded as Manash Malik instead of Manas Malik, I declared that Manas Malik and Manasa Malik, S/o- Ramesh Malik of aforesaid address is one and same person. The facts stated above are all true. He shall be known as **Manas Malik** for all future purpose.

**OFFICE OF THE MUNICIPAL COUNCIL : SUNDARGARH**

C-764

Tender Call Notice No. 1620, Dt.22.07.2025
COMPETITIVE BIDDING THROUGH e-Procurement

**NOTICE INVITING TENDER**

**Bid Reference No. SNGM-05/2025-26 / Dt. 22.07.2025**

1. Total No. of works for which tenders invited : 10 Nos.
2. Place of Execution : Different locations of Sundargarh Municipality
3. Estimated cost of individual works excluding GST : Rs.2,40,000/- to Rs.18,53,000/-
4. Eligible Class of contractors : Registered Contractors of Class - 'D' to Class - 'C' as indicated against each work mentioned in the tender call notice.
5. Intending bidders have to participate through - "On-Line" bidding only. The website for online bidding is https://www.tendersodisha.gov.in
6. The bid documents will be available in the above website from 11.00 AM of dt.29.07.2025 to 5.00 PM of dt.12.08.2025 for online bidding.
7. Bids received will be opened on e-procurement system at 11.00 AM onwards on dt.13.08.2025.
8. The bidder must possess valid and compatible Digital Signature Certificate (DSC).
9. The DTCN for bid shall be available in the e-procurement portal https://www.tendersodisha.gov.in for on-line bidding.

OIPR-13130/11/0039/2526

Sd/- Executive Officer
Sundargarh Municipality

n-109

**OFFICE OF THE DISTRICT PROJECT CO-ORDINATOR, SAMAGRA SHIKSHA, KHORDHA**

**AT/PO-KHORDHA, DIST-KHORDHA, STATE-ODISHA, PIN-752055**

E-mail : dpckhurdassa.opepa@nic.in, Tel: (06755) 223525

**INVITATION FOR BIDS (IFB)**

**e-Procurement Notice**

**Bid Identification No. 01/CW/SS/2025-26**

**Tender Call Notice No. 2510/28.07.2025**

1. Name of the work : Construction of One no. Additional Class room in col. 2 of Annexure as per DTCN)
2. Total no. of work : 33 Nos. (Percentage Rate)
3. Amount put to tender : As mentioned in col. 3 of Annexure as per DTCN
4. Class of Contractor : As mention in col. 5 of Annexure as per DTCN
5. Period of completion : As mentioned in col.7 of Annexure as per DTCN
6. Bid Security / EMD : As mention in col.4 of Annexure as per DTCN
7. Paper cost : As mention in col.6 of Annexure as per DTCN
8. Other details :

| Tender inviting Authority | Bid Identification No. | Availability of tender online for Bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| District Project Co-ordinator, S.S. Khordha | 01/CW/SS/2025-26 | 3.00 PM of 04.08.2025 | 5.00 PM of 19.08.2025 | 5.00 PM of 16.08.2025 | 11.00 AM of 20.08.2025 |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website https://tendersodisha.gov.in

OIPR-27101/11/0007/2526

Sd/- District Project Co-ordinator
S.S, Khordha

## ପ୍ରଥମ ପୃଷ୍ଠାରୁ

### ଆକାଂକ୍ଷୀ ଜିଲ୍ଲାରେ ପୂରଣ ...

ଏବଂ ୧୬ଟି ଜିଲ୍ଲାର ୨୯ଟି ବ୍ଲକ୍‌ରେ ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ (ଏବିପି) କାର୍ଯ୍ୟକାରୀ ହେଉଛି। ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ, ସାରା ଭାରତବର୍ଷର ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ୍‌ଗୁଡ଼ିକରେ ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ କାର୍ଯ୍ୟକାରୀ କରାଯାଇଛି।ଉତ୍କର୍ଷ ପ୍ରଦର୍ଶନ ପାଇଁ ପୁରସ୍କୃତ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ରାଜ୍ୟ ନିମନ୍ତେ ଗୌରବର ବିଷୟ ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ସମସ୍ତ ଆକାଂକ୍ଷୀ ଜିଲ୍ଲାଗୁଡ଼ିକ କ୍ରମାଗତ ଭାବେ ବିଭିନ୍ନ କ୍ଷେତ୍ରରେ ଶୀର୍ଷ ସ୍ଥାନ ଅଧିକାର କରୁଛନ୍ତି। ରାଜ୍ୟର ୧୦ ଜିଲ୍ଲା ସାମୂହିକ ଭାବେ ୧୬୫ କୋଟି ଟଙ୍କା ପୁରସ୍କାର ପାଇବାରେ ସଫଳ ହୋଇଛନ୍ତି। ଯେଉଁ ଜିଲ୍ଲାଗୁଡ଼ିକ ଆଶାନୁରୂପ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି, ସେମାନେ ନିରାଶ ନହୋଇ ଆହୁରି ଅଧିକ କଠିନ ପରିଶ୍ରମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଆସପିରେସ୍‌ନାଲ୍ ଜିଲ୍ଲା ଓ ବ୍ଲକଗୁଡ଼ିକ ପାଇଁ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ଆଜି ପ୍ରଦାନ କରିଛନ୍ତି। ଆସପିରେସ୍‌ନାଲ୍ ଜିଲ୍ଲାମାନଙ୍କ ମଧ୍ୟରୁ ମାଲକାନଗିରି ଓ ନବରଙ୍ଗପୁର ସ୍ୱର୍ଣ୍ଣପଦକ, କନ୍ଧମାଳ ଓ କୋରାପୁଟ ରୌପ୍ୟପଦକ ଏବଂ ଢେଙ୍କାନାଳ, ଗଜପତି, କଳାହାଣ୍ଡି ଓ ନୂଆପଡ଼ା କାଂସ୍ୟପଦକ ହାସଲ କରିଛନ୍ତି। ସେହିପରି ଆସପିରେସ୍‌ନାଲ୍ ବ୍ଲକ୍ କାର୍ଯ୍ୟକ୍ରମରେ ଖୈରପୁଟ, ମାଥିଲି, ଚିତ୍ରକୋଣ୍ଡା ଓ ଡାବୁଗାଁ -ଏହି ଚାରିଟି ବ୍ଲକ୍ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟ ୭ ବ୍ଲକ ରୌପ୍ୟପଦକ ଏବଂ ୩ ବ୍ଲକ କାଂସ୍ୟପଦକ ଏବଂ ୧୧ ବ୍ଲକ ତାମ୍ରପଦକ ପାଇଛନ୍ତି। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସମସ୍ତଙ୍କୁ ନେଇ ଟିମ୍ ୱାର୍କ କରିବା ଏକ ବହୁତ ବଡ଼ ଉପଲବ୍ଧି। ଜିଲ୍ଲାରେ ଗ୍ରୋଥ୍ କରିବାର ମାନସିକତା ସହିତ କାମ କରିବା ହିଁ ପ୍ରକୃତ କାର୍ଯ୍ୟ ଦକ୍ଷତା। ସମସ୍ତ ଆକାଂକ୍ଷୀ ଜିଲ୍ଲା ଓ ବ୍ଲକ୍ ଆଜି ନିଜର କାର୍ଯ୍ୟ ଦକ୍ଷତା ଦେଖାଇ ପୁରସ୍କୃତ ହେଉଛନ୍ତି ଏହା ଜାଣି ଅନେକ ଖୁସି ଲାଗୁଛି ଏବଂ ଏହା ହିଁ ଆଉ ଟିମ୍ ୱାର୍କର ଲକ୍ଷଣ ବୋଲି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇ କହିଥିଲେ, ଏହି ଅସ୍ପିରେସ୍‌ନାଲ୍ ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ମାଧ୍ୟମରେ ଦୁର୍ଗମରୁ ଅତିଦୁର୍ଗମ ଅଞ୍ଚଳରେ ପହଞ୍ଚି ଯୋଜନା କାର୍ଯ୍ୟକାରୀ କରାଯାଇପାରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲରେ ଏହି ଯୋଜନା ସହାୟକ ହେବ। ଆସନ୍ତୁ ଆମେ ସମସ୍ତେ ମିଳିମିଶି ସମସ୍ତ ଜନକଲ୍ୟାଣକାରୀ ଯୋଜନା କିପରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିପାରିବ ସେ ଦିଗରେ କାର୍ଯ୍ୟକରିବା। ପରିଶେଷରେ ଯୋଜନା ଏବଂ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଟି. ଆଓ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆକାଂକ୍ଷୀ ଜିଲ୍ଲାର ଜିଲ୍ଲାପାଳ ଓ ବିଡିଓମାନେ ଉପସ୍ଥିତ ଥିଲେ।

### ଅଗଷ୍ଟ ୨୯ରୁ ଏସ୍‌ସି ଏସ୍‌ଟି ...

ଓ ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ବାଚସ୍ପତି ଓଡ଼ିଶାକୁ ଏଭଳି ଏକ ମର୍ଯ୍ୟାଦାଜନକ ଜାତୀୟ ସମ୍ମିଳନୀର ଆୟୋଜନ ପାଇଁ ସୁଯୋଗ ଦେଇଥିବାରୁ ଲୋକସଭାର ବାଚସ୍ପତିଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରିଥିଲେ। ସେ କହିଥିଲେ ଯେ କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେବେ। ଓଡ଼ିଶା 'ଅତିଥି ଦେବୋ ଭବଃ' ନୀତିକୁ ସବୁବେଳେ ପ୍ରାଥମିକତା ଦେଇଥାଏ। ଏଣୁ ଏଥିରେ ଯୋଗଦେବାକୁ ଥିବା ଅତିଥିମାନଙ୍କ ଚର୍ଚ୍ଚାରେ ଯେପରି କୌଣସି ତ୍ରୁଟି ନ ରହେ ତାହା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀ ପରେ ଅତିଥିମାନେ ପୁରୀ ଓ କୋଣାର୍କ ପରିଦର୍ଶନ କରିବେ। ଏହିସବୁ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ତଦାରଖ କରିବା ପାଇଁ ଲୋକସଭାର ନିର୍ଦ୍ଦେଶକ ଡ. ଯମ୍‌ନାମ୍ ଅରୁଣ କୁମାରଙ୍କ ସହ ଏକ ଉଚ୍ଚସ୍ତରୀୟ ଅଧିକାରୀ କମିଟି ଓଡ଼ିଶା ଗସ୍ତରେ ଅଛନ୍ତି। ପ୍ରସ୍ତୁତି ବୈଠକରେ କମିଶନରେଟ୍ ପୁଲିସ, ସଂସଦୀୟ ବ୍ୟାପାର ବିଭାଗ, ଗୃହ ବିଭାଗ, ଅର୍ଥ ବିଭାଗ, ପର୍ଯ୍ୟଟନ ବିଭାଗ, ପୂର୍ତ୍ତ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗର ବରିଷ୍ଠ ଅଧିକାରୀ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ୧୮ କାଉଡ଼ିଆ ମୃତ, ୨୦ ...

ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଦୁର୍ଘଟଣାର କାରଣ ଅତ୍ୟଧିକ ବେଗ ଓ ଚାଳକଙ୍କ ଅସାବଧାନତା ହୋଇପାରେ ବୋଲି ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ଅଧିକାରୀମାନେ ଅତି କମ୍‌ରେ ୯ଜଣଙ୍କ ମୃତ୍ୟୁକୁ ନିଶ୍ଚିତ କରିଥିବା ବେଳେ, ବିଜେପି ସାଂସଦ ନିଶିକାନ୍ତ ଦୁବେ କିନ୍ତୁ ଦାବି କରିଛନ୍ତି ଯେ ମୃତକଙ୍କ ସଂଖ୍ୟା ୧୮ରେ ପହଞ୍ଚିଛି। ତେବେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ସ୍ଥାନୀୟ ବାସିନ୍ଦାମାନେ ପ୍ରଥମେ ମୋହନପୁର ପୁଲିସ୍ ଷ୍ଟେସନ୍ ପ୍ରଭାରୀ ପ୍ରିୟରଞ୍ଜନଙ୍କୁ ସୂଚନା ଦେଇଥିଲେ, ଯିଏ ତାଙ୍କ ଦଳ ସହିତ ଘଟଣାସ୍ଥଳରେ ପହଞ୍ଚି ବ୍ଲକ ବିକାଶ ଅଧିକାରୀଙ୍କୁ ଜଣାଇଥିଲେ। ଆହତମାନଙ୍କୁ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ମୋହନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)କୁ ନିଆଯାଇଥିଲା, ଏବଂ ପରେ ଅଧିକ ଚିକିତ୍ସା ପାଇଁ ଦେଓଘର ସଦର ହସ୍ପିଟାଲ୍‌କୁ ପଠାଯାଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନକୁ ଆହତମାନଙ୍କ ପାଇଁ ଚିକିତ୍ସା ସୁବିଧା ସହିତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୋଗାଇଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବାବା ବୈଦ୍ୟନାଥ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଭକ୍ତଙ୍କ ଆତ୍ମାକୁ ଶାନ୍ତି ଦିଅନ୍ତୁ ଏବଂ ଶୋକସନ୍ତପ୍ତ ପରିବାରକୁ ଏହି ଦୁଃଖଦ ମୁହୂର୍ତ୍ତକୁ ସହ୍ୟ କରିବା ପାଇଁ ଶକ୍ତି ଦିଅନ୍ତୁ ବୋଲି ସେ କହିଛନ୍ତି।

### ୨୪ ଘଣ୍ଟାରେ ୫ ଜିଲ୍ଲାକୁ ...

ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ଏସବୁ ଜିଲ୍ଲାରେ ଝଟକା ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ। ଆସନ୍ତାକାଲି ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପ୍ରବଳ ବଜ୍ରପାତ ପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୱାର୍ଣ୍ଣିଂ ହୋଇଥିବା ଜିଲ୍ଲାଗୁଡିକରେ ୩୦-୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ମୌସୁମୀ ବାୟୁ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ଏବଂ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଗତି କରୁଛି। ଆଜି ପର୍ଯ୍ୟନ୍ତ ରାଜ୍ୟରେ ୫୯୬.୯ ମିଲିମିଟର ବର୍ଷା ରେକର୍ଡ ହୋଇଛି ଯାହା ସ୍ୱାଭାବିକ ବର୍ଷା ୫୨୬.୪ ମିଲିମିଟର ଠାରୁ ୧୩ % ଅଧିକ। ଏହି ସମୟ ମଧ୍ୟରେ ୧ ଜିଲ୍ଲାରେ ଅତି ଅତିରିକ୍ତ, ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍‌ବର୍ଷା ରେକର୍ଡ କରାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିରେ ୩୫.୦ ଡିଗ୍ରୀ ଓ ସର୍ବନିମ୍ନ ଫୁଲବାଣୀରେ ୨୦.୦ ଡିଗ୍ରୀ ରେକର୍ଡ କରାଯାଇଛି।

### ଶ୍ରୀମନ୍ଦିର ଭିତରେ ହିଡେନ୍ ...

ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀମନ୍ଦିରକୁ ହିଡେନ୍ କ୍ୟାମେରା ନେଇ ଯୁବକଙ୍କ ପ୍ରବେଶ ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ସିଂହଦ୍ୱାର ଥାନା ପୁଲିସ ପଚରାଉଚରା କରିବା ସହିତ ନୋଟିସ୍ ଦେଇ ଛାଡ଼ି ଦେଇଛି। ତେବେ ଘଟଣାର ତଦନ୍ତ ଜାରି ରହିଛି। ତଦନ୍ତ ରିପୋର୍ଟ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁରୀର ଅତିରିକ୍ତ ଏସ୍‌ପି ଶୁଶିଲ କୁମାର ମିଶ୍ର ସୂଚନା ଦେଇଥିଲେ।

### ୨୨ ମିନିଟ୍‌ରେ ନେଇଛୁ ...

ଭାରତର ପକ୍ଷ ଦେଖି ପାରୁନାହାନ୍ତି, ସେମାନଙ୍କୁ ଆଇନା ଦେଖାଇବା ପାଇଁ ଛିଡ଼ା ହୋଇଛନ୍ତି ବୋଲି ମୋଦୀ କହିଛନ୍ତି। ନିଜର ୧ଘଣ୍ଟା ୪୦ମିନିଟ୍ ଅବଧିର ଭାଷଣ ଅବସରରେ ମୋଦୀ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ ପହଲଗାମ୍ ଘଟଣାରେ ଭାରତ କେବଳ ଅପରେସନ୍ ସିନ୍ଦୂର ପର୍ଯ୍ୟନ୍ତ ସୀମିତ ରହିନାହିଁ ବରଂ ପାକିସ୍ତାନ ବିପକ୍ଷରେ ସିନ୍ଧୁଜଳ ଚୁକ୍ତି ଭଳି ଅନେକ କୂଟନୈତିକ ନିଷ୍ପତ୍ତି ନେଇଛି ଯାହା ପାକିସ୍ତାନକୁ ବିକଳ ସ୍ଥିତିରେ ପକାଇଦେଇଛି। ପ୍ରଧାନମନ୍ତ୍ରୀ ମୋଦୀ ଗୃହରେ ଉପସ୍ଥିତ ସମସ୍ତ ବିରୋଧୀ ତଥା ଦଳୀୟ ସାଂସଦଙ୍କୁ ସୂଚନା ଦେଇ କହିଛନ୍ତି ଯେ ୨୨ ଏପ୍ରିଲ୍‌ରେ ପହଲଗାମରେ ଆତଙ୍କବାଦୀମାନେ ନିରୀହ ଲୋକଙ୍କୁ ସେମାନଙ୍କ ଧର୍ମ ପଚାରି ଗୁଳି ମାରିଥିଲେ। ଏହା ଆତଙ୍କବାଦର ନିର୍ମମତାର ଚରମ ସୀମା ଥିଲା। ଭାରତ ମଧ୍ୟ ଏହାର ଦୃଢ଼ ଜବାବ ଦେବାକୁ ଶପଥ ନେଇଥିଲା। ଦେଶବାସୀଙ୍କ ଏକତା ଏବଂ ସେନାର ସାମର୍ଥ୍ୟରୁ ସୃଷ୍ଟି ହୋଇଥିଲା ଅପରେସନ୍ ସିନ୍ଦୂର। ସେନାକୁ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ୨୨ ଏପ୍ରିଲ୍ ଘଟଣାକୁ ଦୃଷ୍ଟିରେ ରଖି ପରେ ସେନାକୁ କାର୍ଯ୍ୟାନୁଷ୍ଠାନର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ସେନାବାହିନୀ ହିଁ ନିଷ୍ପତ୍ତି ନେଇଥିଲେ କେବେ, କେଉଁଠାରେ ଓ କିପରି ଜବାବ ଦେବେ। ପହଲଗାମ୍ ଘଟଣା ପରେ ପାକିସ୍ତାନ ମଧ୍ୟ ଏତେମାତ୍ରାରେ ଭୟଭୀତ ହୋଇପଡ଼ିଥିଲା ଯେ ଏହା ଭାରତକୁ ପରମାଣୁ ଆକ୍ରମଣର ଧମକ ମଧ୍ୟ ଦେଇଥିଲା। କିନ୍ତୁ ଭାରତ ପରମାଣୁ ଆକ୍ରମଣ ଧମକ ଆଗରେ ମୁଣ୍ଡ ନୁଆଁଇନଥିଲା ଏବଂ ପ୍ରଚଣ୍ଡ ଆକ୍ରମଣ କରିଥିଲା। ଆତଙ୍କବାଦୀମାନଙ୍କୁ ଏଭଳି ଶାସ୍ତି ଦିଆଯାଇଛି ଯେ ସେମାନଙ୍କ ପାଳନକର୍ତ୍ତା ଏବଂ ଭାଗ୍ୟ ବିଧାତାଙ୍କ ନିଦ ହଜିଯାଇଛି। ଅପରେସନ୍ ସିନ୍ଦୂର' ପରିପ୍ରେକ୍ଷୀରେ ୧୬୦ରୁ ଊର୍ଦ୍ଧ୍ୱ ଦେଶ ଭାରତକୁ ସମର୍ଥନ କରିଛନ୍ତି ବୋଲି ମୋଦୀ କହିଛନ୍ତି। ତେବେ ଅପରେସନ୍ ସିନ୍ଦୂର ସମୟରେ ଦେଶବାସୀଙ୍କ ସମର୍ଥନ ଓ ଆଶୀର୍ବାଦ ପାଇଁ ସେ ସର୍ବଦା ଋଣୀ ରହିବେ ବୋଲି କହିବାକୁ ମୋଦୀ ଭୁଲିନାହାନ୍ତି। ତେବେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ଅନ୍ୟ ବିରୋଧୀ ସାଂସଦଙ୍କ ଅନେକ ପ୍ରଶ୍ନର ଉତ୍ତର ମୋଦୀ ସିଧାସଳଖ ନଦେଇ ଡିପ୍ଲୋମାଟିକ୍ ଉତ୍ତର ଦେବା ଦେଖିବାକୁ ମିଳିଥିଲା। ରାହୁଲ କହିଥିଲେ ସାହସ ଅଛି ଯଦି ମୋଦୀ ସିଧାସିଧା କୁହନ୍ତୁ ଯେ ପାକିସ୍ତାନ ସହ ଅସ୍ତ୍ରବିରତି ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମିଛ କହୁଛନ୍ତି। ଏହାର ଜବାବରେ ମୋଦୀ ଉତ୍ତର ଦେଇଥିଲେ ଯେ, ବିଶ୍ୱର କୌଣସି ଦେଶ ଅସ୍ତ୍ରବିରତି ପାଇଁ ଭାରତ ଉପରେ ଚାପ ପକାଇବାକୁ ସାହସ କରିନଥିଲେ କିମ୍ବା ଭାରତ କେଉଁ ଦେଶର ଚାପରେ ଆସି ଅସ୍ତ୍ରବିରତି କରିନାହିଁ। ମୋଦୀ ଦୋହରାଇଥିଲେ ଯେ ପାକିସ୍ତାନ ସେନାର ଡିଜିଏମ୍‌ଓ ସ୍ତରୀୟ ଅଧିକାରୀମାନେ ଏକାଧିକ ଥର ଫୋନ୍ କରି ଅସ୍ତ୍ରବିରତି ପାଇଁ ଗୁହାରି କରିଥିଲେ। ଭାରତ ମଧ୍ୟ ନିଜ ଲକ୍ଷ୍ୟ ସାଧନ କରିସାରିଥିବାରୁ ଏହା ଉପରେ ବିଚାର କରିଥିଲା ଏବଂ ଅସ୍ତ୍ରବିରତି ପାଇଁ ସହମତ ହୋଇଥିଲା। ସେହିପରି ରାହୁଲ କହିଥିଲେ ଯେ ପାକିସ୍ତାନକୁ ଅନ୍ତର୍ଜାତୀୟସ୍ତରରେ ସମର୍ଥନ ମିଳିଥିଲା। ଜବାବରେ ମୋଦୀ କହିଥିଲେ ଯେ ବିଶ୍ୱର ୧୯୬ଟି ଦେଶ ମଧ୍ୟରୁ କେବଳ ୩ଟି ଦେଶ ପାକିସ୍ତାନ ସପକ୍ଷରେ ମତ ଦେଇଥିଲେ, କିନ୍ତୁ ଭାରତ ପ୍ରତି ୧୬୦ରୁ ଊର୍ଦ୍ଧ୍ୱ ଦେଶ ସମର୍ଥନ ବ୍ୟକ୍ତ କରିଥିଲେ। ସେହିପରି ଭାରତୀୟ ସେନାର ଯୁଦ୍ଧ ବିମାନ ଖସିଥିବା ସମ୍ପର୍କରେ ଅନ୍ତର୍ଜାତୀୟ ଗଣମାଧ୍ୟମରେ ଯେଉଁ ଚର୍ଚ୍ଚା ହେଉଛି ସେ ସମ୍ପର୍କିତ ରାହୁଲଙ୍କ ପ୍ରଶ୍ନ ଉପରେ ପ୍ରଧାନମନ୍ତ୍ରୀ କିଛି ବି କହିନଥିଲେ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ପରେ ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ମଧ୍ୟ ନିଜ ଭାଷଣ ରଖିଥିଲେ। ଶାହ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଶାହ କହିଥିଲେ ଯେ ଯେଉଁ କଂଗ୍ରେସ ଆଜି ପିଓକେ କଥା ଉଠାଉଛି ସେହି କଂଗ୍ରେସ ହିଁ ପିଓକେ ପାଇଁ ଦାୟୀ। ଇତିହାସ ଏହାର ସାକ୍ଷୀ ହୋଇ ରହିଛି। ନେହରୁଙ୍କ ସମୟରୁ ହିଁ ଭାରତ ପାକିସ୍ତାନ ମଧ୍ୟରେ ପିଓକେ ବିବାଦୀୟ ପ୍ରସଙ୍ଗ ହୋଇ ଉଭା ହୋଇଥିଲା। ସେହିପରି ଦିନକ ପୂର୍ବେ ଭାରତୀୟ ସେନାର ଏନ୍‌କାଉଣ୍ଟର୍‌ରେ ପ୍ରାଣ ହରାଇଥିବା ୩ ଆତଙ୍କବାଦୀଙ୍କ ସମ୍ପର୍କରେ ବିରୋଧୀ ଦଳଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି ଶାହ। ଶାହ କହିଛନ୍ତି, ପହଲଗାମ୍ ଘଟଣାରେ ସମ୍ପୃକ୍ତ ଏହି ୩ ଆତଙ୍କବାଦୀଙ୍କୁ ସେନା ଖୋଜିବା ଜାରି ରଖିଥିଲା। ସୁଚିନ୍ତିତ ଯୋଜନା କ୍ରମେ ସେମାନଙ୍କୁ ନିପାତ କରାଯାଇଛି। ପହଲଗାମ୍ ଘଟଣାର ୩ ମାସ ମଧ୍ୟରେ ଏମାନଙ୍କୁ ନିପାତ କରିବା ଭାରତୀୟ ସେନାର ସାମର୍ଥ୍ୟ ପ୍ରତିପାଦିତ କରୁଛି। ଯେତେବେଳେ ଏମାନେ ଲୁଚି ରହିଥିଲେ ସେତେବେଳେ ବିରୋଧୀ ଦଳ ପ୍ରଶ୍ନ କରୁଥିଲେ ଆଜି ପର୍ଯ୍ୟନ୍ତ କାହିଁକି ଆତଙ୍କବାଦୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ, ଆଉ ଆଜି ଯେତେବେଳେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ସେତେବେଳେ ମଧ୍ୟ ବିରୋଧୀ ପ୍ରଶ୍ନ କରୁଛନ୍ତି ଯେ, ସଂସଦରେ ଆଲୋଚନା ଚାଲିଥିବା ବେଳେ ଏହି ଆତଙ୍କବାଦୀଙ୍କୁ ସେନା କିପରି ଏନ୍‌କାଉଣ୍ଟର କରିପାରିଲା। ବିରୋଧୀଙ୍କ ଚରିତ୍ର ହେଉଛି ସେନାର ସାମର୍ଥ୍ୟ ଉପରେ ପ୍ରଶ୍ନ ଉଠାଇବା। ଏହାର କୌଣସି ଉତ୍ତର କିମ୍ବା ସମାଧାନ ନାହିଁ ବୋଲି ଶାହ କହିଛନ୍ତି।

# ଶେଷରେ ସୂର୍ଯ୍ୟମନ୍ଦିର ପ୍ରବେଶପଥରୁ ହଟିଲା ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍

**କୋଣାର୍କ,୨୯/୭/ଏନ୍‌ଏନ୍‌ଏସ୍:** ସୂର୍ଯ୍ୟମନ୍ଦିର ସମ୍ମୁଖରେ ନିର୍ମାଣ କରାଯାଉଥିବା ଟେନସାଇଲ୍ ଫାବ୍ରିକ୍ ସେଡ କୁ ସ୍ଥାନୀୟ କେତେକ ଗୋଷ୍ଠୀଙ୍କ ବିରୋଧକୁ ନଜରରେ ରଖି ଶେଷରେ ଗତ ମଙ୍ଗଳବାର ବିଳମ୍ବିତ ରାତିରେ ଏଏସଆଇ ପକ୍ଷରୁ ଏହାକୁ ଖୋଲିଦିଆଯାଇଛି।

ଦେଶ ବିଦେଶ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ଟେନସାଇଲ୍ ଫାବ୍ରିକ୍ ସେଡ୍‌କୁ ମନ୍ଦିର ସମ୍ମୁଖ ରେ ଥିବା ଟିକେଟ କାଉଣ୍ଟର ଓ ପିଇବା ପାଣି ନିକଟରେ ଏହାକୁ ସ୍ଥାପିତ କରାଯିବ ବୋଲି ଏଏସ୍‌ଆଇର ପୁରୀ ସର୍କଲ ସୁପେରିଟେଣ୍ଡେଣ୍ଟ ଡକ୍ଟର ଡିବି ଗଡନାୟକ ସୂଚନା ଦେଇଛନ୍ତି। ସୂଚନାଥାଉ କି ବିଶ୍ୱଐତିହ୍ୟ ସୂର୍ଯ୍ୟମନ୍ଦିରକୁ ପ୍ରବେଶ ପାଇଁ ପ୍ରତିଦିନ ଦେଶ ବିଦେଶର ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଖରା ବର୍ଷାରେ ଟିକେଟ ଧରି ଲମ୍ବା ଧାଡିରେ ସୁରକ୍ଷିତ ଭାବେ ଧାଡିରେ ଠିଆ ହୋଇ ସୂର୍ଯ୍ୟମନ୍ଦିରକୁ ସ୍ୱତନ୍ତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନ୍ ୧୦ଗୋଟି ଟର୍ଣ୍ଣଷ୍ଟାଇଲି ପ୍ରବେଶ ଗେଟ୍ ମାଧ୍ୟମରେ ପ୍ରବେଶ କରିବାପାଇଁ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ୪୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୂର୍ଯ୍ୟମନ୍ଦିର ସମ୍ମୁଖରେ ୩୦ମିଟର ଲମ୍ବା ଓ ୧୧ମିଟର ଚଉଡା ସହ ୫.୫ଫୁଟ ଉଚ୍ଚତା ବିଶିଷ୍ଟ ଟେନ୍‌ସାଇଲ୍ ଫାବ୍ରିକ୍ ସେଡ୍ ଗତ କିଛି ଦିନ ହେବ ନିର୍ମାଣ କରାଯାଇଥିଲା। ମାତ୍ର ଏହାକୁ ସ୍ଥାନୀୟ କେତେକ ଗୋଷ୍ଠୀ ସୂର୍ଯ୍ୟମନ୍ଦିରର ବାହାରର ସୌନ୍ଦର୍ଯ୍ୟ କମିଯିବା ଅଭିଯୋଗ କରି ବିରୋଧ କରିବାରୁ ତୁରନ୍ତ ହଟାଇବାକୁ ନିଷ୍ପତ୍ତି ନିଆଯାଇଥିଲା।



# ସ୍କୁଲ୍ ଗେଟ୍‌ରେ ତାଲାପକାଇ ଧାରଣା



**ବାରଙ୍ଗ,୨୯/୭/ଏନ୍‌ଏନ୍‌ଏସ୍:** ବାରଙ୍ଗ ବ୍ଲକ ରତାଗଡ଼ ସରକାରୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଜଗନ୍ନାଥ ମାରାଣ୍ଡିଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଯାହାକୁ ନେଇ ଗ୍ରାମବାସୀ ଓ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୩ ମସିହାରେ ଜଗନ୍ନାଥ ମାରଣ୍ଡି ଯୋଗଦାନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭଲ ମନ୍ଦ ବୁଝି ସେ କ୍ରମାଗତ ଭାବରେ ଶିକ୍ଷାଦାନ କରିଆସୁଥିଲେ। ଯେଉଁଥି ପାଇଁ ସେ ପିଲାମାନଙ୍କର ପ୍ରିୟ ହୋଇପାରିଥିଲେ। ପୁଣିଥରେ ବିଦ୍ୟାଳୟକୁ ଫେରାଇ ଆଣିବାକୁ ଦାବିନେଇ ମଙ୍ଗଳବାର ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାର ଶୀଘ୍ର ସମାଧାନ ନିମନ୍ତେ ଉପରିସ୍ଥ ଅଧିକାରୀ ଓ ବିଇଓ କହିବା ପରେ ୧୨ଟା ସମୟରେ ଛାତ୍ରଛାତ୍ରୀମାନେ ଗେଟ୍ ଖୋଲି ବିଦ୍ୟାଳୟ ଭିତରକୁ ପ୍ରବେଶ କରିଥିଲେ। ସାନମୁଣ୍ଡଳୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ପାଣ୍ଡବ ବେହେରା, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀଙ୍କ ବଦଳିକୁ ନେଇ ଛାତ୍ରଛାତ୍ରୀମାନେ ଧାରଣାରେ ବସି ରହିଥିଲେ।

# କଦଳୀବନ୍ଧ ବିଦ୍ୟାଳୟରେ ବୃକ୍ଷରୋପଣ

## ଗଛ ଲଗାଇଲେ ତହସିଲଦାର୍

**ଓଡ଼ଗାଁ,୨୯/୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟ କଦଳୀବନ୍ଧରେ ମଙ୍ଗଳବାର 'ମାଆ ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲିକ, ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ସାହୁ, ଖେଳମଣିଷ ଦିବାକର ନାୟକ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା,ବିଜ୍ଞାପିତ ଅଞ୍ଚଳ ପରିଷଦର କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ସାହୁ, ବନରକ୍ଷୀ ସୌମ୍ୟରଂଜନ ଦଳେଇ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ନରେଶ ପାଣିଗ୍ରାହୀ, ଯଶୋବନ୍ତ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ମହାପାତ୍ର, ଗଣେଶ୍ୱର ସାହୁ, ସାରସ କୁମାର ମିଶ୍ର, ରାମକୃଷ୍ଣ ପରିଡା, ଫକିର ମହାରଣା ଏବଂ ଯୁବସଂଗଠକ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ସମସ୍ତ ଛାତ୍ରାଭିଭାବକ, ଛାତ୍ରଛାତ୍ରୀ ମାନଙ୍କ ଗହଣରେ ବିଦ୍ୟାଳୟ ହତାମଧ୍ୟରେ ଆମ୍ବ, ନଡ଼ିଆ, ପିଜୁଳି, ଚମ୍ପା, ବଉଳ, ଅମୃତଭଣ୍ଡା, ସଜନା, ଜାମୁ, କରମଙ୍ଗା, ଅଶୋକ, କଦଳୀ ଇତ୍ୟାଦି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପରିବେଶ ସଫାସୁତୁରା, ମଧ୍ୟାହ୍ନ ଭୋଜନ ବଗିଚା, ଛାତ୍ରଛାତ୍ରୀଙ୍କ ବ୍ୟବହାର ଦେଖି ଅତିଥିମାନେ ବହୁତ ଖୁସିବ୍ୟକ୍ତ କରିଥିଲେ। ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ତଥା ରାଜ୍ୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ରଞ୍ଜନ କୁମାର ଦାଶ ଓ ଶିକ୍ଷୟିତ୍ରୀ ରିତା ପଣ୍ଡା ବିଦ୍ୟାଳୟରେ ଲଗାଯାଇଥିବା ଗଛର ଯତ୍ନନେବା, ପିଲାମାନଙ୍କୁ ମୋବାଇଲ ରୂପକ ସୈତାନ ଠାରୁ ଦୂରେଇ ରଖିବା, ପଲିଥିନର ବ୍ୟବହାର ନକରିବା ପାଇଁ ଶପଥପାଠ କରାଇଥିଲେ। ଜରିମୁଣାର ବ୍ୟବହାର ନକରିବା ପାଇଁ ବିଦ୍ୟାଳୟ ତରଫରୁ ଅତିଥି ମାନଙ୍କୁ ଗୋଟିଏ ଲେଖାଏଁ ସୁତୁଲିବ୍ୟାଗ୍ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବୃକ୍ଷର ଯତ୍ନ ନେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଓ କଲମ ପୁରସ୍କାର ଦିଆଯାଇଥିଲା।




# ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**ଜଟଣୀ,୨୯/୭/ଏନ୍‌ଏନ୍‌ଏସ୍:** ଜଟଣୀ ଥାନା ଅନ୍ତର୍ଗତ ଗ୍ୟାସ ଫ୍ୟାକ୍ଟ୍ରି ରାସ୍ତାରେ ଥିବା ତାରିଣୀ ମନ୍ଦିର ନିକଟ ମଧୁସୂଦନ ନଗରରେ ନିଜର ବାସଭବନରେ ରୁବି ବିବି ନାମକ ୩୭ ବର୍ଷୀୟ ମହିଳା ପାରିବାରିକ କଳହ କାରଣରୁ ଘର କବାଟ ବନ୍ଦ କରି ନିଜ ଦେହରେ କିସରାସିନି ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ। ସୂଚନା ମୁତାବକ ମହିଳା ଜଣକ ପାରିବାରିକ କଳହ କାରଣରୁ ନିଜ ଦେହରେ କିରିସିନ୍ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ ସମୟରେ ମହିଳା ଜଣକର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଅଗ୍ନିଶ୍ରମ ବାହିନୀ ଏବଂ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ଜଳନ୍ତା ଅବସ୍ଥାରେ ଉଦ୍ଧାର କରି ସଙ୍ଗେ ସଙ୍ଗେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ସଙ୍ଗେ ସଙ୍ଗେ ସେମାନେ ଭୁବନେଶ୍ୱର ସ୍ଥିତ ଏମ୍ସ ମେଡିକାଲକୁ ରେଫର କରିଥିଲେ। ଜଟଣୀ ପୋଲିସ ଏହି ଘଟଣାର ଅଧିକ ତଦନ୍ତ ଚଳାଉଥିବା ପ୍ରକାଶ ପାଇଛି।

# ମହିଳାଙ୍କ ବେକରୁ ସୁନା ଚେନ୍ ଛଡ଼ାଇ ଜେଲ୍‌ଗଲେ ଯୁବକ

**ଜଟଣୀ,୨୯/୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ଟ୍ରାଫିକ କଲୋନୀ କ୍ୱାଟର ନଂ ଡି.୧୭/ସି ନିକଟରେ ଥିବା ଫୁଲ ତୋଳୁଥିବା ସମୟରେ ମହିଳାଙ୍କ ବେକରୁ ହୋଇଛି ସୁନା ଚେନ ଛିନ୍‌ତାଇ। ସୂଚନା ମୁତାବକ ଟ୍ରାଫିକ କଲୋନୀ କ୍ୱାର୍ଟର ନିକଟରେ ଥିବା ଫୁଲ ଗଛରୁ ସକାଳ ୯ ଘଟିକା ସମୟରେ ସାରଦାମଣି ସାହୁ ପୂଜା ନିମନ୍ତେ ଫୁଲ ତୋଳୁଥିବା ସମୟରେ ନିଶାସକ୍ତ ଅଭିଯୁକ୍ତ ସିମାଞ୍ଚଳ ବାରିକ ଓରଫ କୁଇନ ହଠାତ ଆସି ବେକରୁ ସୁନା ଚେନ ଛିଡାଇ ମହିଳାଙ୍କୁ ଧକା ପକାଇ ଦୌଡ଼ି ପଳାଇଥିଲେ। ଏହି ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ମହିଳାଙ୍କ ପୁଅ ରବୀନ୍ଦ୍ର କୁମାର ସାହୁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ କ୍ଷ ଅଭିଯୋଗକୁ ଆଧାର କରି ପୁଲିସ ଏହି ଘଟଣାର ତଦନ୍ତକରି ବିଶେଷ ସୂତ୍ରରୁ ଖବର ପାଇ ଅଚାନକ ଚଢ଼ାଉକରି ସ୍ଥାନୀୟ ଲୋକକଲୋନୀସ୍ଥିତ ସାଇ ବାବା ମନ୍ଦିର ନିକଟରୁ କାବୁ କରି ଥାନାକୁ ଆଣି ପଚାରିବାରୁ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲା। ପୁଲିସ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ଗଞ୍ଜେଇ ଜବତ, ବେପାରୀ ଗିରଫ

**ମୁଣ୍ଡମୁହାଣ,୨୯/୭/ଏନ୍‌ଏନ୍‌ଏସ୍:** ତମାଣ୍ଡୋ ଥାନାର ଏସ.ଆଇ ଉମାକାନ୍ତ ସାହୁଙ୍କ ରିପୋର୍ଟ ଆଧାରରେ, ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଶଙ୍କର୍ଷଣ ପାଇକରାୟଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ସୋମବାର ରାତି ପ୍ରାୟ ୯ଟା ସମୟରେ ତମାଣ୍ଡୋ ଥାନାଧିକାରୀ, କଳିଙ୍ଗ ବିହାରର ଡିଏନ ମଲର ପଛ ପାର୍ଶ୍ୱରେ ଏକ ଜରି ବ୍ୟାଗରେ ଚୋରା ଗଞ୍ଜେଇ ନେଇ ବିକ୍ରି କରିବାକୁ ଅପେକ୍ଷା କରିଥିବା ଜଣେ ବ୍ୟକ୍ତି ବିଷୟରେ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇଥିଲେ। ନିର୍ଦ୍ଦେଶକ୍ରମେ ଏସ.ଆଇ ଉମାକାନ୍ତ ସାହୁ ତାଙ୍କର ଟୀମଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିବା ପରେ, ଅଭିଯୁକ୍ତ ଶଙ୍କର୍ଷଣଙ୍କୁ, ଏକ ଜରି ବ୍ୟାଗ ସହିତ ଏକ ପାନ ଦୋକାନ ନିକଟରୁ ଗିରଫ କରିଥିଲେ। ତଲାସି ସମୟରେ ଅଭିଯୁକ୍ତଙ୍କ ହେପାଜତରୁ ୧.୧୦୦ କିଲୋଗ୍ରାମ ଓଜନର ଗଞ୍ଜେଇ ଥିବା ଏକ ଧଳା ବ୍ୟାଗ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତଙ୍କ ଜେରା ସମୟରେ, ସେ ଗତ ଦୁଇ ମାସ ଧରି ଏପରି ଚୋରା ଦ୍ରବ୍ୟ ବ୍ୟବସାୟ କରିଆସୁଥିବା ନେଇ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି।

# ବୃହତ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମରେ ମନ୍ଥରତା

**ନୟାଗଡ଼,୨୯/୭/ଏନ୍‌ଏନ୍‌ଏସ୍:** ନୟାଗଡ଼କୁ ପାନୀୟ ଜଳ ଯୋଗାଣକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ବସୁଧା ଓ ଜଳ ଜୀବନ ମିସନ ଜରିଆରେ ୬ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏଥିପାଇଁ ପ୍ରାୟ ୧୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମାତ୍ର ଏହି ପ୍ରକଳ୍ପର ମନ୍ଥରା ନେଇ ସମସ୍ତେ ଏବେ ଦ୍ୱନ୍ଦ୍ୱରେ ଅଛନ୍ତି। ଅବଧି ପରେ ଅବଧି ଗଡ଼ି ଚାଲୁଥିଲେ ମଧ୍ୟଏହି ପ୍ରକଳ୍ପଗୁଡ଼ିକ ଶେଷ ହୋଇପାରୁନାହିଁ।

ଚଳିତ ବର୍ଷ ଶେଷ ସୁଦ୍ଧା ଗୋଟିଏ ପ୍ରକଳ୍ପ ଓ ବାକି ୫ଟା ଆସନ୍ତା ୨୦୨୬ରେ ଶେଷ ହେବ ବୋଲି ପାନୀୟ ଜଳ ଓ ପରିମଳ ବିଭାଗ ଆର୍‌ଡବ୍ଲୁଏସ୍‌ଏସ୍ ପକ୍ଷରୁ କୁହାଯାଉଥିଲେ ମଧ୍ୟ ଏହାକୁ ନେଇ ଏବେ ବି ଆଶଙ୍କା ରହିଛି।ଜିଲ୍ଲାର ସବୁଠାରୁ ବୃହତ ମେଗା ପାନୀୟଜଳ ପ୍ରକଳ୍ପ ଖଣ୍ଡପଡ଼ା ବ୍ଲକ୍‌ରେ ନିର୍ମାଣ କରାଯାଉଛି। ଏଥିପାଇଁ ୬୦୩,୪୪ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ବସୁଧା ଯୋଜନାରେ ନିର୍ମାଣ ହେଉଥିବା ଏହି ପ୍ରକଳ୍ପ ଯୋଗୁ ନୟାଗଡ଼, ଖଣ୍ଡପଡ଼ା, ନୂଆଗାଁ ଓ ଭାପୁର ବ୍ଲକ୍‌ର ୭୯ଟି ପଞ୍ଚାୟତର ୪୯୮ଟି ଗାଁ ଉପକୃତ ହେବେ ବୋଲି ଆକଳନ କରାଯାଉଛି। ୨୦୧୯ମସିହାରେ ଏହି ପ୍ରକଳ୍ପ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୨୧ ଡିସେମ୍ବର ୫ ତାରିଖରେ ଏହା ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଇତି ମଧ୍ୟରେ ଦୁଇଟି ଅବଧି ପରିବର୍ଦ୍ଧିତ ହୋଇ ସମୟସୀମା ଶେଷ ହୋଇଥିଲେ ସୁଦ୍ଧା ପ୍ରକଳ୍ପଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ ଓ ବିଭିନ୍ନ ସମସ୍ୟାରେ ଏହି ପ୍ରକଳ୍ପଟି ରହିଥିଲେ ମଧ୍ୟ ଚଳିତବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକ୍ଷମ ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଜଳ ଜୀବନ ମିସନ ଅଧୀନରେ ଓଡ଼ଗାଁରେ ଆଉ ଏକ ପ୍ରକଳ୍ପ ତିଆରି ଚାଲିଛି। ଏହା ଦ୍ୱାରା ଓଡ଼ଗାଁର ୩୬ ଓ ରଣପୁର ବ୍ଲକ୍‌ର ୬ଟିକୁ ମିଶାଇ ମୋଟ୍ ୪୨ଟି ପଞ୍ଚାୟତ ଉପକୃତ ହେବା ସେଥିପାଇଁ ୨୩୬.୬୭ କୋଟି ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଛି। ୨୫୧.୮୭ କୋଟି ଟଙ୍କା ବ୍ୟୟରେ ରଣପୁର ବ୍ଲକ୍‌ର ୩୧ ପଞ୍ଚାୟତକୁ ପିଇବା ପାଣି ଯୋଗାଇ ଦିଆଯିବ ଏହି ପ୍ରକଳ୍ପ ଦୁଇଟିକୁ ଆସନ୍ତା ୨୦୨୬ ଜୁନ୍ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୯୭.୬୬ କୋଟି ଟଙ୍କାରେ ଗଣିଆ ବ୍ଲକ୍‌ରେ ୮ଟି ପଞ୍ଚାୟତକୁ ପିଇବା ପାଣି ଯୋଗାଇଦେବା ପାଇଁ ଆଉ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି। ଦଶପଲ୍ଲା ବ୍ଲକର ୨୦ଟି ପଞ୍ଚାୟତକୁ ପାଣି ଯୋଗାଇ ଦେବା ପାଇଁ ୨୪୨.୭୨ କୋଟି ଟଙ୍କା ବ୍ୟୟରେ ପ୍ରକଳ୍ପ ତିଆରି କରାଯାଉଛି। ନୂଆଗାଁ ବ୍ଲକରେ ୧୪୪.୩୩ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୪ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ତିନି ପ୍ରକଳ୍ପ ୨୦୨୩ ମାର୍ଚ୍ଚ ୧୫ ତାରିଖରେ ଆରମ୍ଭହୋଇଥିବା ବେଳେ ୨୦୨୫ ମାର୍ଚ୍ଚ ସୁଦ୍ଧା ଶେଷ କରାଯିବ ବୋଲି କୁହାଯାଇଥିଲେ ମଧ୍ୟ ଏହା ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ସଦୃଶ ହୋଇଛି।

## ଆଜିର ଇତିହାସ

- ୧୮୮୬-ପ୍ରସିଦ୍ଧ ମହିଳା ଚିକିତ୍ସକ, ସାମାଜିକ କାର୍ଯ୍ୟକର୍ତ୍ତା ଓ ପଦ୍ମଭୂଷଣ ମୁଥୁ ଲକ୍ଷ୍ମୀଙ୍କ ଜନ୍ମଦିନ।
- ୧୯୨୩-ବିଂଶ ଶତାବ୍ଦୀର ଜଣାଶୁଣା ଚିନ୍ତକ, ସଂସ୍କୃତଜ୍ଞ ତଥା ସୌନ୍ଦର୍ଯ୍ୟଶାସ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ପାଣ୍ଡେଙ୍କ ଜନ୍ମଦିନ।
- ୨୦୦୪-ଭାରତ-ପାକିସ୍ତାନ ମଧ୍ୟରେ ତୁଲବୁଲ୍ ପରିଯୋଜନା ଉପରେ କଥାବାର୍ତ୍ତା ହୋଇଥିଲା।
- ୨୦୧୨-ଆନ୍ଧ୍ରପ୍ରଦେଶରେ ଏକ ରେଳଗାଡ଼ିରେ ନିଆଁ ଲାଗିବାରୁ ୩୨ ଜଣ ଲୋକଙ୍କର ମୃତ୍ୟୁ ହେବା ସହିତ ୨୭ ଜଣ ଆଘାତପ୍ରାପ୍ତ ହୋଇଥିଲେ।
- ୨୦୧୨-ଦେଶରେ ପାୱାର ଗ୍ରିଡ୍ ଖରାପ ହେବା କାରଣରୁ ୩୦କୋଟି ଲୋକଙ୍କୁ ବିଜୁଳି ବିନା ରହିବାକୁ ପଡ଼ିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ପରିଶ୍ରମ କରିବାକୁ ପଡ଼ିବ। ଆର୍ଥିକ ପ୍ରୟାସ ଉପରେ ଧ୍ୟାନ ଦେବେ। ପ୍ରଲୋଭନରେ ପଡ଼ିବେ ନାହିଁ। ପରିବାର ସଦସ୍ୟଙ୍କ ଠାରୁ କଟୁ ବଚନ ଶୁଣିବେ। ଯୋଜନା ପ୍ରସ୍ତୁତ କରିବେ।

**ବୃଷ** - ମିଶ୍ରିତ ଫଳ ପ୍ରାପ୍ତି ହେବ। କୌଣସି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ସମ୍ମିଳିତ ହେବେ। ଭାବୁକ ହୋଇ ନିର୍ଣ୍ଣୟ ନେଲେ ଭଲ ନୁହେଁ। ଛୋଟ ପିଲାଙ୍କ ସହିତ ମଉଜମସ୍ତି କରିବେ। ଧନ ସମ୍ବନ୍ଧୀୟ ସମସ୍ୟା ଦୂର ହେବ।

**ମିଥୁନ** - ବାତାବରଣ ଆଜି ଆନନ୍ଦମୟ ହେବ। କାମ ଗପ ପାଇଁ ଟେନ୍‌ସନ୍ ରହିବ। ବାହନର ପ୍ରୟୋଗ ସାବଧାନ ହୋଇ କରିବେ। ଖର୍ଚ୍ଚ ବଢ଼ିବ। ଦାୟିତ୍ୱରେ ଢିଲା କରିବେ ନାହିଁ। ଆଜି ଧୋକା ହୋଇପାରେ।

**କର୍କଟ** - ସାମାଜିକ କ୍ଷେତ୍ରରେ କାର୍ଯ୍ୟରତ ଲୋକମାନଙ୍କ ପାଇଁ ଦିନଟି ଉତ୍ତମ। ମନରେ କାମକୁ ନେଇ ଟେନ୍‌ସନ୍ ରହିବ। କୌଣସି ପଦ ପ୍ରାପ୍ତି ହୋଇପାରେ। ପାରିବାରିକ ସମ୍ପର୍କ ଖୁବ୍ ଭଲ ରହିବ।

**ସିଂହ** - ଦିନଟି ଆନନ୍ଦମୟ ରହିବ। ଅତିଥିଙ୍କ ଆଗମନ ହୋଇପାରେ। ମନର ଇଚ୍ଛା ପୂରା ହୋଇପାରେ। ଅନ୍ୟର ଲୋକଙ୍କ ଉପରେ ଭରସା ନକଲେ ଭଲ। ପ୍ରେମୀମାନେ ପ୍ରୀତିଭୋଜନ ପାଇଁ ଯାଇପାରନ୍ତି।

**କନ୍ୟା** - ରଚନାତ୍ମକ କାର୍ଯ୍ୟ ସହିତ ଜଡ଼ିତ ହୋଇ ରହିବେ। କିଛି ନୂଆ ଲୋକଙ୍କ ସହିତ ସମ୍ପର୍କ ବଢ଼ିବ। କ୍ୟାରିୟରରେ ଲାଭ ମିଳିବ। ପରିବାରରେ ଏକଜୁଟତା ରହିବ। ସମୟ ଥାଉ ଥାଉ ପ୍ରତିଜ୍ଞା ପୂରା କରିବେ।

**ତୁଳା** - ବ୍ୟବସାୟୀମାନେ ସାବଧାନ ରହିବେ। ଜାଗୁଡ଼ୀ ମାମଲାରୁ ମୁକ୍ତି ମିଳିବ। ବାତାବରଣ ଆନନ୍ଦମୟ ରହିବ। ପାରିବାରିକ ସମ୍ପର୍କ ମଜଭୁତ ରହିବ। ଶତ୍ରୁପକ୍ଷଙ୍କ ପ୍ରତି ସାବଧାନ ରହିବେ।

**ବିଛା** - ଧାର୍ କରନ୍ତୁ ନାହିଁ। ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ବଜାୟ ରଖିବେ। କୌଣସି ବଡ଼ ନିବେଶ କରିଲେ କ୍ଷତି ସହିବେ। ଭାଗୀଦାରୀ କାମ ନକଲେ ଭଲ। ଭାଇ-ଭଉଣୀଙ୍କ ସାଥ୍ ପାଇବେ।

**ଧନୁ** - ଧନଲାଭ ବୃଦ୍ଧି ଯୋଗ ଅଛି। ଚାକିରି ପରିବର୍ତ୍ତନ କରିପାରନ୍ତି। ମିତ୍ରଙ୍କ ସହିତ ସାକ୍ଷାତ ଆନନ୍ଦ ଦେବ। ସନ୍ତାନଙ୍କୁ ଦାୟିତ୍ୱ ଦେବେ କ୍ଷତି ସହିବେ। ଶାନ୍ତିରେ ପାଇଁ କାମରେ ଭୁଲ୍ କରିବେ।

**ମକର** - କୌଣସି ବଡ଼ ଲକ୍ଷ୍ୟକୁ ପୂରା କରିବେ। ନିକଟ ସମ୍ପର୍କୀୟଙ୍କ ସହିତ ତାଳମେଳ ରଖା କରିବେ। ଦୂର ଯାତ୍ରାରେ ଯାଇପାରନ୍ତି। ସାଥୀ ସହିତ ସାକ୍ଷାତ ହୋଇପାରେ। ଭାଇ-ଭଉଣୀଙ୍କ ସହଯୋଗ ପାଇବେ।

**କୁମ୍ଭ** - ଆଜି ଉର୍ଜାବାନ ରହିବେ। ଅନେକଗୁଡ଼ିଏ କାମ ହାତକୁ ଆସିପାରେ। ସମସ୍ୟାକୁ ନେଇ କଥାବାର୍ତ୍ତା ହେବେ। କାମକୁ ନେଇ ଭ୍ରମଣ କରିପାରନ୍ତି। ଯୋଜନା ପ୍ରସ୍ତୁତ କରି ଆଗକୁ ବଢ଼ିବେ।

**ମୀନ** - ଔଦ୍ୟୋଗିକ କ୍ଷେତ୍ରରେ ଲୋକପ୍ରିୟ ହେବେ। ଟିମ୍ ୱର୍କ କରିଆରେ ଖୁବ୍ ନାମ କମେଇବେ। ସନ୍ତାନ ମନ ଲଗେଇ କାମ କରିବେ। ନୂଆ କାମ କରିବାର ଇଚ୍ଛା ଜାଗ୍ରତ ହେବ।


## ଶ୍ରୀମଦ୍ ଭଗବଦ୍‌ଗୀତା



ଅନେକବକ୍ତ୍ରନୟନମନେକାଦ୍ଭୁତଦର୍ଶନମ୍।
ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍। (୧୧/୧୦)
ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍।
ସର୍ବାଶ୍ଚର୍ଯ୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍। (୧୧/୧୧)

ସେହି ଐଶ୍ୱରିକ ରୂପରେ ଅନେକ ମୁଖ, ଅନେକ ନେତ୍ର, ଅନେକ ଅଦ୍ଭୁତ ଦର୍ଶନୀୟ ବସ୍ତୁ, ଅନେକ ଦିବ୍ୟ ଅଳଙ୍କାର ଓ ଅନେକ ସଜ୍ଜିତ ଦିବ୍ୟାସ୍ତ୍ର ବିଦ୍ୟମାନ।
ସେହି ବିଶ୍ୱରୂପ ଦିବ୍ୟମାଲ୍ୟ ଓ ଦିବ୍ୟବସ୍ତ୍ର ଦ୍ୱାରା ସୁଶୋଭିତ। ଦିବ୍ୟଗନ୍ଧ ଦ୍ୱାରା ଅନୁଲିପ୍ତ। ଅତି ଅଦ୍ଭୁତ ଦୀପ୍ତିଶାଳୀ ଓ ସର୍ବତ୍ର ମୁଖବିଶିଷ୍ଟ ଦୃଶ୍ୟମାନ ହେଉଥିଲା।
ଶ୍ରୀ ରାମକୃଷ୍ଣ କହନ୍ତି - ମହାପୁରୁଷମାନେ ଭକ୍ତିର ଅଞ୍ଜନ ନେତ୍ରବିନ୍ଦୁରେ ଲେପନ କରିଥାନ୍ତି। ଶ୍ରୀମତୀ ରାଧା ତାଙ୍କର ସଖୀମାନଙ୍କୁ ଏକଦା କହିଥିଲେ ଯେ ସେ ଯେଉଁଆଡକୁ ଚାହାନ୍ତି, ଦେଖନ୍ତି କେବଳ ଶ୍ରୀକୃଷ୍ଣଙ୍କୁ। ଏ କଥା ଶୁଣି ତାଙ୍କର ସଖୀମାନେ କହିଲେ - ଯେହେତୁ ତୁମର ନେତ୍ରବିନ୍ଦୁ ଭକ୍ତିର ଦିବ୍ୟ ଅଞ୍ଜନ ଦ୍ୱାରା ଅଭିଷିକ୍ତ, ସେଥିପାଇଁ ତୁମେ ତୁମର ପ୍ରିୟ ଶ୍ରୀକୃଷ୍ଣଙ୍କୁ ଏପରି ଭାବରେ ଦେଖିପାରୁଛ।

# ଲଞ୍ଚ୍ ହେବ ନୂଆ ଉପଗ୍ରହ



ଇସ୍ରୋ ଓ ନାସାର ସଂଯୁକ୍ତ ମିଶନ, ନାସା-ଇସ୍ରୋ ସିନ୍ଥେଟିକ୍ ଆପେର୍ଚ୍ୟୋର୍ ରାଡାର (ନିସାର)କୁ ଆଜି ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ୍ ଅନ୍ତରୀକ୍ଷ କେନ୍ଦ୍ରରୁ ଲଞ୍ଚ୍ କରାଯିବାର ଯୋଜନା ରହିଛି। ଦେଶରେ ନିର୍ମିତ ଜିଏସ୍ଏଲ୍‌ଭି-ଏଫ୍୧୬ ରକେଟ୍ ଜରିଆରେ ଏହାକୁ ଅନ୍ତରୀକ୍ଷକୁ ପଠାଯିବ। ଏହି ଆଧୁନିକ ରାଡାର ଉପଗ୍ରହଟିକୁ ୭୪୦ କି.ମି ଉଚ୍ଚରେ ସ୍ଥାପିତ କରାଯିବ। ବାଦଲ ଓ ବର୍ଷା ସତ୍ତ୍ୱେ ବି ଏହା ୨୪ ଘଣ୍ଟା ପୃଥିବୀର ଫଟୋ ଉଠେଇପାରିବ। ଭୂସ୍ଖଳନ, ବିପର୍ଯ୍ୟୟ ପ୍ରବନ୍ଧନ ଓ ଜଳବାୟୁ ପରିବର୍ତ୍ତନ ଉପରେ ମଧ୍ୟ ଦୃଷ୍ଟି ରଖିପାରିବ ଏହି ଉପଗ୍ରହ। ତେବେ ଏହି ଉପଗ୍ରହ କେବଳ ଯେ ଭାରତ, ଆମେରିକା ପାଇଁ ଲାଭଦାୟକ ପ୍ରମାଣିତ ହେବ ତାହା ନୁହେଁ ପୂରା ଦୁନିଆ ପାଇଁ ମଧ୍ୟ ଲାଭକାରୀ ସାବ୍ୟସ୍ତ ହେବ ବୋଲି ଇସ୍ରୋର ଅଧ୍ୟକ୍ଷ କହିଛନ୍ତି। ଏହା ପୂର୍ବରୁ ୨୬ ଜାନୁଆରୀରେ ୧.୫ କି.ଗ୍ରା ଓଜନ ସହିତ ଲଞ୍ଚ କରାଯାଇଥିବା ଆଦିତ୍ୟ ଏଲ୍୧ ଉପଗ୍ରହ ସୂର୍ଯ୍ୟଙ୍କ ସମ୍ପର୍କରେ ତଥ୍ୟ ଦେଉଛି ଯେଉଁଗୁଡ଼ିକ ଉପରେ ବୈଜ୍ଞାନିକ ବିଶ୍ଳେଷଣ କରାଯାଉଛି। ଇସ୍ରୋ କେବଳ ତାମିଲନାଡୁ, କେରଳ ବା ଉତ୍ତର ଭାରତର ରାଜ୍ୟଗୁଡ଼ିକ ପାଇଁ ଅଲଗା ଅଲଗା ଭାବରେ କାମ ନକରି ପୂରା ଦେଶର ଆବଶ୍ୟକତା ଉପରେ ଅଧ୍ୟୟନ କରିଥାଏ। ଡିସେମ୍ବରରେ ଏକ ମାନବରହିତ ମିଶନ ଅନ୍ତରୀକ୍ଷକୁ ପଠାଯିବ। ଯଦି ଏହା ସଫଳ ରହିବ ତେବେ ଆସନ୍ତା ବର୍ଷ ଆଉ ଦୁଇଟି ମାନବରହିତ ମିଶନ ପଠାଯିବାର ଯୋଜନା ରହିଛି। ଏହାପରେ ୨୦୨୭ରେ ମାନବଯୁକ୍ତ ମିଶନ ଲଞ୍ଚ୍ କରାଯିବ।
ଇସ୍ରୋର ଅଧ୍ୟକ୍ଷ 'ଚନ୍ଦ୍ରଯାନ-୪' ମିଶନକୁ ନେଇ ମଧ୍ୟ ଉତ୍ସାହ ପ୍ରକାଶ କରିଛନ୍ତି। ଏହି ମିଶନ ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ସେଠାରୁ ନମୁନା ଆଣିବ। ଏହାକୁ ସଫଳ କରିବା ପାଇଁ ଇସ୍ରୋ ସମ୍ପୂର୍ଣ୍ଣ ଭାବରେ ପ୍ରତିବଦ୍ଧ ହୋଇ ରହିଛି।

# କଫି ଓ ବ୍ଲଡ୍ ସୁଗାର୍



ଦୁନିଆର ଲକ୍ଷାଧିକ ଲୋକଙ୍କ ପରି ଏକ କପ୍ କଫିରୁ ଆପଣଙ୍କର ସକାଳ ଆରମ୍ଭ ହେଉଛି କି ? କିମ୍ବା ଦିନସାରା କାମ ବୋଝରୁ ମୁକ୍ତି ପାଇବା ପାଇଁ କଫି ବ୍ରେକ୍ ନେଉଛନ୍ତି କି ? କଫି କେବଳ ଏକ ପାନୀୟ ନୁହେଁ ଅନେକ ଲୋକଙ୍କ ପାଇଁ ଏହା ଏନର୍ଜିର ସୋର୍ସ। ଦିନସାରା କ୍ଳାନ୍ତି ଦୂର କରିବାର ଏକ ଉପାୟ। କିନ୍ତୁ ଏହି ପସନ୍ଦଯୋଗ୍ୟ ପାନୀୟ ଆପଣଙ୍କ ବ୍ଲଡ୍ ସୁଗାର ଉପରେ କ'ଣ ପ୍ରଭାବ ପକଉଛି ସେ ବିଷୟରେ ଜାଣିଛନ୍ତି କି ?
କିଛି ଅଧ୍ୟୟନ ଅନୁସାରେ କଫିରେ ଥିବା କ୍ୟାଫିନ୍ କିଛି ସମୟ ପାଇଁ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରେ। କାରଣ କଫି ଚାପ ସୃଷ୍ଟି କରୁଥିବା ହର୍ମୋନ୍ ଆଡ୍ରେନାଲାଇନ୍‌କୁ ବୃଦ୍ଧି କରାଏ ଯାହା କୋଷିକାଗୁଡ଼ିକର ସୁଗାର୍ ସ୍ତରକୁ ପ୍ରୋସେସ୍ କରିବାର କ୍ଷମତାକୁ ଅସ୍ଥାୟୀ ଭାବରେ କମ୍ କରିଥାନ୍ତି। ଏହା ଇନ୍‌ସୁଲିନ୍ ସେନ୍ସିଟିଭିଟିକୁ ମଧ୍ୟ ପ୍ରଭାବିତ କରିପାରେ। ଏହାର ଅର୍ଥ କୋଷିକାଗୁଡ଼ିକ ଇନ୍‌ସୁଲିନ୍ ହର୍ମୋନ୍ ପ୍ରତି ସେତିକି ଭଲ ପ୍ରତିକ୍ରିୟା ଦିଅନ୍ତି ନାହିଁ ଯେତିକି ଦେବା ଉଚିତ। କଫିରେ କେବଳ କ୍ୟାଫିନ୍ ନଥାଏ ଅନ୍ୟ ବାୟୋଆକ୍ଟିଭ୍ ଯୌଗିକ ଆଣ୍ଟିଅକ୍ସିଡେଣ୍ଟ ଓ ମ୍ୟାଗ୍ନେସିୟମ୍ ପରି ତତ୍ତ୍ୱଗୁଡ଼ିକ ଥାଆନ୍ତି। ଏହି ତତ୍ତ୍ୱଗୁଡ଼ିକ ଶରୀରରୁ ସ୍ୱେଲିଂ କମ୍ କରି ଇନ୍‌ସୁଲିନ୍ ସେନ୍ସିଟିଭିଟିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିପାରନ୍ତି ଯେଉଁ କାରଣରୁ ଦୀର୍ଘ ସମୟ ଧରି ସୁଗାର୍ ସ୍ତରରେ ସୁଧାର ହୋଇପାରେ। ତେବେ କଫିରେ ଆପଣ ମିଶଉଥିବା ଚିନି, କ୍ରିମ୍ ବା ଫ୍ଲେଭର୍ଡ ସିରପ୍ ପରି ଜିନିଷ ସୁଗାର୍ ସ୍ତରକୁ ବୃଦ୍ଧି କରାଇପାରନ୍ତି। କିନ୍ତୁ ବିନା ଚିନି ଓ କ୍ଷୀରରେ ତିଆରି ବ୍ଲାକ୍ କଫିରେ କ୍ୟାଲୋରୀ ଓ କାର୍ବୋହାଇଡ୍ରେଟ୍ ବହୁତ କମ୍ ପରିମାଣର ଥାଏ। ତେଣୁ କଫି ପିଇବାର ସମୟ ଓ ମାତ୍ରା ଉପରେ ମଧ୍ୟ ଧ୍ୟାନ ଦେବା ଜରୁରୀ।

# ମହାଦେବ ପାହାଡ଼ର ଧାର୍ମିକ ମହତ୍ତ୍ୱ



କାଶ୍ମୀରର ମହାଦେବ ପାହାଡ଼ ପାଖରେ ହୋଇଥିବା ଏକ ବଡ଼ ଅପରେସନ୍ ଅନ୍ତର୍ଗତ ସୁରକ୍ଷା ବଳ ୨୨ ଏପ୍ରିଲ୍‌ରେ ପହଲଗାମ୍ ଆକ୍ରମଣରେ ସାମିଲ ହୋଇଥିବା ତିନି ଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଦେଇଛନ୍ତି। ଏହି ପବିତ୍ର ପାହାଡ଼ ଉପରେ ହୋଇଥିବା ଏହି ଅପରେସନ୍‌ର ନାମ ରଖାଯାଇଥିଲା 'ଅପରେସନ୍ ମହାଦେବ'। ପ୍ରାଚୀନ ଗ୍ରନ୍ଥ ଓ କାଶ୍ମୀରର ଲୋକକଥାଗୁଡ଼ିକରେ ଉଲ୍ଲେଖ ଥିବା ଏକ ପବିତ୍ର ସ୍ଥାନ ହେଉଛି ମହାଦେବ ପାହାଡ଼। ୧୩,୦୦୦ ଫୁଟ୍ ଉଚ୍ଚରେ ଥିବା ଏହି ପାହାଡ଼କୁ ଶ୍ରୀନଗରର ସବୁଠାରୁ ଉଚ୍ଚ ବିନ୍ଦୁ ବୋଲି କୁହାଯାଏ ଓ କାଶ୍ମୀର ପରମ୍ପରା ମଧ୍ୟରେ ଏହା ଏକ ପୂଜନୀୟ ସ୍ଥାନ। ପହଲଗାମ୍ ଆକ୍ରମଣରେ ଧର୍ମ ଆଧାରରେ ଆତଙ୍କୀମାନେ ପର୍ଯ୍ୟଟକଙ୍କୁ ହତ୍ୟା କରିଥିଲେ। ସେହିପରି 'ଅପରେସନ୍ ମହାଦେବ'ର ସମୟ ମଧ୍ୟ ବହୁତ ଖାସ୍ ଥିଲା। ଶ୍ରାବଣ ପୂର୍ଣ୍ଣିମାର ଠିକ୍ ପୂର୍ବରୁ ଏହି ଅପରେସନ୍ କରାଯାଇଥିଲା। ହିନ୍ଦୁ ଧର୍ମରେ ଭଗବାନ ଶିବଙ୍କୁ ପୂଜା କରି ସନ୍ତୁଷ୍ଟ କରିବା ପାଇଁ ଶ୍ରାବଣ ମାସରେ ବିଶେଷ ପୂଜାର୍ଚ୍ଚନା କରାଯାଏ। ଇତିହାସକାରଙ୍କ ଅନୁସାରେ କାଶ୍ମୀରୀ ପଣ୍ଡିତମାନେ ଏହି ପର୍ବତକୁ ତୀର୍ଥଯାତ୍ରା କରିବାକୁ ଯାଆନ୍ତି। ହିନ୍ଦୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ପବିତ୍ର ସ୍ଥାନରେ ଏକ ପ୍ରାଚୀନ ଗ୍ଲାସିୟର ରହିଛି ଯାହା ବର୍ଷସାରା ଜମାଟ ବାନ୍ଧି ରହିଥାଏ ଯେଉଁଠାରୁ ବରଫ ଆଣି ଶ୍ରୀନଗରର ରାସ୍ତାରେ ଲୋକମାନେ ବିକ୍ରି କରନ୍ତି। ମହାଦେବ ପର୍ବତ ଶ୍ରୀନଗରର ଜବରୱାନ୍ ରେଞ୍ଜର ଅଂଶବିଶେଷ ଯାହାକୁ ସ୍ଥାନୀୟ ଭାଷାରେ ମହାଦେବ ଗଳି ବୋଲି କୁହାଯାଏ ଓ କାଶ୍ମୀରୀ ପଣ୍ଡିତମାନେ ଏହାକୁ ଭଗବାନ ଶିବଙ୍କ ନିବାସ ସ୍ଥାନ ଭାବରେ ମାନନ୍ତି। ଲୋକକଥା ଅନୁସାରେ ଭଗବାନ ଶିବ ଅମରନାଥ ଗୁମ୍ଫା ପର୍ଯ୍ୟନ୍ତ ଯିବା ସମୟରେ ଏହି ରାସ୍ତା ଦେଇ ଅତିକ୍ରମ କରିଥିଲେ ଯେଉଁଠାରେ ସେ ମାତା ପାର୍ବତୀଙ୍କୁ ଶୁଣାଇଥିଲେ ଅମର କଥା। ତେବେ ପ୍ରାଚୀନ ଗ୍ରନ୍ଥ, ପୁରାଣ ଆଦିରେ ଓ ଦ୍ୱାଦଶ ଶତାବ୍ଦୀର 'ରାଜତରଙ୍ଗିଣୀ'ରେ ମହାଦେବଗିରି ବିଷୟରେ ଉଲ୍ଲେଖ ରହିଛି।


# ବନ୍ଧୁତା ଦିବସ




**ଦୁନିଆକୁ ଆସିବା ପୂର୍ବରୁ ଆମ ଜୀବନର ସବୁ ସମ୍ପର୍କ ସ୍ଥିର ହୋଇଥାଏ। କିନ୍ତୁ ବନ୍ଧୁତା ପରି ସମ୍ପର୍କକୁ ଆମେ ନିଜେ ଚୟନ କରିଥାନ୍ତି ଓ ସମୟ ସହିତ ଏହି ସମ୍ପର୍କ ଆମ ପାଇଁ ଖାସ୍ ହୋଇଯାଏ। ଏହି ବନ୍ଧୁ ଖରାପ ପରିସ୍ଥିତିରେ କାନ୍ଧକୁ କାନ୍ଧ ମିଶାଇ ଆମ ପାଖରେ ଛିଡ଼ା ହୋଇଥାଏ। ନିଜକୁ ସମସ୍ୟାରେ ପକାଇ ଆମକୁ ବିପଦ ଭିତରୁ ଟାଣି ଆଣିଥାଏ। ବନ୍ଧୁତାର ଏହି ସମ୍ପର୍କକୁ ସେଲିବ୍ରେଟ୍ କରିବା ପାଇଁ ପ୍ରତି ବର୍ଷ ଆଜିର ଦିନରେ ଅନ୍ତର୍ଜାତୀୟ ସ୍ତରରେ ପାଳନ କରାଯାଏ ବନ୍ଧୁତା ଦିବସ।**



**ଇତିହାସ**-୧୯୫୮ରେ ଅନ୍ତର୍ଜାତୀୟ ନାଗରିକ ସଂଗଠନ, ୱାର୍ଲ୍ଡ ଫ୍ରେଣ୍ଡସିପ୍ କ୍ରୁସେଡ୍ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ରଖିବା ପାଇଁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ପାଳନ କରିବା ପାଇଁ ପ୍ରସ୍ତାବ ରଖିଥିଲା। ୨୦୧୧ରେ ମିଳିତ ଜାତିସଂଘ ଆଜିର ଦିନରେ ଔପଚାରିକ ଭାବରେ ଏହି ଦିବସ ପାଳନ କରିବା ନେଇ ଘୋଷଣା କରିଥିଲେ। ଏହାପରେ ସମୟ ସହିତ ଧୀରେ ଧୀରେ ଏହି ଦିବସର ମହତ୍ତ୍ୱକୁ ବୁଝିବା ସହିତ ଲୋକମାନେ ପରସ୍ପର ପ୍ରତି ସ୍ନେହଭାବକୁ ବୃଦ୍ଧି କରିବା ପାଇଁ ଖାସ୍ ଉପାୟରେ ବନ୍ଧୁତା ଦିବସ ପାଳନ କରିବାକୁ ଲାଗିଲେ। ତେବେ କିଛି ଅନ୍ୟ ଦେଶ ଆର୍ଜେଣ୍ଟିନା, ଉରୁଗ୍ୱେ ଓ ବ୍ରାଜିଲରେ ଅଲଗା ଅଲଗା ଦିନରେ ବନ୍ଧୁତା ଦିବସ ପାଳନ କରାଯାଏ। ଆମ ଦେଶରେ ଅଗଷ୍ଟ ମାସର ପ୍ରଥମ ରବିବାର ଦିନ ବନ୍ଧୁତା ଦିବସ ପାଳନ କରାଯାଏ। ଲୋକମାନେ ଏହିଦିନ ସାଙ୍ଗସାଥିଙ୍କୁ ଶୁଭେଚ୍ଛା ଜଣାଇ ଉପହାର ଆଦି ଦିଅନ୍ତି ଯେପରି ସେମାନଙ୍କର ସମ୍ପର୍କ ଆହୁରି ମଜଭୁତ ହୋଇପାରିବ।






# ମାନବ ତସ୍କରୀ



ଆମ ଦେଶ ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ମାନବ ତସ୍କରୀ ଖୁବ୍ ସଫଳତାର ସହିତ ଚାଲିଛି। ଦକ୍ଷିଣ ଏସିଆ ଓ ପ୍ରଶାନ୍ତ କ୍ଷେତ୍ର ଆଜି ଦୁନିଆର ଅନ୍ୟ କୌଣସି ସ୍ଥାନ ତୁଳନାରେ ମାନବ ତସ୍କରୀ ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି। କିଛି ରିପୋର୍ଟ ଅନୁସାରେ ଆଧୁନିକ ଦାସତ୍ୱ ଦ୍ୱାରା ପ୍ରଭାବିତ ୬୨ ପ୍ରତିଶତ ଲୋକ ଏକାକୀ ଏହି କ୍ଷେତ୍ରରେ ରହନ୍ତି। ମିଳିତ ଜାତିସଂଘ ଅନୁସାରେ ବିଶେଷ ଭାବରେ ଦକ୍ଷିଣ ଏସିଆ ଯେଉଁଥିରେ ବାଂଲାଦେଶ, ଭୁଟାନ, ଭାରତ, ମାଲଦ୍ୱୀପ, ନେପାଳ, ପାକିସ୍ତାନ ଓ ଶ୍ରୀଲଙ୍କା ପରି ଦେଶଗୁଡ଼ିକ ସାମିଲ ଅଛନ୍ତି ସେଠାରେ ମାନବ ତସ୍କରୀରେ ଫସିଥିବା ପିଲାମାନଙ୍କର ସଂଖ୍ୟା ସବୁଠାରୁ ଅଧିକ ଯାହା ଉପ-ସାହାରା ଆଫ୍ରିକା ପରେ ଦ୍ୱିତୀୟ ସ୍ଥାନରେ ରହିଛି। ଆମ ଦେଶରେ ମାନବ ତସ୍କରୀ ଦ୍ୱାରା ପୀଡ଼ିତମାନଙ୍କର ସଂଖ୍ୟା ଅଧିକ ରହିଛି ଯେଉଁମାନେ ଜବରଦସ୍ତି ଭାବରେ ବା ବନ୍ଧୁଆ ମଜଦୁରୀ କାମ କରୁଛନ୍ତି। ସେମାନେ ଇଟାଭାଟି, କପଡ଼ା କାରଖାନା, କୃଷି ବା ପଥର ଖଣିଗୁଡ଼ିକରେ ଦିନରେ ୧୨ ଘଣ୍ଟା ବା ତା'ଠାରୁ ଅଧିକ ଘଣ୍ଟା ଧରି କାମ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଚାକିରି ଓ ବଡ଼ ସ୍ତରରେ ପ୍ରମୋଶନ ଦେବାର ପ୍ରତିଜ୍ଞା କରି ଉତ୍ସାହିତ କରାଯାଇଥାଏ। ସେମାନଙ୍କର ଜୀବନ, ସେମାନଙ୍କର ପରିବାରର ଜୀବନ, ଅମାନବୀୟ କାର୍ଯ୍ୟକଳାପ ଓ ଜୀବନର ସ୍ଥିତିଗୁଡ଼ିକ ଦ୍ୱାରା ଘେରି ରହିଥାଏ ଯାହା ମାଲିକମାନଙ୍କ ଦ୍ୱାରା ନିୟନ୍ତ୍ରିତ ହୁଏ ଓ ସେମାନଙ୍କୁ ଏକ ବସ୍ତୁ ପରି ବ୍ୟବହାର କରାଯାଏ। କିଛି ପରିବାର ପିଢ଼ି ପରେ ପିଢ଼ି ଏହି କ୍ଷେତ୍ରରେ କାମ କରିବାକୁ ବାଧ୍ୟ ହୋଇଥାନ୍ତି। ଏଥିରେ ଶିକାର ହେଉଥିବା ଲୋକମାନଙ୍କ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ସହିତ ସେମାନଙ୍କର ଅଧିକାରଗୁଡ଼ିକୁ ପ୍ରଚାର ଓ ସଂରକ୍ଷଣ କରିବା ପାଇଁ ଆଜିର ଦିନରେ ମିଳିତ ଜାତିସଂଘ ବିଶ୍ୱ ମାନବ ତସ୍କରୀ ନିଷେଧ ଦିବସ ପାଳନ କରେ।

# 'ବର୍ଡର୍-୨'ରେ ମେଧାଙ୍କ ଏଣ୍ଟ୍ରି





ସନି ଦେଓଲ ଅଭିନୀତ ଫିଲ୍ମ 'ବର୍ଡର୍-୨' ଆସନ୍ତା ବର୍ଷ ୨୩ ଜାନୁଆରୀରେ ବଡ଼ ପରଦାରେ ଦସ୍ତକ ଦେବ। ଏଥିରେ ସନିଙ୍କ ସହିତ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ ଓ ଅହାନ ଶେଟ୍ଟି ମୁଖ୍ୟ ଭୂମିକାରେ ନଜର ଆସିବେ। ତେବେ ନିର୍ମାତାମାନେ ସୋସିଆଲ୍ ମିଡିଆରେ ଏକ ଖବର ସେୟାର୍ କରିଛନ୍ତି ଯାହା ଖୁବ୍ ଭାଇରାଲ୍ ହେଉଛି। ଏହି ଖବର ପରେ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛି 'ବର୍ଡର୍-୨'। ଫିଲ୍ମରେ ବରୁଣଙ୍କ ଲଭ୍ ଇଣ୍ଟରେଷ୍ଟ ଭାବରେ ଅଭିନେତ୍ରୀ ମେଧା ରାଣାଙ୍କୁ କାଷ୍ଟ କରାଯାଇଛି ଯେଉଁ ଖବର ପାଇବା ପରେ ମେଧାଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଖେଳିଯାଇଛି ଖୁସିର ଲହର। ନିକଟରେ ଫିଲ୍ମର ସୁଟିଂକୁ ନେଇ ଖବର ଆସିଥିଲା ଓ ଦିଲଜିତ ଏକ ଭିଡିଓ ମଧ୍ୟ ସେୟାର୍ କରିଥିଲେ। ଏହାପରେ ପୁଣି ଥରେ ମେଧାଙ୍କ ଏଣ୍ଟ୍ରି ନେଇ ଆସିଥିବା ଖବର ଦର୍ଶକମାନଙ୍କ ଉତ୍ସାହକୁ ଦୁଇ ଗୁଣ କରିଦେଇଛି। ତେବେ ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ଏହା ପୂର୍ବରୁ ମେଧା ଫିଲ୍ମ ଇଜ୍ ଦି ଏୟାର, ଫାଇଭେ ନାଇଟ୍ ପ୍ରଭୃତିରେ କାମ କରିସାରିଛନ୍ତି। ଓଟିଟି ଦୁନିଆରେ ମେଧା ୨୦୨୨ରେ ଆସିଥିବା ୱେବ୍ ସିରିଜ 'ଲଣ୍ଡନ ଫାଇଲ୍ସ' ଜରିଆରେ ଡେବ୍ୟୁ କରିସାରିଛନ୍ତି। ଏହି ସିରିଜ କରିଆରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ ମେଧା। ଏଥିରେ ତାଙ୍କ ସହିତ ଥିଲେ ଅର୍ଜୁନ ରାମପାଲ୍ ଓ ପୁରବ କୋହଲି। ଅଭିନୟ ଜଗତକୁ ଆସିବା ପୂର୍ବରୁ ମେଧା ମଡେଲିଂ ଦୁନିଆରେ ମଧ୍ୟ ନିଜର ଛାପ ଛାଡ଼ିସାରିଛନ୍ତି। କେତେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ କାମ କରିଛନ୍ତି ମେଧା। ଅରମାନ ମଲିକଙ୍କ ଗୀତ 'ବରସାତ୍' ଓ ଅନୁଭ ଜୈନଙ୍କ ଗୀତ 'ଗୁଲ୍'ରେ ବି ମେଧା ନଜର ଆସିଥିଲେ। ଅତୀତର ଚର୍ଚ୍ଚିତ ପରିସରକୁ ଆସିଥିବା ମେଧାଙ୍କ ତୁଳନା କରାଯାଉଛି 'ସୈୟାରା' ଗାର୍ଲ ଅନୀତ ପଡ୍ଡାଙ୍କ ସହିତ। କିନ୍ତୁ ଦର୍ଶକଙ୍କ ଅନୁସାରେ ମେଧା ରାଣା ବଲିଉଡ୍‌ର ନୂଆ ବେସେଟ୍ ଫ୍ରେସ୍ ଫେସ୍ ହୋଇଯିବେ।

# ନାରୀ ସୁରକ୍ଷା ଓ ସ୍ୱାଭିମାନ ପାଇଁ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡି ସାଂସଦଙ୍କ ଧାରଣା



**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଦିନକୁ ଦିନ ବଢ଼ିଚାଲିଛି । ଜଣେ ମହିଳା ଘରୁ ବାହାରିଲେ ତା'ର କର୍ମ କ୍ଷେତ୍ରକୁ ସୁରକ୍ଷିତରେ ଘରକୁ ଫେରିବ ବୋଲି ଏହି ବିଜେପି ସରକାରରେ କୌଣସି ଗ୍ୟାରେଣ୍ଟି ନାହିଁ । ବିଗତ ଦିନରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଗଭୀରତାର ସହ ନେଇ ବିଜୁ ଜନତା ଦଳର ସାଂସଦମାନେ ଆଜି ସଂସଦ ଭବନର ପରିସରରେ ଥିବା ଗାନ୍ଧୀ ମୂର୍ତ୍ତି ତଳେ ପ୍ଲାକାର୍ଡ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପ୍ରତିବାଦ କରିଥିଲେ । ଏସ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି କରିବା ସହ ବଳଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ ଦାବି କରିଥିଲେ । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

## ବୁଣାକାର ସେବା କେନ୍ଦ୍ର ସହ ମିଶନ୍ ଶକ୍ତିର ବୁଝାମଣା ସ୍ୱାକ୍ଷରିତ

# ବୟନ ପରମ୍ପରାକୁ ଆଗକୁ ନେଉଛନ୍ତି ସ୍ୱୟଂସହାୟକ ଗୋଷ୍ଠୀ: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ଓଡ଼ିଶାର ବୟନ ପରମ୍ପରାକୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆଗକୁ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ମତବ୍ୟକ୍ତ କରିଛନ୍ତି । ଆଜି ମିଶନ୍ ଶକ୍ତି ଭବନର ଅଡିଟରିୟମ ହଲ୍‌ରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ବୁଣାକାର ମା' ଓ ଭଉଣୀମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ମିଶନ୍ ଶକ୍ତି ବିଭାଗ ସହ କେନ୍ଦ୍ର ସରକାରଙ୍କ ହସ୍ତତନ୍ତ ବିକାଶ ଆୟୋଗ ଅଧୀନରେ ଥିବା ବୁଣାକାର ସେବା କେନ୍ଦ୍ରର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ବୁଝାମଣାପତ୍ର ରାଜ୍ୟର ବୁଣାକାର ସ୍ୱୟଂ ସହାୟକ ଗୋଷ୍ଠୀକୁ ନୂତନ ଡିଜାଇନ, ତାଲିମ ଓ ଦକ୍ଷତା ବିକାଶ ସହ ଜାତୀୟ ଓ ଅନ୍ତର୍ଜାତୀୟ ବଜାର ଉପଲବ୍ଧ କରେଇବାରେ ସହାୟକ ହେବ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି ।

ନିକଟରେ ମନ କୀ ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଲ୍ଲେଖ କରିଥିବା ମୟୂରଭଞ୍ଜର ସାନ୍ତାଳି ବୟନ ଶିଳ୍ପର ପୁନରୁଦ୍ଧାର ଓ କେଉଁଝର ଜିଲ୍ଲାର ମହିଳା ସଂକୀର୍ତ୍ତନ କଥାକୁ ଦୋହରାଇ ଶ୍ରୀମତୀ ପରିଡ଼ା କହିଲେ ଯେ ଆଜି ଓଡ଼ିଶାର ମା'ମାନେ ସମଗ୍ର ଦେଶରେ ଓଡ଼ିଶା ପାଇଁ ଗର୍ବ ଆଣିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି ଲକ୍ଷ୍ୟକୁ ପୂର୍ଣ୍ଣ ଭାବେ ହାସଲ କରିବା ପାଇଁ ଆମେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସହଜ, ସୁବିଧା ଓ ସୁଖଦ ରୋଜଗାର ପନ୍ଥା ବାଛିବାକୁ ସୁଯୋଗ ଦେଉଛୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦିଗଦର୍ଶନରେ ଆମେ ଲକ୍ଷପତି ଦିଦି ମା' ମାନଙ୍କୁ ଏବେ କୋଟିପତି କରିବାକୁ ପ୍ରୟାସ ଜାରି ରଖିଛୁ ବୋଲି ଶ୍ରୀମତୀ ପରିଡ଼ା ଦୃଢ଼ ମତ ରଖିଛନ୍ତି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ବିଭାଗୀୟ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ବୁଣାକାର ସେବା ସଂଘର ଉପନିର୍ଦ୍ଦେଶକ ବିକାଶ କୁମାର ଓ ବିଭାଗୀୟ ବରିଷ୍ଠ ଅଧିକାରୀ, ବୟନ ବିଶେଷଜ୍ଞ ଏବଂ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଓଡ଼ିଶାର ଉଦ୍ୟୋଗୀ ମହିଳାଙ୍କ ପାଇଁ ହସ୍ତତନ୍ତ ଏବଂ ବୟନ ଶିଳ୍ପ ଏକ ଉଦୀୟମାନ କ୍ଷେତ୍ର ଅଟେ । ହଜାର ହଜାର ଏସଏଚଜି ସଦସ୍ୟା ତନ୍ତ ବୁଣା, ସିଲାଇ, ଏମ୍ବ୍ରୋଇଡାରି ଏବଂ ଘରୋଇ ଉତ୍ପାଦକୁ ନିଜର ଜୀବନଜୀବିକା ଭାବେ ଗ୍ରହଣ କରିଥିବା ବେଳେ ଏହି ବୁଝାବଣା ପତ୍ର ଆଧୁନିକ, ଡିଜାଇନ୍ ଏବଂ ବଜାର ପ୍ରସ୍ତୁତ ଇକୋସିଷ୍ଟମ ନିର୍ମାଣ ଦିଗରେ ସହାୟକ ହେବ ବୋଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି । ବିଭାଗୀୟ ସହଭାଗିତାରେ ଏହି ପଦକ୍ଷେପ ଡିଜାଇନ୍ ମେଣ୍ଟରସିପ୍, ନମୁନା ସହାୟତା ଏବଂ ବଜାର ସଂଯୋଗ ପ୍ରଦାନ କରିବ ସହ ଏକ ସ୍ଥାୟୀ ମହିଳା-ନେତୃତ୍ୱାଧୀନ ବୟନ ଉଦ୍ୟୋଗ ନିର୍ମାଣ ଏବଂ ବୟନ ମୂଲ୍ୟ ଶୃଙ୍ଖଳ ଗଢ଼ିବାରେ ସହାୟକ ହେବ ବୋଲି ବିଭାଗର ନିର୍ଦ୍ଦେଶକ, ଡ. ମୋନିକା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟଗୁଡ଼ିକୁ ଆଲୋକପାତ କରି ମତ ପ୍ରକାଶ କରିଥିଲେ । ଏହି ଅବସରରେ ବିକାଶ କୁମାର, ଉପନିର୍ଦ୍ଦେଶକ, ବୁଣାକାର ସେବା କେନ୍ଦ୍ର କହିଛନ୍ତି ଯେ ଓଡ଼ିଶା ବୟନ ପ୍ରତିଭାର ଅନେକ କାରିଗର ଜାତୀୟସ୍ତରରେ ସ୍ୱୀକୃତି ପାଇଛନ୍ତି । ରାଜ୍ୟ ସରକାରଙ୍କ ସହିତ ଏହି ସହଭାଗିତା, ଓଡ଼ିଶା ବୟନ ସୃଜନଶୀଳତାକୁ ନୂଆ ରୂପ ଦେବା ସହ ଜାତୀୟ ବୟନ ଓ ହସ୍ତତନ୍ତ ମାନଚିତ୍ରକୁ ଆହୁରି ସଶକ୍ତ କରିବ । ଏହି ପଦକ୍ଷେପ ପାରମ୍ପାରିକ ବସ୍ତ୍ର ପ୍ରସ୍ତୁତି ଦକ୍ଷତାକୁ ଗଠନମୂଳକ ଉଦ୍ୟୋଗରେ ରୂପାନ୍ତରିତ କରିବାରେ ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କ ସୃଜନଶୀଳ ସାମର୍ଥ୍ୟକୁ ବୁଣାକାର ସେବା କେନ୍ଦ୍ରର ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଯୋଡ଼ି ଏହି ବୁଝାମଣାପତ୍ର ଉନ୍ନତ ଜୀବିକା ସୃଷ୍ଟି, ଉତ୍ପାଦର ବ୍ୟାପାରିକ ଶକ୍ତି ବିକାଶ ଏବଂ ଦୀର୍ଘମିଆଦି ମୂଲ୍ୟ ସୃଷ୍ଟି ପାଇଁ ମଞ୍ଚ ପ୍ରସ୍ତୁତ ପ୍ରଦାନ କରିବ ।



## ବିଜେଡି, କଂଗ୍ରେସର ମହିଳା ବିରୋଧୀ ଆଭିମୁଖ୍ୟକୁ ବିଜେପିର ନିନ୍ଦା

# ପଦାରେ ପଡ଼ିଛି ଉଭୟ ଦଳର ଦୋମୁହାଁ ନୀତି

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ମହିଳା ସୁରକ୍ଷାକୁ ଆଳ କରି ଗତ କିଛି ଦିନ ହେଲା ଓଡ଼ିଶା ବନ୍ଦ, ଘେରାଓ, କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ଉଭୟ ବିଜେଡି ଓ କଂଗ୍ରେସ ଦଳ କୁମ୍ଭୀର କାନ୍ଦଣା କାନ୍ଦିବାର ଦୃଶ୍ୟ ଓଡ଼ିଶାବାସୀ ଦେଖୁଛନ୍ତି । ଅନ୍ୟ ପଟେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମ୍‌ସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ଉଭୟ ଦଳର ମୁଖିଆଙ୍କ ତୁଣ୍ଡି ବନ୍ଦ । ବାସ୍ତବରେ ମହିଳା ସୁରକ୍ଷା ପ୍ରସଙ୍ଗରେ ଉଭୟ ଦଳର ଦୋମୁହାଁ ନୀତି ପଦାରେ ପଡ଼ିଛି । ନିଜ ଅସଲ ଚିତ୍ର ଧରାପଡ଼ିବା ଭୟରେ ଅତ୍ୟନ୍ତ ନିମ୍ନସ୍ତରକୁ ଯିବା ପାଇଁ ମଧ୍ୟ ପଛାଉ ନାହାନ୍ତି ଉଭୟ ଦଳ ।

ମଙ୍ଗଳବାର ଭୁବନେଶ୍ୱର ଜିଲ୍ଲା ତରଫରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ବିଜେଡି ମୁଖିଆ ନବୀନ ପଟ୍ଟନାୟକ ଏବଂ କଂଗ୍ରେସ ମୁଖିଆ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ରାଜ୍ୟବାସୀଙ୍କ ନିକଟରେ ଉଭୟ ଦଳର ଅସଲ ଚରିତ୍ର, ସ୍ୱଭାବ ଓ ମାନସିକତାକୁ ମନେ ପକାଇ ଦେବା ପାଇଁ ସମସ୍ତ ଜିଲ୍ଲାରେ ବ୍ୟାପକ ଓ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହେବ । ମହିଳା ଦୁଷ୍କର୍ମ ପ୍ରସଙ୍ଗରେ ବିଜେଡି ଓ କଂଗ୍ରେସ ଦଳ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ନିଜ ଶାସନ କାଳର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୂରେଇ ରଖିବା ପାଇଁ ଉଭୟ କଂଗ୍ରେସ ଏବଂ ବିଜେଡି ଦଳ ଅପପ୍ରୟାସ ଆରମ୍ଭ କରିଦେଇଛନ୍ତି । ଏହା ଅତ୍ୟନ୍ତ ଲଜ୍ଜାଜନକ ବୋଲି ନିରଞ୍ଜନ ମିଶ୍ର କହିଛନ୍ତି । ଏହି ବିକ୍ଷୋଭରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ସମ୍ପାଦିକା କସ୍ତୁରୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ, ମହିଳାମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦିକା ରଶ୍ମୀରେଖା ଦାସ, ଭୁବନେଶ୍ୱର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁବାସିନୀ ପୃଷ୍ଟିଙ୍କ ସମେତ ଜିଲ୍ଲା ଓ ରାଜ୍ୟର ଅନେକ ନେତୃବୃନ୍ଦ ଉପସ୍ଥିତ ଥିଲେ ।



# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ବୁଝାମଣା

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଅନ୍ଧାରୁଆଠାରେ ଥିବା ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନରେ ଭିତ୍ତିଭୂମି ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରତିଷ୍ଠାନ ପରିସର ମଧ୍ୟରେ ପାଠାଗାର କୋଠା, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ବାସଗୃହ, ହଷ୍ଟେଲ ଓ ଏକାଡେମିକ୍ ବ୍ଲକ୍‌ର ଅତିରିକ୍ତ ମହଲା ନିର୍ମାଣ ନିମନ୍ତେ ଏକ ବୁଝାମଣାପତ୍ର ଖାରବେଳ ଭବନଠାରେ ସ୍ୱାକ୍ଷରିତ ହୋଇଛି । ଏହି ବୁଝାମଣାପତ୍ର ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ନିର୍ମାଣ ନିଗମ ମଧ୍ୟରେ ସ୍ୱାକ୍ଷରିତ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍‌ଙ୍କ ଉପସ୍ଥିତିରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା ଓ ଓଡ଼ିଶା ନିର୍ମାଣ ନିଗମ ମୁଖ୍ୟ କାର୍ଯ୍ୟାଳୟର ନିର୍ମାଣ ବିଭାଗ ପରିଚାଳନା ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ଚୌଧୁରୀ ଏହି ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ମୋଟ ୨୬ କୋଟି ୫ ଲକ୍ଷ ଟଙ୍କା ବିନିମୟରେ ଏହି ସବୁ ନିର୍ମାଣ କାର୍ଯ୍ୟ କରାଯିବ । ଏଥି ନିମନ୍ତେ ଦୁଇବର୍ଷ ସମୟସୀମା ଧାର୍ଯ୍ୟ କରାଯାଇଛି । ଏହି ଅବସରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ର ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଓଡ଼ିଶା ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଭୂତି ଭୂଷଣ ଦାଶ, ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ଅଧ୍ୟାପକ ଓ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ଅସୁରକ୍ଷିତ ମହିଳା

# ଅଗଷ୍ଟ ୧ରୁ ୧୪ ଦୁଇ ପର୍ଯ୍ୟାୟରେ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ । ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଯୁବ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ ।

ବ୍ୟୋମକେଶ ରାୟ କହିଥିଲେ, ଗତ ୧୩ ମାସ ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିବା ସହିତ ନାରୀ ନିର୍ଯାତନା ଅହେତୁକ ବୃଦ୍ଧି ପାଇଛି । ରାଜ୍ୟରେ ଛାତ୍ରୀମାନେ ବେଳାଭୂମିଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସରେ ମଧ୍ୟ ସୁରକ୍ଷିତ ନାହାନ୍ତି । ବିଭିନ୍ନ ଛାତ୍ରୀ ନିବାସରେ ନାବାଳିକାମାନେ ଗର୍ଭବତୀ ହେଉଛନ୍ତି । ଛାତ୍ରୀ ଓ ନାରୀମାନେ ଅସୁରକ୍ଷିତ ହୋଇ ପଡ଼ିଥିଲା ବେଳେ ରାଜ୍ୟ ବିଜେପି ସରକାର ନିଘୋଡ଼ ନିଦରେ ଶୋଇଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣା ସମଗ୍ର ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉଦାସୀନତାର ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜ ଷ୍ଟ୍ରାଇକ କରିଥିଲା । ବିଜୁ ଜନତା ଦଳ ତରଫରୁ ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମ ସହିତ ତିନି ଆର୍‌ଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କରାଯିବ । ଏଥିରେ ଛାତ୍ରଛାତ୍ରୀମାନେ ତାଙ୍କ ଅଞ୍ଚଳର ଥାନା ଓ ଏସ୍‌ପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୁଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବେ । ସେହିପରି, ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ରଛାତ୍ରୀମାନେ ରାଜ୍ୟର ଗୃହମନ୍ତ୍ରୀର ଦାୟିତ୍ୱ ତୁଲାଉଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଲକ୍ଷାଧିକ ଚିଠି ପଠାଯିବ ବୋଲି ଶ୍ରୀ ରାୟ କହିଥିଲେ । ଅନ୍ୟପକ୍ଷରେ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ନିକଟରେ ଘଟି ଯାଇଥିବା ଘଟଣାମାନଙ୍କୁ ନେଇ ଓଡିଶା ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଲଜ୍ଜା ଓ ନିନ୍ଦା ସାଉଁଟିଛି । ଆମେରିକା ରାଷ୍ଟ୍ରପତିଙ୍କ ଅଫିସରୁ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜେରିରେ ଓଡ଼ିଶା ସମେତ ଦେଶର ଛଅଟି ରାଜ୍ୟକୁ ନଯିବା ପାଇଁ ଏହାର ନାଗରିକ ମାନଙ୍କୁ କହିଥିଲେ । ବିଶେଷକରି ନାରୀ ଅସୁରକ୍ଷିତ ଓ ଉଗ୍ରବାଦ ବୃଦ୍ଧି ଦର୍ଶାଇ ଏହି ବାରଣ କରା ଯାଇଥିବାରୁ ଓଡ଼ିଶା ପାଇଁ ଏହା ଲଜ୍ଜା ଓ ନିନ୍ଦା ଆଣିଥିଲା । ସେହିପରି ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡ଼ି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବା ସହିତ ଏଥିପାଇଁ ବ୍ୟବସ୍ଥାଗତ ବିଫଳତା ଦାୟୀ ବୋଲି କହିଥିଲେ । ଏତେ ନିନ୍ଦା ଓ ଲଜ୍ଜା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ । ନାରୀ ନିର୍ଯାତନାର ପ୍ରତିବାଦରେ ବିଜୁ ଜନତା ଦଳ ତରଫରୁ ଅଗଷ୍ଟ ୧ ତାରିଖରୁ ଦୁଇ ଥାକିଆ ଆନ୍ଦୋଳନ କରାଯିବ । ରାଜ୍ୟରେ ଛାତ୍ରୀ ଓ ନାରୀମାନେ ସୁରକ୍ଷିତ ନହେବା ପର୍ଯ୍ୟନ୍ତ ବିଜୁ ଜନତା ଦଳ ଆନ୍ଦୋଳନ ଜାରି ରଖିବ ।



# ସଂସଦରେ 'ଅପରେସନ୍ ସିନ୍ଦୂର' ଆଲୋଚନା: ଚର୍ଚ୍ଚାରେ ଦେବାଶିଷ ଓ ମୁନ୍ନା

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ସଂସଦରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନା ପାଇଁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହେବାପରେ ଦଳର ଆଭିମୁଖ୍ୟ କ'ଣ ରହିବ ସେ ସମ୍ପର୍କରେ ବିଜେଡି ସାଂସଦମାନଙ୍କୁ ନବୀନ ନିବାସରୁ ହ୍ୱାଟସଅପ୍ ମାଧ୍ୟମରେ ୬ସୂତ୍ରୀୟ ଗୁରୁମନ୍ତ୍ର ଜାରି କରାଯାଇଛି । ବିଜେଡି ଲୋକସଭାରେ ମୂଳପୋଛ ହୋଇଥିବାବେଳେ ରାଜ୍ୟସଭାରେ ୭ଜଣ ସାଂସଦ ଅଛନ୍ତି । ନବୀନ ନିବାସରୁ ଯାଇଥିବା ହ୍ୱାଟସଅପ୍ ସନ୍ଦେଶକୁ ଦଳର ସମସ୍ତ ୭ ସାଂସଦଙ୍କୁ ବଣ୍ଟନ କରାଯିବା ପରେ ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ଚିହିଁକି ଉଠିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି ।

ସେମାନେ ହ୍ୱାଟସଆପରେ ଯାଇଥିବା ସନ୍ଦେଶକୁ ସିଧାସଳଖ ଖାରଜ କରି 'ଅପରେସନ୍ ସିନ୍ଦୂର' ଆଲୋଚନାରେ ଦଳ ସାମିଲ ହୋଇ କେନ୍ଦ୍ର ସରକାରଙ୍କ ଦୋଷତ୍ରୁଟିକୁ ଗୃହ ବିବରଣୀରେ ରେକର୍ଡ କରୁ ବୋଲି ଚାହୁଁଥିଲେ । ବିଜେଡି ସୂତ୍ର ଅନୁସାରେ, ଦଳର ଏହି ଦୁଇ ବରିଷ୍ଠ ନେତାଙ୍କ ଏଭଳି ଆଭିମୁଖ୍ୟ ଦେଖି ଆଉ କେତେକ ବିଜେଡି ସାଂସଦ ସଙ୍ଗେସଙ୍ଗେ ନବୀନ ନିବାସକୁ ଅବଗତ କରାଇଥିଲେ । ଆଉ ସେଠାରୁ ଯେଉଁ ସନ୍ଦେଶ ଯାଇଥିଲା ତାହା ଦଳରେ ପୁଣିଥରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଉଭୟ ସାଂସଦଙ୍କୁ ଏହି ଆଲୋଚନାରୁ ଦୂରେଇ ରଖିବାକୁ ନବୀନ ନିବାସରୁ ଅଘୋଷିତ ସର୍ବେସର୍ବା ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି ।

ସୂଚନା ଯୋଗ୍ୟ ଯେ ରାଜ୍ୟସଭାରେ ଆଜି 'ଅପରେସନ୍ ସିନ୍ଦୁର'କୁ ନେଇ ହେବାକୁ ଥିବା ଆଲୋଚନା ପୂର୍ବରୁ ବିଜେଡିକୁ ପୁଣିଥରେ ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିବା ସୂଚନା ମିଳିଛି । ଗତ ଏପ୍ରିଲ ମାସରେ ୱାକଫ୍ ବିଲ୍‌କୁ ସମର୍ଥନ କରିବା ପ୍ରସଙ୍ଗରେ ବିଜେଡିର ସଂସଦୀୟ ଦଳରେ ଫାଟ ଯେଭଳି ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିଲା ଏବେ ଅନୁରୂପ ସ୍ଥିତି ପୁଣିଥରେ ଉପୁଜିବାର ଆଶଙ୍କା ଦେଖାଦେଇଛି । ଲୋକସଭାରେ ମୂଳପୋଛ ହୋଇସାରିଥିବା ବିଜେଡି ରାଜ୍ୟସଭାରେ 'ଅପରେସନ୍ ସିନ୍ଦୂର' ପ୍ରସଙ୍ଗରେ ଆଲୋଚନାରେ କେଉଁ ଆଭିମୁଖ୍ୟ ଆପଣାଉଛି ତାକୁ ନେଇ ସଂଶୟ ଲାଗି ରହିଛି । ତେବେ ରାଜ୍ୟସଭାରେ ଆଲୋଚନାବେଳେ 'ଅପରେସନ୍ ସିନ୍ଦୂର'କୁ ପ୍ରଶଂସା ଓ ସକାରାତ୍ମକ ଚର୍ଚ୍ଚା କରିବା ନିମନ୍ତେ ବିଜେଡି ଜାରି କରିଥିବା ଫତୱାକୁ ଦଳର ଦୁଇ ସାଂସଦ ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାନ୍ ତୀବ୍ର ବିରୋଧ କରିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ଯେଉଁଥିପାଇଁ ଏହି ଦୁଇ ବରିଷ୍ଠ ନେତା ତଥା ଉଭୟ ସାଂସଦଙ୍କୁ ରାଜ୍ୟସଭାରେ ଆଲୋଚନାରୁ ଦୂରେଇ ରଖିବାକୁ ଅଘୋଷିତ ନିର୍ଦ୍ଦେଶନାମା ଜାରି ହୋଇଥିବା ବିଜେଡି ସୂତ୍ରରୁ ସୂଚନା ମିଳିଛି । ବିଜେଡିର ଅଘୋଷିତ ସର୍ବେସର୍ବାଙ୍କ ଦ୍ୱାରା ଜାରି ୬ସୂତ୍ରୀୟ ଗୁରୁମନ୍ତ୍ର ମଧ୍ୟ ଏବେ ଦଳୀୟ ମହଲରେ ଅଧିକ ଚର୍ଚ୍ଚାର ବିଷୟ ପାଲଟିଛି,ଯେଉଁଥିରେ ସାଂସଦମାନେ କିଭଳି କହିବେ, କ'ଣ ଓ କେତେ କହିବେ ସେସବୁକୁ ନବୀନ ନିବାସରୁ ନିୟନ୍ତ୍ରିତ ପାଇଁ ପ୍ରୟାସ ହୋଇଥିବା ଜଣାପଡ଼ିଛି ।

ଚଳିତ ଥର ସଂସଦ ଅଧିବେଶନ ପୂର୍ବରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇନାହିଁ । ମାତ୍ର ଅପରେସନ୍ ସିନ୍ଦୂର ଆଲୋଚନାରେ ଦଳର ଆଭିମୁଖ୍ୟ କ'ଣ ରହିବ ତାକୁ ନେଇ ନବୀନ ନିବାସ ପକ୍ଷରୁ ସାଂସଦମାନଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନା ମାଟି ଦଳର ନେତୃତ୍ୱଙ୍କ ଅନୁମୋଦନ କରାଯାଇଛି ବୋଲି ଉଲ୍ଲେଖ ଅଛି । ଯେଉଁ ୬ଟି ସୂତ୍ରୀୟ ଗୁରୁମନ୍ତ୍ର ପଠାଯାଇଛି ତାହା କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ସିଧାସଳଖ ଶ୍ରେୟ ଦେବା ପିରବର୍ତ୍ତେ 'ଭାରତୀୟ ସଶସ୍ତ୍ର ବାହିନୀ'ର ସାହସିକତା ଓ ପ୍ରଶଂସା କରି ପରୋକ୍ଷରେ ସମର୍ଥନ ଦେବା ଭଳି ହୋଇଛି । ସୂଚନା ଥାଉ କି ବିଜେଡି ନିଜର ମୌଳିକ ବିଚାରଧାରାରୁ ଓହରି ଗତ ଏପ୍ରିଲ ମାସରେ ଯେଭଳି ଢଙ୍ଗରେ କେନ୍ଦ୍ର ସରକାରଙ୍କ ୱକଫ୍ ବିଲକୁ ସମର୍ଥନ କଲା ତାକୁ ନେଇ ଦଳ ଭିତରେ ତୀବ୍ର ଆକ୍ରୋଶ ସୃଷ୍ଟି ହୋଇଥିଲା । କିଏ ସାଂସଦମାନଙ୍କୁ ଏଭଳି ନିଷ୍ପତ୍ତି ନେବାକୁ କହିଥିଲା ତାହା ସମସ୍ତେ ଜାଣିଥିଲେ ମଧ୍ୟ କେହି ସିଧାସଳଖ ମୁହଁ ଖୋଲିନଥିଲେ । ଏବେ ସେହି ପ୍ରସଙ୍ଗ ଥମି ନଥିବାବେଳେ 'ଅପରେସନ ସିନ୍ଦୂର'କୁ ନେଇ ଦଳର ଆଭିମୁଖ୍ୟ ପୁଣିଥରେ ସାଂସଦମାନଙ୍କ ଭିତରେ ଫାଟ ଓ ଆକ୍ରୋଶର କାରଣ ପାଲଟିଥିବା ଚର୍ଚ୍ଚା । ବିଜେଡି ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ହୋଇଥିବାରୁ ବିଭିନ୍ନ ପ୍ରସଙ୍ଗରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ସିଧାସଳଖ ସମର୍ଥନ ଦେବା ଦ୍ୱାରା ରାଜ୍ୟରେ ଦଳୀୟ ସଂଗଠନ ଦୁର୍ବଳ ହେଉଥିବା କର୍ମୀ-ନେତାମାନେ ଅନୁଭବ କରୁଛନ୍ତି । ଯାହାକୁ ଆକଳନ କରି ଦେବାଶିଷ ଓ ମୁନ୍ନାଙ୍କ ଭଳି ପୁରୁଖା ବିଜେଡି ନେତାମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାରେ ଲାଗିଥିବା ଜଣାପଡ଼ିଛି । ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବଢୁଥିବା ମହିଳା ବିରୁଦ୍ଧ ହିଂସାରେ ରାଜ୍ୟ ସରକାରଙ୍କ ଅପାରଗତାକୁ ଜାତୀୟସ୍ତରରେ ଲୋକଲୋଚନକୁ ଆଣିବା ପାଇଁ ସଂସଦ ଭବନ ପରିସରରେ ଥିବା ଗାନ୍ଧିମୂର୍ତ୍ତି ତଳେ ଦଳୀୟ ସାଂସଦମାନଙ୍କୁ ପ୍ରତିବାଦ କାର୍ଯ୍ୟକ୍ରମ କରିବାକୁ କୁହାଯାଇଥିଲା । ସଂସଦ ଅଧିବେଶନ ଆରମ୍ଭରୁ ଏହି କାର୍ଯ୍ୟକ୍ରମ କରିବାକୁ ଦଳୀୟସ୍ତରରେ ନିଷ୍ପତ୍ତି ହୋଇଥିଲା । କିନ୍ତୁ ଅଘୋଷିତ ସର୍ବେସର୍ବାଙ୍କ ଗ୍ରୀନ୍ ସିଗନାଲ ନମିଳିବାରୁ ଏହି ପ୍ରତିବାଦ କାର୍ଯ୍ୟକ୍ରମ ପ୍ରାୟ ଏକ ସପ୍ତାହ ଧରି ସମ୍ଭବପର ହୋଇପାରିନଥିଲା । ତେବେ ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ବାଦ୍ ଦେଇ ଦଳର ସାଂସଦମାନେ ଗାନ୍ଧିମୂର୍ତ୍ତି ତଳେ ଆଜି ମଙ୍ଗଳବାର ପୋଷ୍ଟରବ୍ୟାନର ଧରି ପ୍ରତିବାଦ କରିଥିବା ସୂଚନା ମିଳିଛି ।



## ରତ୍ନଭଣ୍ଡାର ମରାମତି ପରର ଫଟୋ ପ୍ରଘଟ ଘଟଣା

# ଜଗନ୍ନାଥ ପ୍ରେମୀଙ୍କ ଭାବାବେଗ ଉପରେ ଦେଇଛି ଆଘାତ : ବିଜେଡି

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ଏଏସଆଇ ଦ୍ୱାରା ଶ୍ରୀମନ୍ଦିରର ରତ୍ନ ଭଣ୍ଡାର ମରାମତି ପରର ଫଟୋ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରାଯାଇଛି । ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜୁ ଜନତା ଦଳ ଆଜି ଏହାକୁ ଦୃଢ଼ ନିନ୍ଦା କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଶ୍ରୀମନ୍ଦିର ଭିତରକୁ କ୍ୟାମେରା ବା କୌଣସି ଇଲେକ୍ଟ୍ରୋନିକ ଗ୍ୟାଜେଟ ନେବା ଆଇନ ଅନୁଯାୟୀ ଅସିଦ୍ଧ ହୋଇଥିବା ବେଳେ ଶ୍ରୀମନ୍ଦିରର ରକ୍ଷଣାବେକ୍ଷଣା ଦାୟିତ୍ୱରେ ଥିବା ଏଏସଆଇ କିପରି ରତ୍ନ ଭଣ୍ଡାର ଓ ଭୋଗ ମଣ୍ଡପର ପ୍ରବେଶ ଦ୍ୱାରର ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରକାଶ କଲା, ତାହା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଶ୍ରୀମନ୍ଦିରର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇବା ଯୋଗୁ ବିଶ୍ୱର ଅଗଣିତ ଜଗନ୍ନାଥ ପ୍ରେମୀଙ୍କ ମନରେ ଆଘାତ ଦେଇଛି । ଏହି ଗୁରୁତର ତ୍ରୁଟି ପାଇଁ ଏଏସଆଇ ଅଧିକାରୀ ଜଗନ୍ନାଥ ପ୍ରେମୀଙ୍କ ପାଖରେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ଏବଂ ଏହି ତ୍ରୁଟି ପାଇଁ ଦାୟୀ ଥିବା ଅଧିକାରୀଙ୍କୁ ନିଲମ୍ବନ କରାଯାଉ । ଏହାଛଡା ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ଆଇନ ମନ୍ତ୍ରୀ ଏହି ତ୍ରୁଟି ସମ୍ପର୍କରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଡ. ଲେନିନ ମହାନ୍ତି ଦାବି କରିଛନ୍ତି ।



# କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତକଲେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର,୨୯।୭/ଏନ୍‌ଏନ୍‌ଏସ୍:** ଉପମୁଖ୍ୟମନ୍ତ୍ରୀ ଆଜି ଦିଲ୍ଲୀରେ କେନ୍ଦ୍ର ଶକ୍ତି, ଗୃହ ଏବଂ ସହରୀ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ଓଡ଼ିଶା ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରିଛନ୍ତି ଏବଂ ସେହି ପ୍ରସଙ୍ଗଗୁଡ଼ିକ ଉପରେ ଅନୁକୂଳ ବିଚାର ପାଇଁ ଅନୁରୋଧ ମଧ୍ୟ କରିଛନ୍ତି । ପ୍ରସଙ୍ଗ ଗୁଡ଼ିକ ମଧ୍ୟରେ ପୁନର୍ବିନ୍ୟାସ କ୍ଷେତ୍ର ଯୋଜନା ଅଧୀନରେ ୩୦୬୯ କୋଟି ଟଙ୍କାର ପାଣ୍ଠି ମଞ୍ଜୁର ଆଲୋଚନା ରହିଛି ।

ସୁନ୍ଦରଗଡ଼ ଜିଲ୍ଲା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଉଥିବାରୁ ଏନ୍‌ଏଲ୍‌ସି ତଲାବିରା ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପରୁ ଓଡ଼ିଶାକୁ ୮୦୦ ମେଗାୱାଟ ବିଦ୍ୟୁତ୍ ଆବଣ୍ଟନ କରିବାକୁ ଅନୁରୋଧ କରିଛନ୍ତି ଉପମୁଖ୍ୟମନ୍ତ୍ରୀ । ଏହା ଦ୍ୱାରା ସମୁଦାୟ ୩୨୦୦ ମେଗାୱାଟ ପ୍ରକଳ୍ପ କ୍ଷମତାରୁ ୧୨୦୦ ମେଗାୱାଟ ଓଡ଼ିଶା ପକ୍ଷରେ ରହିବ । ଏନ୍‌ଏଲ୍‌ସି ତଲାବିରା ପ୍ରଥମ ପର୍ଯ୍ୟାୟରେ ୪୦୦ ମେଗାୱାଟ କ୍ଷମତା ଓଡ଼ିଶାକୁ ଆବଣ୍ଟନ କରାଯାଇଥିଲା । ଓଡ଼ିଶା ଏହାର ବିଦ୍ୟୁତ୍ କ୍ଷେତ୍ର ବିକାଶରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି ।

### ଅଷ୍ଟ୍ରେଲିଆ-ୱେଷ୍ଟଇଣ୍ଡିଜ୍ ଟି-୨୦ ସିରିଜ୍

# ୫-୦ରେ ଅଷ୍ଟ୍ରେଲିଆର କ୍ଲିନ୍ ସୁଇପ୍




**ବାସେଟେରେ, ୨୯।୭/ଏଜେନ୍ସି:** ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୫ଟିକିଆ ଟି-୨୦ ସିରିଜ୍ ଶେଷ ହୋଇଛି। ପୂର୍ବ ୪ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ବିଜୟ ଲାଭ କରିଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ଅନ୍ତିମ୍ ଟି-୨୦ ମ୍ୟାଚ୍‌କୁ ମଧ୍ୟ ଜିତିବାରେ ସଫଳ ହୋଇଛି। ୫ମ ତଥା ଅନ୍ତିମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୩ ୱିକେଟରେ ପରାସ୍ତ କରି ସିରିଜ୍‌କୁ ୫-୦ରେ କ୍ଲିନ୍ ସୁଇପ୍ କରିଛି ଅଷ୍ଟ୍ରେଲିଆ ଦଳ। ବାସେଟେରେ ଠାରେ ଖେଳାଯାଇଥିବା ପଞ୍ଚମ ତଥା ଶେଷ ମ୍ୟାଚ୍‌ରେ ଟିମ୍ ଡେଭିଡ୍, ମିଚେଲ୍ ଓୱେନ୍ ଏବଂ କ୍ୟାମେରନ୍ ଗ୍ରୀନ୍‌ଙ୍କ ଚମତ୍କାର ବ୍ୟାଟିଂ ପାଇଁ ଅଷ୍ଟ୍ରେଲିଆ ସହଜ ବିଜୟ ଲାଭ କରିପାରିଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୧୯.୪ ଓଭରରେ ୧୭୦ ରନ୍ ହିଁ କରିପାରିଥିଲା। ଜବାବରେ, ଅଷ୍ଟ୍ରେଲିଆ ୧୬ ଓଭରରେ ୭ ୱିକେଟ୍ ହରାଇ ୧୭୩ ରନ୍ କରି ଲକ୍ଷ୍ୟ ହାସଲ କରିଥିଲା। ୱେଷ୍ଟଇଣ୍ଡିଜର ପ୍ରଦର୍ଶନ ଆରମ୍ଭରୁ ଖରାପ ଥିଲା। ଓପନର୍ ଶାଇ ହୋପ୍ ମାତ୍ର ୧୪ ରନ୍ କରି ଆଉଟ୍ ହୋଇଥିଲେ। ଏହା ପରେ, ଦ୍ୱିତୀୟ ଓପନର୍ ବ୍ରାଣ୍ଡନ୍ କିଙ୍ଗ୍ ୨୨ ରନ୍ କରି ପ୍ୟାଭିଲିୟନ ଫେରିଥିଲେ। ପାୱାରପ୍ଲେରେ, ୱେଷ୍ଟଇଣ୍ଡିଜ୍ ୩ ୱିକେଟ ହରାଇ ୪୯ ରନ୍ କରିଥିଲା। ୧୦ ଓଭର (ଡ୍ରିଙ୍କସ୍) ପର୍ଯ୍ୟନ୍ତ ସ୍କୋର ୪ ୱିକେଟ ହରାଇ ୮୪ ରନ୍ ଥିଲା। ତେବେ ଶିମ୍‌ରନ୍ ହିଟମାୟାର୍‌ଙ୍କ ବିସ୍ଫୋରକ ଇନିଂସ ଯୋଗୁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୫୦ ଅତିକ୍ରମ କରିପାରିଥିଲା। ହିଟ୍‌ମାୟାର ୩୧ ବଲ୍ ଖେଳି ୫୨ ରନ୍‌ର ପାଳି ଖେଳିଥିଲେ। ନିଜ ପାଳିରେ ସେ ୩ ଚୌକା ଏବଂ ୩ଟି ଛକା ମାରିଥିଲେ। ହିଟମାୟାରଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ସେପରି ଆଖିଦୃଶିଆ ସ୍କୋର କରିପାରିନଥିଲେ। ତେବେ ରଦରଫୋର୍ଡ କେବଳ ୩୫ରନ୍‌ର ଚମତ୍କାର ଇନିଂସ ଖେଳିବାରେ ସଫଳ ହୋଇଥିଲେ। ସେ ୧୭ବଲ୍‌ରୁ ୩୫ ରନ୍ କରିଥିଲେ। ହୋଲ୍ଡର ୧୫ ବଲ୍‌ରେ ୨୦ ରନ୍ କରିଥିଲେ। ତେବେ ଏହି ଭାଗୀଦାରୀ ଯୋଗୁଁ ୱେଷ୍ଟଇଣ୍ଡିଜ୍ ସ୍କୋର ୧୭୦ରେ ପହଞ୍ଚିଥିଲା।

୧୭୧ ରନ୍‌ର ଟାର୍ଗେଟକୁ ପିଛା କରିବା ସମୟରେ ଅଷ୍ଟ୍ରେଲିଆର ଆରମ୍ଭ ମଧ୍ୟ ଭଲ ନଥିଲା। ଓପନର ଗ୍ଲେନ୍ ମ୍ୟାକ୍ସୱେଲ୍ ୧୨ ରନ୍ କରି ଆଉଟ୍ ହୋଇଥିଲେ। ଜୋଶ୍ ଇଙ୍ଗଲିସ୍ ୨୩ ରନ୍ ଏବଂ ମିଚେଲ୍ ମାର୍ଶ ୨୫ ରନ୍ କରି ପାଭିଲିୟନ୍ ଫେରିଥିଲେ। ପାୱାରପ୍ଲେରେ ଅଷ୍ଟ୍ରେଲିଆ ୪ ୱିକେଟ୍ ହରାଇ ୬୭ ରନ୍ କରିଥିଲା। ତେବେ କାମେରନ୍ ଗ୍ରୀନ୍ ଇନିଂସ ସମ୍ଭାଳିଥିଲେ କ୍ୟାମରନ୍ ଗ୍ରୀନ୍ ଅଷ୍ଟ୍ରେଲିଆ ଇନିଂସ ସମ୍ଭାଳିଥିଲେ ଏବଂ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ସେ ଟିମ୍ ଡେଭିଡ୍ ସହିତ ଚତୁର୍ଥ ୱିକେଟ୍ ପାଇଁ ୧୪ବଲ୍ ରେ ୩୫ ରନ୍ ଏବଂ ମିଚେଲ୍ ୱେନ୍ ସହିତ ପଞ୍ଚମ ୱିକେଟ୍ ପାଇଁ ୨୯ ବଲ୍‌ରେ ୬୩ ରନ୍ ର ଭାଗୀଦାରି କରିଥିଲେ। ଗ୍ରୀନ୍ ୧୮ ବଲ୍‌ରେ ୩୨ ରନ୍, ଡେଭିଡ୍ ୧୨ ବଲ୍‌ରେ ୩୦ ରନ୍ ଏବଂ ୱେନ୍ ୧୭ ବଲ୍‌ରେ ୩୭ ରନ୍ କରିଥିଲେ। ଉତ୍କର୍ଷ ପ୍ରଦର୍ଶନ ପାଇଁ ବେନ୍ ଡ୍ୱାରଶୁଇସ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ବେଳେ କ୍ୟାମେରନ୍ ଗ୍ରୀନ୍ ପ୍ଲେୟାର ଅଫ୍ ଦି ସିରିଜ୍ ଘୋଷିତ ହୋଇଛନ୍ତି।

### ଗୁରୁବାର ଅନ୍ତିମ ଟେଷ୍ଟ: ଅପେକ୍ଷାରେ ଓଭାଲ୍ ଗ୍ରାଉଣ୍ଡ୍

# ନେଟ୍‌ସ୍‌ରେ ଝାଳ ବୁହାଇଲେ ଭାରତୀୟ ଖେଳାଳି



**ଲଣ୍ଡନ,୨୯।୭/ଏଜେନ୍ସି:** ଇଂଲଣ୍ଡ-ଭାରତ ମଧ୍ୟରେ ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆସନ୍ତା ଗୁରୁବାର (୩୧ ଜୁଲାଇ) ଖେଳାଯିବ। ଏଥିଲାଗି ଉଭୟ ଦଳର ଖେଳାଳିମାନେ ନେଟ୍‌ସ୍‌ରେ ଜବରଦସ୍ତ ଅଭ୍ୟାସ କରିବା ସହ ଝାଳ ବୁହାଉଥିବାର ଦେଖିବାକୁ ମିଳିଛି। ଭାରତୀୟ ଦଳର ଖେଳାଳିମାନେ ମଙ୍ଗଳବାର ଦି ଓଭାଲ ଗ୍ରାଉଣ୍ଡ୍‌ରେ ପ୍ରାକ୍ଟିସ ଆରମ୍ଭ କରିଛନ୍ତି। ଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ସାଇ ସୁଦର୍ଶନ ପ୍ରଥମ ଖେଳାଳି ଭାବେ ନେଟ୍‌ସ୍‌ରେ ପହଞ୍ଚିଥିଲେ। ଗତ ୪ଟି ଯାକ୍ ମ୍ୟାଚ୍‌ରେ ଖେଳିବାର ସୁଯୋଗ ପାଇନଥିବା ଯୁବ ସ୍ପିନର କୁଲଦୀପ ଯାଦବ ମଧ୍ୟ ସାଥୀ ଖେଳାଳିଙ୍କ ସହ ନେଟ୍‌ସ୍‌ରେ ଝାଳ ବୁହାଇଥିଲେ। ବୋଲିଂ କୋଚ ମର୍ନେ ମୋର୍କେଲଙ୍କ ତତ୍ତ୍ୱାବଧାନରେ ପଦାର୍ପଣ ଅପେକ୍ଷାରେ ଥିବା ବାମହାତୀ ପେସର ଅର୍ଶଦୀପ ସିଂହ ଓ ଶାର୍ଦ୍ଦୁଳ ଠାକୁର ମଧ୍ୟ ବୋଲିଂ କରିଥିଲେ। ସେହିପରି ଶୁଭମନ୍ ଗିଲ୍, ରବୀନ୍ଦ୍ର ଜାଡେଜା ଆଦି ନେଟ୍‌ସ୍‌ରେ ଦୀର୍ଘସମୟ ଧରି ଅଭ୍ୟାସ କରିଥିବା ଦେଖିବାକୁ ମିଳିଛି।

ରିପୋର୍ଟ ଅନୁସାରେ ଭାରତ ବର୍ତ୍ତମାନ ସୁଦ୍ଧା ଓଭାଲ୍ ଷ୍ଟାଡିୟମ୍‌ରେ ଖେଳିଥିବା ୧୫ଟି ଟେଷ୍ଟମ୍ୟାଚ୍ ମଧ୍ୟରୁ ମାତ୍ର ୨ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ସେହିପରି ୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଥିବା ବେଳେ ୬ଟି ମ୍ୟାଚ୍‌ରେ ପରାଜିତ ହୋଇଛି। ଅନ୍ୟପକ୍ଷେ ଇଂଲଣ୍ଡ ଏହି ଗ୍ରାଉଣ୍ଡରେ ବର୍ତ୍ତମାନ ସୁଦ୍ଧା ମୋଟ୍ ୧୦୬ଟି ମ୍ୟାଚ୍ ଖେଳିଥିବା ବେଳେ ୪୫ଟି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ୨୪ଟି ମ୍ୟାଚ୍‌ରେ ପରାଜୟ ବରଣ କରିଥିବା ଇଂଲଣ୍ଡ ୩୭ଟି ମ୍ୟାଚ୍ ଡ୍ର' କରିବାରେ ସଫଳ ହୋଇଛି। ଏହି ଦୃଷ୍ଟିକୋଣରୁ ଓଭାଲ୍ ଟେଷ୍ଟରେ ଭାରତ ତୁଳନାରେ ଇଲଣ୍ଡର ପଲ୍ଲା ଭାରି ରହିଥିବା ଅନୁମାନ କରାଯାଉଛି। କିନ୍ତୁ ୪ର୍ଥ ଟେଷ୍ଟରେ (ମାଞ୍ଚେଷ୍ଟର) ଭାରତ ଯେଉଁଭଳି ଲଢୁଆ ପ୍ରଦର୍ଶନ ପୂର୍ବକ ମ୍ୟାଚ୍‌କୁ ଫେରିଥିଲା ଏବଂ ହାର୍‌କୁ ସହଜରେ ଗ୍ରହଣ ନକରିବାର ମନୋଭାବ ପୋଷଣ କରିଥିଲା ସେଥିରୁ ଓଭାଲ୍ ଟେଷ୍ଟରେ ଭାରତର ପ୍ରଦର୍ଶନ ଇଂଲଣ୍ଡକୁ କଡା ଟକ୍କର ଦେବା ଭଳି ହେବ ବୋଲି ଆଶା କରାଯାଉଛି।

# ବିସିସିଆଇ ଅଫିସ୍‌ରୁ ଚୋରି

**ମୁମ୍ବାଇ,୨୯।୭/ଏଜେନ୍ସି:** ମୁମ୍ବାଇ ସ୍ଥିତ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୱାଙ୍ଖେଡେ ଷ୍ଟାଡିୟମ କାର୍ଯ୍ୟାଳୟରେ ଚୋରି ହୋଇଥିବା ସମ୍ପର୍କରେ ସୂଚନା ମିଳିଛି। ତେବେ କୌଣସି ଟଙ୍କାପଇସା କିମ୍ବା ମୂଲ୍ୟବାନ ସାମଗ୍ରୀ ବଦଳରେ ଆଇପିଏଲ ଜର୍ସି ହୋଇଥିବା କୁହାଯାଇଛି। ତେବେ ଏହି ଚୋରି ପଛରେ କାର୍ଯ୍ୟାଳୟର ଜଣେ ୪୦ବର୍ଷୀୟ କର୍ମଚାରୀର ହାତ ଥିବା ଜଣାଯାଇଛି। ଫାରୁକ ଅସଲମ୍ ଖାନ୍ ନାମକ ଏହି କର୍ମଚାରୀ ବିସିସିଆଇ ଅଫିସ୍‌ରୁ ପ୍ରାୟ ୨୬୧ଟି ଜର୍ସି ଚୋରି କରିଛି। ଗୋଟିଏ ଜର୍ସିର ମୂଲ୍ୟ ପ୍ରାୟ ୨୫୦୦ ଟଙ୍କା ହିସାବରେ ସେ ପ୍ରାୟ ଅଢେଇ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରିଥିବା ବିସିସିଆଇ ସୂତ୍ରରୁ ଜଣାପଡିଛି।

ବିସିସିଆଇ ଅଫିସ୍‌ରେ ହୋଇଥିବା ଏହି ଚୋରି ସମ୍ପର୍କରେ ପୁଲିସ କହିଛି ଯେ ଫାରୁକ୍ ଅନ୍‌ଲାଇନରେ ଜୁଆ ଖେଳୁଥିଲା ଏବଂ ସେ ତାର ଜୁଆ ନିଶା ପାଇଁ ଏହି ଆଇପିଏଲ୍ ଜର୍ସି ଚୋରି କରିଥିଲା। ଫାରୁକ୍ ସୋସିଆଲ ମିଡିଆ ମାଧ୍ୟମରେ ହରିୟାଣାର ଜଣେ ଅନଲାଇନ୍ ଜର୍ସି ଡିଲରଙ୍କ ସହ ଯୋଗାଯୋଗରେ ଥିଲା, ଯାହାପାଖକୁ ସେ ଏସବୁ ଚୋରି ସାମଗ୍ରୀ କୋରିଅର ମାଧ୍ୟମରେ ପଠାଉଥିଲା। ତେବେ ଏହା ପୂର୍ବରୁ ମଧ୍ୟ ଫାରୁକ୍ ଅନେକ ଜର୍ସି ଏହିପ୍ରକାରେ ଚୋରି କରୁଥିଲା ଏବଂ ସେସବୁକୁ ବିକ୍ରି କରି ଭଲ ଟଙ୍କା ପାଉଥିଲା। କିନ୍ତୁ ଏସବୁ ସମ୍ପର୍କରେ ସେତେବେଳେ ଜଣାପଡୁନଥିଲା। ଏବେ ଯେତେବେଳେ ବିସିସିଆଇ ପକ୍ଷରୁ ଷ୍ଟକ୍ ଅଡିଟ୍ କରାଯାଇଛି ସେତେବେଳେ ଏହି କଥା ଧରାପଡ଼ିଛି। ଏହା ପରେ ସିସିଟିଭି ଫୁଟେଜ୍‌ରୁ ଫାରୁକ୍ ଏକ କାର୍ଟୁନ ବାହାରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ଏହା ପରେ ବିସିସିଆଇ ପକ୍ଷରୁ ମେରିନ ଡ୍ରାଇଭ୍ ଥାନାରେ ଅଭିଯୋଗ କରାଯାଇଥିଲା। ଏହାପରେ ପୁଲିସ ଏପର୍ଯ୍ୟନ୍ତ ୫୦ଟି ଜର୍ସି ଜବତ କରିସାରିଥିବା ବେଳେ ଫାରୁକ୍‌କୁ ହେପାଜତ୍‌କୁ ନେଇଛି। ସେହିପରି ସେ ଯେଉଁ ଅନ୍‌ଲାଇନ୍ ଜର୍ସି ଡିଲରଙ୍କୁ ଏସବୁ ଚୋରି ସାମଗ୍ରୀ ବିକ୍ରି କରୁଥିଲା ତାଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ୍ ଉଦ୍ୟମ ଆରମ୍ଭ କରିଛି।

# ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍‌ରେ ଦୁଇ ଓଡ଼ିଆ ଖେଳାଳି



**ଭୁବନେଶ୍ୱର,୨୯।୭/ଏଜେନ୍ସି:** ୨୯ ଜୁଲାଇରୁ ୧ ଅଗଷ୍ଟ ୨୦୨୫ ଚେନ୍ନାଇ ଠାରେ ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ତିନୋଟି ଦଳ ଯଥା ଇଣ୍ଡିଆ ରେଡ୍, ଇଣ୍ଡିଆ ବ୍ଲୁ ଏବଂ ଇଣ୍ଡିଆ ଗ୍ରୀନ୍ ସାମିଲ ହେବେ। ତେବେ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଓଡିଶାର ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ଏମାନେ ହେଲେ ଦେବେନ୍ଦ୍ର ମେହେର ଏବଂ ରାଜେଶ କୁମାର ପ୍ରଧାନ। ଦେବେନ୍ଦ୍ରଙ୍କୁ ଇଣ୍ଡିଆ ବ୍ଲୁ' ପାଇଁ ଚୟନ କରାଯାଇଥିବା ବେଳେ ରାଜେଶ କୁମାରଙ୍କୁ ଇଣ୍ଡିଆ ରେଡ୍ ପାଇଁ ଚୟନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଭଲ ପ୍ରଦର୍ଶନକାରୀଙ୍କୁ ଅନ୍ତର୍ଜାତୀୟ ଭିନ୍ନକ୍ଷମ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଭାରତୀୟ ଦଳ ରେ ସାମିଲ ହୋଇପାରିବେ ବୋଲି ଜଣାପଡିଛି। ଏହି ଦୁଇ ଓଡ଼ିଆ ଖେଳାଳିଙ୍କୁ ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୈସୱାଲ୍ କୋଷାଧକ୍ଷ ଚିତ୍ତରଞ୍ଜନ ମିଶ୍ର, ଉପସଭାପତି ମଣ୍ଟୁ ଦାସ, ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ଆଜାର ଓ ଅଧିନାୟକ ରାଖାଲ୍ କୁମାର ସେଠି ଏବଂ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ଓଭାଲ ପିଚ୍ କ୍ୟୁରେଟର୍‌ଙ୍କ ଉପରେ ରାଗିଗଲେ ଗୌତମ ଗମ୍ଭୀର

**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ସିରିଜର ପଞ୍ଚମ ଏବଂ ଶେଷ ମ୍ୟାଚ ଜୁଲାଇ ୩୧ରୁ ଖେଳାଯିବ। ପଞ୍ଚମ ଟେଷ୍ଟ ମ୍ୟାଚର ଦୁଇ ଦିନ ପୂର୍ବରୁ, ମଙ୍ଗଳବାର ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଓଭାଲ ପିଚ୍ କ୍ୟୁରେଟରଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିବା ଜଣାପଡିଛି। ଏହି ଯୁକ୍ତିତର୍କ ସେତେବେଳେ ହୋଇଥିଲା ଯେତେବେଳେ ଟିମ ଇଣ୍ଡିଆ ଅଭ୍ୟାସ ସେସନ ପାଇଁ ଗ୍ରାଉଣ୍ଡରେ ପହଞ୍ଚିଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। ବିବାଦ ଏତେ ବଢ଼ି ଯାଇଥିଲା ଯେ ଗୌତମ ଗମ୍ଭୀର ପିଚ କ୍ୟୁରେଟରଙ୍କ ଉପରେ କ୍ରୋଧରେ ଚିତ୍କାର କରି କହିଥିଲେ ତୁମେ ଆମକୁ କ'ଣ କରିବାକୁ ହେବ ତାହା କହିବା ଦରକାର ନାହିଁ। ଓଭାଲ ଗ୍ରାଉଣ୍ଡ ଷ୍ଟାଫ୍ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ବିରୋଧରେ ଅଭିଯୋଗ କରିବାକୁ ମଧ୍ୟ ଧମକ ଦେଇଥିଲେ। ସୂଚନାଯୋଗ୍ୟ, କ୍ୟୁରେଟର ଲି ଫୋର୍ଟିସଙ୍କ ଆଚରଣ ଭ୍ରମଣକାରୀ ଦଳଙ୍କ ପାଇଁ ସର୍ବଦା ଖରାପ ରହିଆସିଛି।

## ଦେଶ ବିଦେଶ

# ନ୍ୟୁୟର୍କରେ ଅତର୍କିତ ଗୁଳିକାଣ୍ଡ: ୫ ମୃତ

**ନ୍ୟୁୟର୍କ, ୨୯।୭/ଏଜେନ୍ସି:** ଆମେରିକାର ନ୍ୟୁୟର୍କ ସହରରେ ପୁଣିଥରେ ଗୁଳିଫୁଟିଛି। ରିପୋର୍ଟ ଅନୁସାରେ ଏଠାରେ ଜଣେ ଆତତାୟୀ ଅତର୍କିତ ଭାବେ ଗୁଳିକାଣ୍ଡ ଭିଆଇଥିବା ବେଳେ ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ସାମିଲ ଅଛନ୍ତି। ତେବେ ସୁରକ୍ଷାକର୍ମୀଙ୍କ ପାଲଟା ଗୁଳିରେ ଆତତାୟୀଜଣକ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଛି। ନ୍ୟୁୟର୍କର ସେଣ୍ଟ୍ରାଲ ମନହାଟନରେ ଗୁଳିକାଣ୍ଡର ଭିଜୁଆଲ ସାମ୍ନାକୁ ଆସିଛି। ଆତତାୟୀଜଣକର ନାମ ସେନ୍ ତାମୁରା (୨୭) ଏବଂ ସେ ଲସ୍ ଭେଗାସର ସ୍ଥାୟୀବାସିନ୍ଦା ବୋଲି ଜଣାପଡିଛି। ଏନେଇ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥା ସିଏନଏନ ପକ୍ଷରୁ ରିପୋର୍ଟ ପ୍ରକାଶ କରିଛି। ଆତତାୟୀଜଣକ ମନହାଟନରେ ମଝି ସହରରେ ଥିବା ପାର୍କ ଆଭେନ୍ୟୁ ଲବିରୁ ପାଖରେ ଥିବା ଏକ ଜନଗହଳି ପୂର୍ଣ୍ଣ ସ୍ଥାନକୁ ଗୁଳି ଚଳାଇଥିଲା। ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୪୦ ମିନିଟ ସମୟରେ ଗୁଳିକାଣ୍ଡ ଘଟିଛି।

# ଆଣ୍ଡାମାନ୍ ନିକୋବରରେ ୬.୨ ତୀବ୍ରତାର ଭୂମିକମ୍ପ

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ମଙ୍ଗଳବାର ସକାଳେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ୬.୨ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ସରକାରୀ ସୂଚନା ଅନୁଯାୟୀ, ଏହି ଭୂମିକମ୍ପ ପ୍ରାୟ ୧୨:୧୧ ସମୟରେ ଅନୁଭୂତ ହୋଇଥିଲା ଏବଂ ଏହାର ଉତ୍ପତ୍ତି ସ୍ଥଳ ୧୦ କିଲୋମିଟର ଗଭୀରତାରେ ରହିଥିବା ରେକର୍ଡ କରାଯାଇଛି। ତେବେ ଏହି ଭୂକମ୍ପନ ଯୋଗୁ ବର୍ତ୍ତମାନ ପର୍ଯ୍ୟନ୍ତ, କୌଣସି ଆହତ କିମ୍ବା ସମ୍ପତ୍ତି କ୍ଷତିର ରିପୋର୍ଟ ସାମ୍ନାକୁ ଆସିନାହିଁ। ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬:୪୪ ସମୟରେ ମଧ୍ୟ ଆଣ୍ଡାମାନ ସାଗରରେ ସମାନ ଗଭୀରତାରେ ଅନୁଭୂତ ହୋଇଥିଲା, କିନ୍ତୁ ଏହାର ତୀବ୍ରତା ୪.୯ କମ୍ ଥିଲା। ଅନ୍ୟପକ୍ଷେ ସୋମବାର ସନ୍ଧ୍ୟା ୬:୩୬ ସମୟରେ ଅରୁଣାଚଳ ପ୍ରଦେଶର ତିରପ ଜିଲ୍ଲାରେ ୩.୫ ତୀବ୍ରତାର ଆଉ ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ଏହା ପୂର୍ବରୁ, ୨୧ ଜୁଲାଇରେ, ଅରୁଣାଚଳପ୍ରଦେଶର ଉପର ସୁବାନସିରି ଜିଲ୍ଲାରେ ୩.୪ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା। ସାରା ବିଶ୍ୱରେ ପ୍ରାୟ ପ୍ରତିଦିନ ଭୂମିକମ୍ପ ଅନୁଭୂତ ହେଉଛି। ୨୦ ଜୁଲାଇରେ, ରୁଷ୍‌ର କାମଚଟକା ଅଞ୍ଚଳରେ ୧୦ କିଲୋମିଟର ଗଭୀରତାରେ ୭.୪ ତୀବ୍ରତାର ଏକ ଭୂମିକମ୍ପ ରେକର୍ଡ କରାଯାଇଥିଲା। ୟୁରୋପୀୟ-ଭୂମଧ୍ୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଏବଂ ଜର୍ମାନୀର ଜିଏଫ୍‌ଜେଡ୍ ଉଭୟ ୭.୪ ତୀବ୍ରତାର ଭୂମିକମ୍ପ ରିପୋର୍ଟ କରିଛନ୍ତି। ହାୱାଇରେ, ଆମେରିକାର ଜାତୀୟ ସୁନାମି ଚେତାବନୀ କେନ୍ଦ୍ର ଦ୍ୱାରା ପ୍ରଥମେ ସୁନାମି ଚେତାବନୀ ଜାରି କରାଯାଇଥିଲା କିନ୍ତୁ ପରେ ଏହାକୁ ବାତିଲ କରାଯାଇଥିଲା।

### ବିମାନବନ୍ଦରକୁ ଫେରିଲା ବୋଇଂ ୭୮୭ ଡ୍ରିମ୍‌ଲାଇନର

# ପୁଣି ବୋଇଂ ବିମାନ ଇଞ୍ଜିନ୍‌ରେ ତ୍ରୁଟି

**ନୂଆଦିଲ୍ଲୀ, ୨୯।୭/ଏଜେନ୍ସି:** ଆଉ ଏକ ବୋଇଂ ବିମାନ ସମ୍ପର୍କରେ ସୂଚନା ମିଳିଛି ଯାହାକି ଯାନ୍ତ୍ରିକ ତ୍ରୁଟିର ଶିକାର ହୋଇ ବିମାନବନ୍ଦରକୁ ଫେରିବାକୁ ବାଧ୍ୟ ହୋଇଛି। ରିପୋର୍ଟ ଅନୁସାରେ ଗତ ଶୁକ୍ରବାର, ମଝି ଆକାଶରେ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବା ପରେ ମ୍ୟୁନିକ୍ ଯାଉଥିବା ୟୁନାଇଟେଡ୍ ଏୟାରଲାଇନ୍ସର ଏକ ବିମାନ ଉଡ଼ାଣ ଆରମ୍ଭ ହେବାର କିଛି ସମୟ ପରେ ୱାଶିଂଟନ୍ ଡଲେସ୍ ବିମାନବନ୍ଦରକୁ ଫେରିବାକୁ ବାଧ୍ୟ ହୋଇଥିଲା। ଉଡ଼ାଣର କିଛି ମିନିଟ୍ ପରେ ବିମାନର ବାମ ଇଞ୍ଜିନ୍‌ରେ ତ୍ରୁଟି ଦେଖାଦେବାରୁ ଏକ 'ମେ ଡେ' ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା। ପ୍ରାୟ ୫ ହଜାର ଫୁଟ ଉଚ୍ଚତାରେ ଏହି ଘଟଣା ଘଟିଥିଲା, ଯାହା ଫଳରେ ବିମାନ କର୍ମଚାରୀମାନେ ଏକ ଜରୁରୀକାଳୀନ ଘୋଷଣା ଜାରି କରିଥିଲେ ଏବଂ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ବିମାନ ଟ୍ରାଫିକ୍ ନିୟନ୍ତ୍ରକଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ମୂଳତଃ ମ୍ୟୁନିକ ବିମାନବନ୍ଦରକୁ ଯାଉଥିବା ବିମାନଟି ୱାଶିଂଟନର ଉତ୍ତର-ପଶ୍ଚିମରେ ସୁରକ୍ଷିତ ଭାବରେ ଇନ୍ଧନ ପକାଇବା ଏବଂ ଅବତରଣ ପାଇଁ ରଖାଯାଇଥିଲା। ସୂଚନା ଅନୁସାରେ, ଇନ୍ଧନ ଡମ୍ପିଂ ଚାଲିଥିବା ସମୟରେ ପାଇଲଟ୍ ୬ ହଜାର ଫୁଟ ଉଚ୍ଚତା ବଜାୟ ରଖିବାକୁ ଅନୁରୋଧ କରିଥିଲେ। ବିମାନ ଟ୍ରାଫିକ୍ ନିୟନ୍ତ୍ରକମାନଙ୍କୁ ଏୟାରସ୍ପେସ୍ ସଫା କରିଥିଲେ ଏବଂ ବିମାନକୁ ୨୦ ଡିଗ୍ରୀ ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଇନ୍ଧନ ଡମ୍ପିଂ ସମାପ୍ତ ହେବା ପରେ, କ୍ରୁ ରନୱେ ୧୯ ସେଣ୍ଟରରେ ଲ୍ୟାଣ୍ଡିଂ ପାଇଁ ଅନୁରୋଧ କରିଥିଲେ। ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଥିବା ରିପୋର୍ଟରେ କୁହାଯାଇଛି।

# ୨୨ ପିଲାଙ୍କୁ ପୋଷ୍ୟ ଗ୍ରହଣ କରିବେ ରାହୁଲ

**ଶ୍ରୀନଗର,୨୯।୭/ଏଜେନ୍ସି:** ଅପରେଶନ ସିନ୍ଦୂର ବେଳେ ପାକିସ୍ତାନୀ ସେନାର ସେଲ୍ ମାଡ଼ରେ ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ଅନାଥ ହୋଇଥିବା ୨୨ ଜଣ ପିଲାଙ୍କୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୋଷ୍ୟ ଭାବେ ଗ୍ରହଣ କରିବେ। ଏହି ପିଲାମାନେ ପାକିସ୍ତାନୀ ସେଲ୍ ମାଡ଼ରେ ସେମାନଙ୍କ ମା'ବାପାଙ୍କୁ ହରାଇଥିବା ଜମ୍ମୁ-କାଶ୍ମୀର କଂଗ୍ରେସର ମୁଖ୍ୟ ମୁଖପାତ୍ର ରବୀନ୍ଦ୍ର ଶର୍ମା କହିଛନ୍ତି। ରାହୁଲ ଉକ୍ତ ପିଲାମାନଙ୍କ ସମସ୍ତ ଖର୍ଚ୍ଚ ବହନ କରିବେ। ମେ' ୭ରେ ଅପରେଶନ ସିନ୍ଦୂର ଆରମ୍ଭ ହୋଇଥିବା ବେଳେ ପାକିସ୍ତାନୀ ସେନା ୪ ଦିନ ଧରି ଜୋରଦାର ସେଲ୍ ମାଡ଼ କରିଥିଲା। ଏଥିରେ ସୀମାନ୍ତ ଜିଲ୍ଲା ପୁଞ୍ଚ୍ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ୧୩ ଜଣ ସାଧାରଣ ଲୋକ ପ୍ରାଣ ହରାଇବା ସହ ୭୫ ଜଣ ଆହତ ହୋଇଥିଲେ ଏବଂ ଶତାଧିକ ଘର ଧ୍ୱଂସ ହୋଇଥିଲା।

# ଆଜି ଉତ୍କ୍ଷେପଣ ହେବ 'ନିସାର'

### ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେବ ନାସା-ଇସ୍ରୋର ଏହି ମିଳିତ ଉପଗ୍ରହ



**ନୂଆଦିଲ୍ଲୀ,୨୯।୭/ଏଜେନ୍ସି:** ନାସା ଓ ଇସ୍ରୋ ଦ୍ୱାରା ମିଳିତ ଭାବରେ ବିକଶିତ ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ 'ନିସାର', ଜୁଲାଇ ୩୦ରେ ସନ୍ଧ୍ୟା ୫.୪୦ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ଉତ୍କ୍ଷେପଣ କରାଯିବ। ଏହି ଉପଗ୍ରହକୁ ଜିଏସ୍‌ଏଲ୍‌ଭି-ଏଫ୧୬ରେ ଉତକ୍ଷେପଣ କରାଯିବ ଏବଂ ଏହାକୁ ୭୩୪ କିଲୋମିଟର ଦୂର ସୂର୍ଯ୍ୟର ସମାନ କକ୍ଷପଥରେ ରଖାଯିବ। ଏହି ଉପଗ୍ରହ ପ୍ରତି ୧୨ ଦିନରେ ସମଗ୍ର ବିଶ୍ୱକୁ ସ୍କାନ କରିବ, ଯାହା ପୃଥିବୀ ପୃଷ୍ଠର ଏକ ବିସ୍ତୃତ ଚିତ୍ରର ଏକ ଶୃଙ୍ଖଳା ପ୍ରଦାନ କରିବ। ଦୁଇଟି ରାଡାର ସିଷ୍ଟମ୍ ସହିତ, ଏହି ଉପଗ୍ରହ ସମସ୍ତ ପ୍ରକାରର ପାଣିପାଗ ପରିସ୍ଥିତିରେ ଏବଂ ଦିନ ଏବଂ ରାତି ଉଭୟ ସମୟରେ ବହୁତ ଉଚ୍ଚ-ରିଜୋଲ୍ୟୁସନ୍‌ଯୁକ୍ତ ତଥ୍ୟ ପ୍ରଦାନ କରିପାରିବ। ଏହି ଉପଗ୍ରହ ସମାନ ଭୂଖଣ୍ଡରେ ବାରମ୍ବାର ପର୍ଯ୍ୟବେକ୍ଷଣ ସମୟରେ ଏକ ସେଣ୍ଟିମିଟର ଆକାରର ଛୋଟ ପରିବର୍ତ୍ତନଗୁଡ଼ିକୁ କଏଦ କରିବା ପାଇଁ ଯଥେଷ୍ଟ ଶକ୍ତିଶାଳୀ। ସୁତରାଂ ଏହା ପୃଥିବୀ ପୃଷ୍ଠରେ ଘଟୁଥିବା ଗତିଶୀଳ ପ୍ରକ୍ରିୟାଗୁଡ଼ିକ, ଯେପରିକି ହିମବାହ, ସମୁଦ୍ର ବରଫର ଗତି, ଝଡ଼ର ପଥ, ଉଦ୍ଭିଦ ଏବଂ ଜଙ୍ଗଲରେ ପରିବର୍ତ୍ତନ, ଏବଂ ଭୂମିକମ୍ପ ଓ ଆଗ୍ନେୟଗିରିର ଗତିବିଧି ଅଧ୍ୟୟନ କରିପାରିବ। ଏହି ଉପଗ୍ରହ ଜଳବାୟୁ ପରିବର୍ତ୍ତନ କିମ୍ବା ପ୍ରାକୃତିକ ବିପଦ ଭଳି ପ୍ରକ୍ରିୟାଗୁଡ଼ିକ ବିଷୟରେ ନୂତନ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ ବୋଲି ବୈଜ୍ଞାନିକମାନେ ଆଶା କରୁଛନ୍ତି। ୨୩୯୨ କିଲୋଗ୍ରାମ ଓଜନ ବିଶିଷ୍ଟ, ନିସାର ଏକ ଭିନ୍ନ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଏବଂ ଏହା ପ୍ରଥମ ଥର ପାଇଁ ଦୁଇଟି ଫ୍ରିକ୍ୱେନ୍ସିରେ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏହା ନାସା ଓ ଇସ୍ରୋ ସିନ୍ଥେଟିକ୍ ଆପର୍ଚର ରାଡାର ପାଇଁ ବ୍ୟବହୃତ ହୁଏ। ନିସାର ନାସାର ଏଲ-ବ୍ୟାଣ୍ଡ ଏବଂ ଇସ୍ରୋର ଏସ-ବ୍ୟାଣ୍ଡ ଫ୍ରିକ୍ୱେନ୍ସିରେ ପୃଥିବୀକୁ ପରିକ୍ରମା କରିବ। ଗୋଟିଏ ଉପଗ୍ରହରେ ଦୁଇଟି ରାଡାର ସିଷ୍ଟମ ରଖିବା ଏକ ଅନନ୍ୟ ଇଞ୍ଜିନିୟରିଂ ସଫଳତା କାରଣ ଦୁଇଟି ସିଷ୍ଟମକୁ ହାର୍ଡୱେରର ବିଭିନ୍ନ ସେଟ୍ ଆବଶ୍ୟକ, ଏବଂ ପରସ୍ପର ସହିତ ହସ୍ତକ୍ଷେପ ନକରି ପରିପୂରକ ଢଙ୍ଗରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ପ୍ରାୟ ୧.୫ ବିଲିଅନ୍ ଆମେରିକୀୟ ଡଲାର ମୂଲ୍ୟର ଏହି ଉପଗ୍ରହ ବିଶ୍ୱର ସବୁଠାରୁ ମହଙ୍ଗା ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ, ଇସ୍ରୋ ଏହି ସାଟେଲାଇଟ୍ ପାଇଁ ୪୬୯.୪ କୋଟି ଟଙ୍କା ପ୍ରଦାନ କରିଛି।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra